

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୧ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 21 NOVEMBER 2022
Vol.No. 33 ■ No. 302 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆମେରିକାର ସମଲିଙ୍ଗୀ କ୍ଲବରେ ଆଖିବୁଜା ଗୁଳିମାଡ : ୫ ମୃତ, ୧୮ ଗୁରୁତର



ନୂଆଦିଲ୍ଲୀ, ୨୦/୧୧ : ଆମେରିକାରେ ଥମୁନାହିଁ ଗୁଳିମାଡ ଘଟଣା । ଗତକାଲି ରାତିରେ ଆମେରିକାର କଲୋରଡୋ ଠାରେ ଥିବା ସ୍ପ୍ରିଙ୍ଗ୍ ସମଲିଙ୍ଗୀ କ୍ଲବରେ ଅଚାନକ ଗୁଳିମାଡ କାରଣରୁ ୫ ଜଣଙ୍କର ମୃତ୍ୟୁ ହୋଇଛି । ଏହାସହ ୧୮ ଜଣ ଗୁରୁତର ହୋଇଥିବା କୁହାଯାଇଛି । ଗଣମାଧ୍ୟମର ରିପୋର୍ଟ ମୁତାବକ କଲୋରଡୋ ସ୍ପ୍ରିଙ୍ଗ୍ସରେ ଥିବା ଏକ ସମଲିଙ୍ଗୀ ନାଇଟ୍ କ୍ଲବରେ ଜଣେ ବନ୍ଧୁକଧାରୀ ଗୁଳି ଚଳାଇଥିଲା । ଏହି ଗୁଳି ଚଳାଇବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଗୁଳିଚାଳନାର ସୂଚନା ପାଇବା ପରେ ବହୁ ସଂଖ୍ୟାରେ ପୋଲିସ ସହ ଆମ୍ବୁଲାନ୍ସ ସଂପୃକ୍ତ କ୍ଲବ ନିକଟରେ ଥିବା ଭିଡିଓରେ ଦେଖିବାକୁ ମିଳିଛି । କ୍ଲବରେ ଟ୍ରାନ୍ସଜେଣ୍ଡର ଡେ ଅଫ୍ ରିମେମ୍ବରସ ନାମରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାର ସମଲିଙ୍ଗୀ ଯୋଗ ଦେଇଥିଲେ । ଆମେରିକା ଗଣମାଧ୍ୟମର ଏକ ରିପୋର୍ଟ ମୁତାବକ ବନ୍ଧୁକଧାରୀ ଏକ ସ୍ୱାଇପର ରାଇଫଲ ସହାୟତାରେ ଗୁଳି ଚଳାଇଥିଲା । ହେଲେ ସେ କାହିଁକି ଏଭଳି କାଣ୍ଡ ଘଟାଇଲା ସେନେଇ କୌଣସି ସ୍ପଷ୍ଟ ଖବର ଆସିପାରି ନାହିଁ । ସେପଟେ ଗୁଳି ଚଳାଇବା ପରେ ବନ୍ଧୁକଧାରୀ ଜଣଙ୍କ କେଉଁଆଡେ ଫେରାର ହୋଇଯାଇଛି । ସୂଚନା ଥାଉକି ଏହା ପୂର୍ବରୁ ନଭେମ୍ବର ୧୬ ତାରିଖରେ କଲମ୍ବିଆର କ୍ଲବ ରୋଜ ଗୋଲ୍ଡରେ ମଧ୍ୟ ଗୁଳି ବିନିମୟ ହୋଇଥିଲା । ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କିଛି ଲୋକ ଆହତ ହୋଇଥିଲେ ।

## ଆଜିଠୁ ଆରମ୍ଭ ଫୁଟବଲ୍ ମହାକୁମ୍ଭ



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ସାରା ବିଶ୍ୱର ଫୁଟବଲ୍ ଫ୍ୟାନ୍ସଙ୍କ ପାଇଁ ଆରମ୍ଭ ହୋଇଛି ବଡ ଉତ୍ସବ । ଫିଫା ଇତିହାସରେ ପ୍ରଥମ ଥର ମଧ୍ୟ ପ୍ରାଚ୍ୟରେ ଏହି ମହାଉତ୍ସବ ଅନୁଷ୍ଠିତ ହେଉଛି । ଫିଫା ବିଶ୍ୱକପର ଉଦ୍ଘାଟନ ଉତ୍ସବ ଅଲବେୟତ୍ ଷ୍ଟାଡିୟମରେ ଆୟୋଜିତ ହେଉଛି । ଏହି ଷ୍ଟାଡିୟମ୍ରେ ୬୦ ହଜାର ଲୋକ ବସିପାରିବାର ସୁବିଧା ରହିଛି । ଏହି ଷ୍ଟାଡିୟମକୁ ଅତ୍ୟାଧୁନିକ ଜ୍ଞାନ କୌଶଳରେ ତିଆରି କରାଯାଇଛି । ଆପଣ ଜାଣି ଖୁସି ହେବେ ଏହି ଷ୍ଟାଡିୟମ ତିଆରି ପଛରେ ରହିଛି ଓଡିଆଙ୍କ ହାତ । ଏହି ଷ୍ଟାଡିୟମ ତିଆରିରେ ନିୟୋଜିତ ଥିବା ଅଧିକାଂଶ ପ୍ଲମ୍ବର, ଟେକ୍ନିସିଆନ, ଇଲେକ୍ଟ୍ରିସିଆନ ହେଉଛନ୍ତି ଓଡିଆ, ଯାହାଙ୍କ ଅବଦାନ ଏହି ଷ୍ଟାଡିୟମ ନିର୍ମାଣରେ ସର୍ବାଧିକ । ଏହି ଫିଫା ବିଶ୍ୱକପ କେନ୍ଦ୍ରାପଡ଼ାର ଜିଲ୍ଲା ପାଇଁ ଆଣି ଦେଇଛି ଅନେକ ଖୁସି । କତାରର ଷ୍ଟାଡିୟମ ନିର୍ମାଣ ଓ ଅନ୍ୟ ଭିତିଭୂମି କାର୍ଯ୍ୟରେ ନିୟୋଜିତ ଥିଲେ କେନ୍ଦ୍ରାପଡ଼ାର ହଜାର ହଜାର ପ୍ଲମ୍ବର । ଆଉ ସେଠାରେ କାମ କରି ଭଲ ଦୁଇପଇସା ମଧ୍ୟ ରୋଜଗାର କରୁଛନ୍ତି ଜିଲ୍ଲାବାସୀ । ଜିଲ୍ଲାରୁ ପ୍ରାୟ ୨୫୦୦ ପ୍ଲମ୍ବର କତାର ଷ୍ଟାଡିୟମ ଓ ଅନ୍ୟ ଭିତିଭୂମି ନିର୍ମାଣରେ ନିୟୋଜିତ ଅଛନ୍ତି । ୨୦୧୦ରେ କତାରକୁ ବିଶ୍ୱକପ୍ ଆୟୋଜନ ଦାୟିତ୍ୱ ମିଳିଥିଲା । ଜିଲ୍ଲାର ୫୦୦ ପ୍ଲମ୍ବରଙ୍କର ଭିସା ଓ ଟ୍ରାଭେଲ୍ ସମ୍ବନ୍ଧିତ ଡକ୍ୟୁମେଂଟର ବ୍ୟବସ୍ଥା କରିଥିଲେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇର ଏକ ଟ୍ରାଭେଲ୍ସର ମ୍ୟାନେଜର ସମର ସାହୁ । ୪୦୦ ପ୍ଲମ୍ବର, ଫିଟର ଓ ଫୋରମ୍ୟାନଙ୍କୁ କେବଳ କତାର ଷ୍ଟାଡିୟମର ପରିମଳ କାମରେ ନିୟୋଜିତ କରାଯାଇଥିଲା । କେବଳ ପ୍ଲମ୍ବର ଓ ଫିଟର ନୁହଁନ୍ତି, ବରଂ ଜିଲ୍ଲାର କିଛି ଇଲେକ୍ଟ୍ରିସିଆନ୍ ମଧ୍ୟ ନବନିର୍ମିତ ଷ୍ଟାଡିୟମ ଏବଂ ଏହାର ଭିତିଭୂମି କାମରେ ଦିନରାତି ଏକ କରିଦେଇଥିଲେ । ଏହି ଷ୍ଟାଡିୟମରେ ଫିଫା ବିଶ୍ୱକପର ଆୟୋଜନ ଏମାନଙ୍କୁ ବହୁତ ଖୁସି ଦେଇଛି । ପୂର୍ବରୁ ଏହି ଶ୍ରମିକମାନେ ମୁମ୍ବାଇରେ ମାତ୍ର ୨୫ହଜାର ଟଙ୍କା ପାଉଥିଲେ ଏବେ ୭୦ ହଜାର ଟଙ୍କା ରୋଜଗାର କରୁଛନ୍ତି ।

## ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣାରେ ସିଂହଦ୍ୱାର ଥାନାରେ ଏତଲା



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ସିଂହଦ୍ୱାର ଥାନାରେ ଏତଲା ଦାୟର କରିଛି । ଏହାକୁ ନେଇ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ଉଲ୍ଲେଖନୀୟ ଯେ ଆକାଶ ଚୌଧୁରୀ ନାମକ ଜଣେ ବ୍ୟକ୍ତି ଫେସବୁକ୍ ପେଜରେ ଶ୍ରୀମନ୍ଦିର ଗର୍ଭଗୃହର ଫଟୋ ଓ ଭିଡିଓ ଭାଇରାଲ କରିଛନ୍ତି । ଆକାଶ ଚୌଧୁରୀଙ୍କ ଫେସବୁକ୍ ପେଜ୍ ବଙ୍ଗଳା ଭାଷାରେ ଲେଖାଯାଇଛି । ତେଣୁ ସେ ପଶ୍ଚିମବଙ୍ଗ ନିବାସୀ ବୋଲି ଅନୁମାନ କରାଯାଉଛି । ସୂଚନାଯୋଗ୍ୟ, ଅତୀତରେ ମଧ୍ୟ ଶ୍ରୀମନ୍ଦିର ଭିତରର ଅନେକ ଫଟୋ ଓ ଭିଡିଓ ଭାଇରାଲ ହୋଇଥିଲା । ପୂର୍ବରୁ ୨୦୧୭ ମସିହାରେ ପ୍ରଥମ ଥର ଗର୍ଭଗୃହ ଫଟୋ ଭାଇରାଲ୍ ହୋଇଥିଲା । ଏହା ଗର୍ଭଗୃହର ଦ୍ୱିତୀୟ ଭାଇରାଲ୍ ଘଟଣା ବୋଲି ସେବାୟତମାନେ ମତ ଦେଇଛନ୍ତି । ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ଅର୍ଚ୍ଚନା ନାମ ମାମଲା ଯାଂଚକୁ ନେଇ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ପ୍ରତିକ୍ରିୟା

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ବହୁଚର୍ଚ୍ଚିତ ଅର୍ଚ୍ଚନା ନାଗ ମାମଲାରେ ଜାଂଚକୁ ନେଇ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ ଏହି ମାମଲାରେ କିଏ ଛନ୍ଦି ହେବ ବା କିଏ ଛନ୍ଦି ହେବ ନାହିଁ ତାହା କହି ହେବ ନାହିଁ । ଶାସକ ଦଳ ହେଉ ବିରୋଧୀ ଦଳ ଯିଏ ଯେମିତି କର୍ମ କରିଥିବ ସେ ତାର ଫଳ ଭୋଗିବ । ସେ କହିଛନ୍ତି ଯେ ଇଡି, ସିବିଆଇ ଯେତେବେଳେ ମାମଲା ନିଅନ୍ତି ସେତେବେଳେ ନିରପେକ୍ଷ ଭାବେ କାମ ହୁଏ । ସେଥିରେ କେହି ହସ୍ତକ୍ଷେପ କରନ୍ତି ନାହିଁ । ଓଡ଼ିଶାରେ ଚିଟଫଣ୍ଡ ଠୁ ନେଇ ବହୁତ ବିଷୟ ରହିଛି । ଇଡ଼ି ହେଉ କି ସିବିଆଇ ସେମାନେ ତାଙ୍କ ପ୍ରକ୍ରିୟା ଅନୁଯାୟୀ କାମ କରୁଛନ୍ତି । କିଛି ଗୋଟେ ଠୋସ ପ୍ରମାଣ ନ ପାଇବା ପର୍ଯ୍ୟନ୍ତ ସେମାନେ ଆକ୍ସନ ନେବେନି । ଆଉ ଆପଣ ମାନେ ଅପେକ୍ଷା କରନ୍ତୁ ୨୦୨୩ ସୁଦ୍ଧା କଣ ହେଉଛି ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ ।

## ଜମୁଛି ପଦ୍ମପୁର ପ୍ରଚାର : କୀର୍ତ୍ତନ କରି କ୍ୟାମ୍ପେନ୍ କଲେ ପ୍ରଦୀପ



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ନିର୍ବାଚନୀ ମାହୋଲରେ ଭୋଟର୍ଙ୍କ ପାଖକୁ ପହଂଚିବା ପାଇଁ ଭିନ୍ନ ଭିନ୍ନ ବାଟ ଆଣାଇଛନ୍ତି ପ୍ରାର୍ଥୀ । ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ, ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ନରସିଂହନାଥଙ୍କ ଭଜନ ଗାଇ କୀର୍ତନ କରୁଥିବା ବେଳେ ବିଜେଡି ପ୍ରାର୍ଥୀ ବର୍ଷା ସିଂ ବରିହାଙ୍କ ପଖାଳ କଂସାରେ ପ୍ରଚାର କରୁଥିବାର ଚିତ୍ର ସାମ୍ନାକୁ ଆସିଛି । ଆଉ ବିଜେଡି-ବିଜେପିର ପ୍ରଚାର ଭିତରେ ମଂଚ ଉପରେ ବର୍ଷିଛନ୍ତି କଂଗ୍ରେସ ପ୍ରାର୍ଥୀ ସତ୍ୟଭୂଷଣ ସାହୁ । ଏସବୁ ଭିତରେ ତିନି ପ୍ରମୁଖ ଦଳ ସଭା-ସମିତି ଜରିଆରେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ବୁକୁରାମୁଣ୍ଡାରେ ବିଜେଡି ବଡ଼ଧରଣର ସଭା କରିଥିବା ବେଳେ ପାଇକମାଳ ବ୍ଲକରେ ଜନସଭା କରିଛି କଂଗ୍ରେସ । ମଂଚ ଉପରୁ ଉଭୟ ବିଜେଡି ଓ କଂଗ୍ରେସ ଉପରେ ବର୍ଷିଛନ୍ତି କଂଗ୍ରେସ ପ୍ରାର୍ଥୀ । ସେହିପରି ପଦ୍ମପୁର ବ୍ଲକର ଗ୍ରାମାଂଚଳରେ ପ୍ରଚାର କରିଛନ୍ତି ବିଜେପି ପ୍ରାର୍ଥୀ । ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଭୂମିକା ନେଇପାରନ୍ତି ଆଦିବାସୀ ଭୋଟ୍ । କାରଣ, ପଦ୍ମପୁରରେ ୨୬% ଏସଟି ଭୋଟର । ୧୩% ଏସସି ଭୋଟର । ଏବଂ ୦୮% ବିଂଝାଲ ଭୋଟର ଅଛନ୍ତି । ପଦ୍ମପୁରରେ ମୋଟ୍ ▶▶ପୃଷ୍ଠା ୭

## ୨୦୨୪ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କୁ ବଡ ଝଟକା

ନୂଆଦିଲ୍ଲୀ, ୨୦/୧୧ : ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପାର୍ଟି ତରଫରୁ ପ୍ରାର୍ଥୀ ହେବାକୁ ଘୋଷଣା କରିସାରିଛନ୍ତି । ଏନେଇ ସେ ଖୁବଶୀଘ୍ର ପ୍ରଚାର ମଧ୍ୟ ଆରମ୍ଭ କରିବାକୁ ଯାଉଛନ୍ତି । ହେଲେ ଟ୍ରମ୍ପଙ୍କ ଝିଅ ଇଭାଙ୍କା ସ୍ପଷ୍ଟ କରିଦେଇଛନ୍ତି କି ସେ ୨୦୨୪ ନିର୍ବାଚନରେ ବାପାଙ୍କ ପାଇଁ ନିର୍ବାଚନ ପ୍ରଚାରରେ ସାମିଲ ହେବେ ନାହିଁ । ଏନେଇ ସେ କୌଣସି ଯୋଜନା କରି ନାହାଁନ୍ତି ବୋଲି କହିଛନ୍ତି । ଇଭାଙ୍କା କହିଛନ୍ତି କି, ସେ ନିଜର ସମସ୍ତ ସମୟ ନିଜ ପରିବାର ପାଇଁ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଏହାସହ ସେ ବାକି ସମୟ ସ୍ୱାମୀ ଜେରେଡ ଓ ୩ ପିଲାଙ୍କ ସହ ବିତାଇବାକୁ ଇଚ୍ଛା କରିଛନ୍ତି । ସେ ତାଙ୍କ ବୟାନରେ କହିଛନ୍ତି କି, 'ମୁଁ ମୋ ବାପାଙ୍କୁ ବହୁତ ଭଲପାଏ, ହେଲେ ରାଜନୀତିରୁ ଦୂରେଇ ଯିବାକୁ ଚାହୁଁଛି ' କହିରଖୁ କି ଇଭାଙ୍କ ଓ ତାଙ୍କ ସ୍ୱାମୀ ଜେରେଡ ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳରେ ୪ ବର୍ଷ ଧରି ହ୍ୱାଇଟ୍ ହାଉସର ବରିଷ୍ଠ ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି । ମଙ୍ଗଳବାର ଦିନ ଯେତେବେଳେ ଡୋନାଲ୍ଡ ଟ୍ରମ୍ପଙ୍କୁ ରିପବ୍ଲିକାନ ପାର୍ଟି ତରଫରୁ ପ୍ରାର୍ଥୀ ଭାବେ ଘୋଷଣା କରାଗଲା ସେତେବେଳେ ଜେରେଡ ସେଠାରେ ଉପସ୍ଥିତ ଥିଲେ । ହେଲେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ ଝିଅ ଇଭାଙ୍କା ଟ୍ରମ୍ପ୍ ।

## ଆଜି ହେବ ଜହ୍ଲାଦ ପ୍ରେମିକ ଅଫତାବର ନାର୍କୋ ଟେଷ୍ଟ !



ନୂଆଦିଲ୍ଲୀ, ୨୦/୧୧ : ରାଜଧାନୀ ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ହତ୍ୟା ମାମଲାରେ ଜହ୍ଲାଦ ପ୍ରେମିକ ଅଫତାବର ଆସନ୍ତାକାଲି ନାର୍କୋ ଟେଷ୍ଟ ହୋଇପାରେ । ଏହି ହତ୍ୟାକାଣ୍ଡର ଏକମାତ୍ର ମୁଖ୍ୟ ଅଭିଯୁକ୍ତ ଅଫତାବର ନାର୍କୋ ଟେଷ୍ଟ ପାଇଁ ଦିଲ୍ଲୀ ପୁଲିସ ଫରେନସିକସ୍ ଟିମକୁ ଅନୁରୋଧ କରିଛି । ଆସନ୍ତାକାଲି ଦିଲ୍ଲୀର ରୋହଣୀଠାରେ ଥିବା ଡକ୍ଟର ବାବା ସାହେବ ଆମ୍ବେଦକର ହସପିଟାଲରେ ଅଫତାବର ନାର୍କୋ ଟେଷ୍ଟ ହୋଇପାରେ । ନାର୍କୋ ଟେଷ୍ଟ ପାଇଁ ପୂର୍ବରୁ ଦିଲ୍ଲୀର ସାକେତ କୋର୍ଟ ସବୁଜ ସଙ୍କେତ ଦେଇଛନ୍ତି । କାରଣ ଅଫତାବ ବାରମ୍ବାର ନିଜର ବୟାନ ବଦଳାଉଛନ୍ତି । ନାର୍କୋ ପରୀକ୍ଷା ସମୟରେ ଏକ ଫୋରେନସିକ୍ ଟିମ୍ ଉପସ୍ଥିତ ରହିବା ଏବଂ ପରୀକ୍ଷାର ଭିଡିଓଗ୍ରାଫି କରାଯିବ । ଏବେ ଯାଏ ଶ୍ରଦ୍ଧାଙ୍କ ଶରୀରର ସବୁ ଖଣ୍ଡ ପୁଲିସକୁ ମିଳିନଥିବା ବେଳେ ଅଫତାବ କେତେ ସତ ଏବଂ କେତେ ମିଛ କହୁଛି, ତାହା ଜାଣିପାରୁନାହିଁ ପୁଲିସ । ଅଫତାବ କହିଛି ଯେ, ଶ୍ରଦ୍ଧାଙ୍କ ସହ ପ୍ରେମ ସମ୍ପର୍କରେ ରହିବା ପରେ ଧିରେ ଧିରେ ତାଙ୍କ ପ୍ରତି ମୋର ଭଲପାଇବା କମିଥିଲା । ମୁଁ ତାଙ୍କୁ ଘୃଣା କରିବା ଆରମ୍ଭ କରିଥିଲି । ଏହି କାରଣରୁ ତାଙ୍କୁ ମୁଁ ହତ୍ୟା କରିଥିଲି । ▶▶ପୃଷ୍ଠା ୭

## କିଏ ଲୁଚାଇଥିଲା ଅର୍ଚ୍ଚନାଙ୍କ ଏଣ୍ଡେଭର କାର: ଗତ ୧ ମାସର ସିସିଟିଭି ଫୁଟେଜ ଯାଞ୍ଚ କରିବ ଇଡି



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଲେଡି ବ୍ଲକମେଲର ଅର୍ଚନା ନାଗଙ୍କ ସମ୍ପର୍କରେ ଦିନକୁ ଦିନ ପ୍ରବର୍ତନ ନିର୍ଦ୍ଦେଶାଳୟକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବାରେ ଲାଗିଛି । ଅର୍ଚ୍ଚନାଙ୍କ ଯେଉଁ ଏଣ୍ଡେଭର କାରକୁ ଇଡି ଅଧିକାରୀ ଖୋଜୁଥିଲେ, ସେହି କାରକୁ ଜବତ କରାଯାଇଛି । ଚର୍ଚ୍ଚାରେ ଥିବା ଅର୍ଚ୍ଚନାଙ୍କ ୩୩ ଲକ୍ଷ ଟଙ୍କାର ଏଣ୍ଡେଭର କାରକୁ ମଂଚେଶ୍ୱର ଶିଳ୍ପାଂଚଳରୁ ଠାବ କରିଛି ଇଡି । ପ୍ରଥମେ କାରକୁ ନେବା ପାଇଁ ଟୋଇଂ କାର ଡକାଯାଇଥିଲା । ହେଲେ କାର ପାର୍କିଂ ମୋଡରେ ଥିବାରୁ ନେବା ସମ୍ଭବପର ହୋଇନଥିଲା । ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଗାଡିର ଡୋର ଖୋଲିପାରିନଥିଲା । ପରେ କାରକୁ ନେବା ପାଇଁ ବିଶେଷଜ୍ଞ ଦଳକୁ ଡକାଇଥିଲେ ଇଡି ଅଧିକାରୀ । କିଛି ସମୟ ପରେ ଏକ ମାଷ୍ଟର କି ଜରିଆରେ କାରର ଡୋର ଖୋଲାଯାଇଥିଲା । ଇଡି ଅଧିକାରୀ ଗାଡିର ଚେସିସ ଓ ଇଂଜିନ ନଂବର ଯାଂଚ କରିଥିଲେ । ଏହାପରେ ସେହି ନମ୍ବରକୁ ହ୍ୱାଟସଆପରେ ପଠାଇ ପୁଷ୍ଟି କରିଥିଲେ ଗାଡି କାହା ନାଁରେ ରହିଛି । ସେପଟୁ ମେସେଜ ଆସିବା ପରେ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଏଣ୍ଡେଭର ଗାଡିଟି ଅର୍ଚ୍ଚନାଙ୍କର ବୋଲି ସ୍ପଷ୍ଟ କରିଥିଲେ ଇଡି ଅଧିକାରୀ । ଏଣ୍ଡେଭର କାରକୁ ଯାଂଚ କରିବା ପରେ ଇଡି ଅଧିକାରୀ କାରକୁ ଚଲାଇ ଇଡି କାର୍ଯ୍ୟାଳୟକୁ ନେଇଛନ୍ତି । ମାଷ୍ଟର କି ଏକ୍ସପର୍ଟ ଟିମ ଦେଲେ, ନା ଅର୍ଚ୍ଚନାଙ୍କ ଘରୁ ଚାବି ଖୋଜା ହୋଇ ଆସିଲା, ତାହା ଜଣାପଡି ନାହିଁ । ଆଗକୁ କାର ସୋରୁମ ମାଲିକକୁ ଡାକି ପୁଣି ଥରେ ପଚରା ଉଚରା କରିପାରନ୍ତି ଇଡି ଅଧିକାରୀ । ଏହାଛଡା ଗାଡି ସେଠାରେ କିଏ ନେଇ ରଖିଥିଲା ସେ ନେଇ ବି ଛାନଭିନ କରିବ ଇଡି । ସ୍ଥାନୀୟ ଅଂଚଳର ସିସିଟିଭିକୁ ବି ଯାଂଚ କରାଯିବ । ଆଗକୁ ଇଡି ବଳିଷ୍ଠ ପ୍ରମାଣ ଯୋଗାଡ କରି ଅର୍ଚ୍ଚନାଙ୍କ କଳା ସାମ୍ରାଜ୍ୟର ଗୁମର ଖୋଲିବ ବୋଲି ଚର୍ଚ୍ଚା ହେଉଛି । ମଂଚେଶ୍ୱର ଶିଳ୍ପାଂଚଳରେ ▶▶ପୃଷ୍ଠା ୭

## ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା କିଡ୍ନୀ ରୋଗ ପାଇଁ ଔଷଧ ଯୋଗାଣ ସମୀକ୍ଷା

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର କିଡ୍ନୀ ଟ୍ରାନ୍ସପ୍ଲାଂଟ ହୋଇଥିବା ରୋଗୀମାନଙ୍କ ନିମନ୍ତେ ନିରାମୟ ଯୋଜନା ମାଧ୍ୟମରେ ଯୋଗାଯାଉଥିବା ଔଷଧ ଯୋଗାଣ ସ୍ଥିତିର ସମୀକ୍ଷା କରିଥିଲେ । ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ରୋଗୀଙ୍କ ପାଇଁ କିଣାଯାଉଥିବା ଔଷଧର ଗୁଣାତ୍ମକ ମାନ, କ୍ରୟ ଓ ଯୋଗାଣ ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ବୈଠକରେ ସମସ୍ତ ବୈଷୟିକ, ପ୍ରଶାସନିକ ଏବଂ ଚିକିତ୍ସାଗତ ଦିଗର ସବିଶେଷ ଆଲୋଚନା ହୋଇଥିଲା । କତିପୟ କିଡ୍ନୀ ଟ୍ରାନ୍ସପ୍ଲାଂଟ ହୋଇଥିବା ରୋଗୀମାନେ ଔଷଧର ଗୁଣାତ୍ମକ ମାନ ବିଷୟରେ ଉଠାଇଥିବା ଅଭିଯୋଗ ବିଷୟ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଥିଲା ଯେ: କିଡ୍ନୀ ଟ୍ରାନ୍ସପ୍ଲାଂଟ ଅପରେସନ୍ ଏବଂ ଅପରେସନ୍ ପରବର୍ତ୍ତୀ ଚିକିତ୍ସା ପାଇଁ ଆବଶ୍ୟକୀୟ ସମସ୍ତ ଔଷଧ ସରକାରୀ ମେଡ଼ିକାଲ କଲେଜ ଓ ଡାକ୍ତରଖାନାର ନିରାମୟ କାଉଂଟର ମାଧ୍ୟମରେ ମାଗଣାରେ ଦିଆଯାଉଛି । ଏହିସବୁ ଔଷଧର ଗୁଣାତ୍ମକ ମାନ ଏନ୍.ଏ.ବି.ଏଲ୍ ସ୍ୱୀକୃତ ପରୀକ୍ଷାଗାରମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ପ୍ରାମାଣିତ ହୋଇଥାଏ । ଔଷଧ କିଣାଯିବା ପୂର୍ବରୁ ନିର୍ଭରଯୋଗ୍ୟ ବୈଜ୍ଞାନିକ ପଦ୍ଧତିରେ ଏହାର ଗୁଣାତ୍ମକ ମାନ ଯାଂଚ କରାଯାଏ । ସବୁଠାରୁ ଅଧିକ ଫଳଦାୟୀ ଓ ପାର୍ଶ୍ୱପ୍ରତିକ୍ରିୟା ନଥିବା ଔଷଧକୁ ସ୍ୱଚ୍ଛ ଅନ୍‌ଲାଇନ୍ ପ୍ରକ୍ରିୟାରେ ରାଜ୍ୟ ଔଷଧ ନିଗମ କିଣି ଆବଶ୍ୟକ ପରିମାଣରେ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍‌ମାନଙ୍କୁ ଯୋଗାଇ ଦେଇଥାଆନ୍ତି । ବର୍ତ୍ତମାନ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ୍ ଓ ହସ୍‌ପିଟାଲ୍ ମାଧ୍ୟମରେ ୧୨୦ ଜଣ କିଡ୍ନୀ ଟ୍ରାନ୍ସପ୍ଲାଂଟ ହୋଇଥିବା ରୋଗୀଙ୍କର ଅପରେସନ୍ ପରବର୍ତ୍ତୀ ଚିକିତ୍ସା ଚାଲୁରହିଛି । ସେମାନଙ୍କ ମଧ୍ୟରୁ ୭୫ ଶତକଡ଼ା ରୋଗୀ ନିରାମୟ ମାଧ୍ୟମରେ ଦିଆଯାଉଥିବା ଔଷଧ ଖାଉଛନ୍ତି । ଏହି ୯୦ ଜଣ ରୋଗୀ କେବେ ଔଷଧର ପାର୍ଶ୍ୱପ୍ରତିକ୍ରିୟା ବିଷୟରେ କୌଣସି ଅଭିଯୋଗ କରିନାହାନ୍ତି । ସେମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ମଧ୍ୟ ଉନ୍ନତି ହେଉଛି । ନିରାମୟ ମାଧ୍ୟମରେ ଯୋଗାଯାଉଥିବା ଔଷଧର ଗୁଣାତ୍ମକ ମାନ ବିଷୟରେ କୌଣସି ବୈଷୟିକ କମିଟି ସନ୍ଦେହ ପ୍ରକଟ କରିନାହାନ୍ତି । ବୈଠକରେ ଉପସ୍ଥିତ ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନେ ▶▶ପୃଷ୍ଠା ୭

## ଆନ୍ଦୋଳନ ଜିଦ୍‌ରେ ଅଟଳ ଅଙ୍ଗନବାଡ଼ି କର୍ମୀ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ସରକାରଙ୍କ ନୋଟିସ୍ ପରେ ବି ଆନ୍ଦୋଳନକୁ ଓହ୍ଲାଇବେ ଅଙ୍ଗନବାଡ଼ି କର୍ମୀ । ଆସନ୍ତାକାଲି ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ଆନ୍ଦୋଳନ ଡାକରା ଦେଇଛି । ଲୋୟର ପିଏମଜିରେ ବଡ଼ ରାଲି କରିବେ ଅଙ୍ଗନୱାଡ଼ି କର୍ମୀ । ହେଲେ ଆନ୍ଦୋଳନ କଲେ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଆନ୍ଦୋଳନ ନେଇ ରାଜ୍ୟ ସରକାର ନୋଟିସ୍ ଜାରି କରିଥିଲେ । ଆନ୍ଦୋଳନ ଡାକରା ଦେଇଥିବାରୁ ସମନ୍ୱିତ ଶିଶୁ ବିକାଶ ଯୋଜନା ଅନ୍ତର୍ଭୁକ୍ତ ସେବା ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି । ଏହା ଅତ୍ୟାବଶ୍ୟକ ସେବା ଅନ୍ତର୍ଭୁକ୍ତ ହୋଇଥିବାରୁ ଏଥିରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବନି ବୋଲି କୁହାଯାଇଥିଲା । ଯଦି କେହି କାର୍ଯ୍ୟରେ ଯୋଗ ନଦିଅନ୍ତି, କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତବାନୀ ଦିଆଯାଇଥିଲା । ହେଲେ ସରକାରଙ୍କ ନୋଟିସ ସତ୍ତ୍ୱେ ଜିଦରେ ଅଟଳ ଅଛନ୍ତି କର୍ମୀ ।

# ଦ୍ୱିତୀୟ ଦିନରେ ନଟରାଜ କଳା ପରିଷଦର ରଜତ ଜୟନ୍ତି ସମାରୋହ

ବଲାଙ୍ଗିର, ୨୦/୧୧ (ନି.ପ୍ର): ନାଟକ ଅଂଚଳର କଳା ସଂସ୍କୃତିକୁ ବଞ୍ଚାଇ ରଖିବା ସହ ଉଭୟ ଜନସାଧାରଣ ସରକାରଙ୍କୁ ବିଭିନ୍ନ ସମସ୍ୟା ଓ ତାର ସମାଧାନର ବାର୍ତ୍ତା ଦିଏ । ପରିବାର ନିୟନ୍ତ୍ରଣ, ପୋଲିଓ ଭଳି କେତେ ଯୋଜନାରେ ସରକାର ପଥ ପ୍ରାନ୍ତ ନାଟକର ସହାୟତା ନେଇ ବିଶ୍ୱ ସ୍ତର ରେ ସଫଳତା ହାସଲ କରିଛନ୍ତି । ସେହିପରି ଗଣମାଧ୍ୟମର ଜନ୍ମ ପୂର୍ବରୁ କଳା ନାଟକ ହିଁ ସମାଜର ବିଭିନ୍ନ ସମସ୍ୟା ଉତ୍ଥାପନ କରି ଆସୁଥିଲା । ଏପରିକି ପ୍ରାରମ୍ଭିକ ସମୟରେ ସ୍ୱାଧିନତା ସଂଗ୍ରାମକୁ ଜନମାନସକୁ ପହଞ୍ଚାଇବାରେ ନାଟକ ଏକ ଗୁରୁତ୍ୱପୂର୍ଣ୍ଣ ଭୁମୀକା ଗ୍ରହଣ କରିଥିଲା । ତେଣୁ ନାଟକ ସାମାଜିକ ସଚେତନତାର ଶ୍ରେଷ୍ଠ ବାର୍ତ୍ତାବହ ବୋଲି ଆଜି ନଟରାଜ କଳା ପରିଷଦ ଦ୍ୱାରା ଆୟୋଜିତ ରଜତ ଜୟନ୍ତି ସମାରୋହର ଦ୍ୱିତୀୟ ଦିନ ସାନ୍ଧ୍ୟ ସଭାରେ ମତ ପ୍ରକାଶ ପାଇଛି । ପରିଷଦର ସଭାପତି ହରି ନାରାୟଣ ପୁଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବଲାଙ୍ଗିର ଜିଲ୍ଲାପାଳ ଚଂଚଲ ରାଣା ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଷୀ ସମ୍ମାନୀତ ଅତିଥି ରୁପେ ଯୋଗ ଦେଇ ନିଜସ୍ୱ ମତ ରଖିଥିଲେ । ସଭାରେ ଲେଖକ ଦେବରାଜ ସାହୁ ଓ ଅଶୋକ ବହିଦାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରିଷଦର ଅଧକ୍ଷ୍ୟ ଶ୍ରୀକର ମିଶ୍ର ସଭା ପରିଛାଳନା କରିଥିବା ବେଳେ ସଂପାଦକ ପ୍ରହଲ୍ଲାଦ ଦର୍ଜୀ ସହେଯାଗ କରିଥିଲେ । ପରେ ପରେ ମନୁଷ୍ୟଧର୍ମୀ ନାଟକ ଘା ମଞ୍ଚସ୍ତ ହୋଇଥିଲା । ଜଣେ ଅନ୍ଧ, ଜଣେ ଛୋଟା ଓ ଜଣେ ମୁକ ଏଭଳି ତିନି ପାତ୍ରର ପ୍ରେମ,ପ୍ରତିଷୋଧ ଓ ଇର୍ଷାର କାହାଣୀ ଘା । ମୁକ ମହିଳା ଜଣକ ଛୋଟା ଦ୍ୱାରା ଧର୍ଷୀତା । ଛୋଟାର ଏହି କାର୍ଯ୍ୟକଳାପ ମୁକ ମହିଳାର ଦେହ ମାନସରେ କିପରି ଗଭୀର କ୍ଷତ କରିଛି । ଆଉ ଛୋଟାର ଏପରି ପାଶବିକ କର୍ମକୁ , ଜଣେ ମୁକ ମହିଳା କିପରି ଅନ୍ଧ କୁ କହିଛି ସେ ପର୍ଯ୍ୟବେଶିତ ଚମତ୍କାର ନାଟକ ଘା ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଅଶୋକ ବହିଦାରଙ୍କ ଲେଖନିରୁ ଜାତ ଏହି ନାଟକକୁ ପ୍ରଶାନ୍ତ ଖମାରୀ ନିର୍ଦ୍ଦେଶନା ଦେଇଥିବା ବେଳେ ରବୀ, ବଳରାମ, ଉତ୍ତମ ଓ କିଶୋର ମଞ୍ଚସଜ୍ଜା କରିଥିଲେ । ରାମ ପ୍ରସାଦ ଦାଶ, ଲଳିତ ପୁଜାରୀ ମିଳି ବାରିକ ଓ ସଂଗ୍ରାମ ନାଏକ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ । ପ୍ରଥମ ନାଟକ ପରେ ଦର୍ଶକଙ୍କ ସାମନାରେ ପୌରାଣିକ ନାଟକ ଯଯାତି ପ୍ରସ୍ତୁତ କରାଯାଇଥିଲା । ଏହି ନାଟକ ଟି ମହାଭାରତର ବନ ପର୍ବ ଯଯାତି ଉପଖ୍ୟାତ ଉପରେ ଆଧାରିତ । କାମ, କ୍ରୋଧ, ମୋହ ବାସ୍ନା ର ଅନ୍ତ ନାହିଁ । ଏହା ମଣିଷକୁ ତୃପ୍ତି ଦେବା ଅପେକ୍ଷା ଆହୁରି ଅଶାନ୍ତି କୁ ଠେଲି ଦିଏ । ସେହି ପରି ଅତ୍ୟଧିକ ଲୋଭି ପାଇଁ ସଂସାରର ସମସ୍ତ ଧନ ସମ୍ପତି ସୁନ୍ଦରୀ ମଧ ଯଥେଷ୍ଟ ହୋଇପାରେ ନାହିଁ । ଏହି ସବୁ ମାୟା ମଣିଷ କୁ ଭୋଗ ଦେବା ଅପେକ୍ଷା ମଣିଷକୁ ହିଁ ଭକ୍ଷଣ କରେ । ଏହା ହିଁ ଯଯାତି ନାଟକର ବିଷୟବସ୍ତୁ । ଦେବରାଜ ସାହୁ ଏହି ନାଟକକୁ ଲେଖିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରଶାନ୍ତ ଖମାରୀ । ଧିରାଜ ବେଜ୍ ?, ମଧୁସୁଦନ ନାୟକ, ଅର୍ଜନ ମୁଗୁରୀ,ସଂଜିବ ନାଏକ, ଶ୍ରୀରାଧା, ରାସେଶ୍ୱରୀ ଅଭିନୟ କରିଥିଲେ । ରବି, ଉତ୍ତମ, ବଳରାମ, କିଶୋର ମଂଚସଜ୍ଜା କରିଥିବା ବେଳେ ସୃଜନଶୀଳ ନିର୍ଦ୍ଦେଶନା ଦେଇଥିଲେ ସଂଗ୍ରାମ ନାୟକ । ନଟରାଜ କଳା ପରିଷଦ ରଜତ ଜୟନ୍ତି ଆଜି ଦ୍ୱିତୀୟ ଦିନ ସକାଳୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଦୀପ ଡି. ମାଝି କଳାହାଣ୍ଡି ଏବଂ ଅଶୋକ କୁମାର ବହିଦାର ପଦ୍ମପୁର ଆଧାର ଫର୍ଦ୍ଦ (ବେସ ପେପର) ପଠନ କରିଥିବା ବେଳେ ସମୀକ୍ଷା କରିଥିଲେ ଚିତ୍ତ ରଂଜନ ଦାଶ, ଦତ୍ତାନନ୍ଦ ପଣ୍ଡା, ବୀରନ୍ଦ୍ର ବନଛୋର, ଭକ୍ତ ନାଏକ । ଆଜିର ଆଲୋଚ୍ୟ ବିଷୟ ଥିଲା ମଂଚ ନାଟକର ଅତିତ ବର୍ତ୍ତମାନ ଓ ଭବିଷ୍ୟତ । ଏଥିରେ ଅନେକ ଶ୍ରୋତା ସ୍ୱକୀୟ ମତ ପ୍ରଦାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ଅଧାପକ ଶମ୍ଭୁ ପ୍ରସାଦ ଦାସ ଏହି ଆଲୋଚନା ଚକ୍ରକୁ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ । ପରିଷଦର ଅଧକ୍ଷ ଶ୍ରୀକର ମିଶ୍ର ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରିବା ସହିତ ଆଲୋଚକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଜିଲ୍ଲାସ୍ତରୀୟ ଖରିଫ ଋତୁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ : ଡିସେମ୍ବର ୩୦ରୁ ଧାନ ସଂଗ୍ରହ

ଖୋର୍ଦ୍ଧା, ୨୦/୧୧ (ନି.ପ୍ର): ଶନିବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଖରିଫ ଋତୁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଡିସେମ୍ବର ୩୦ରୁ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଚାଲିବ । ଧାନ ସଂଗ୍ରହ ନିମନ୍ତେ ୧୦ଟି ବ୍ଲକର ୧୩୯ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୧୪ଟି ଉପକେନ୍ଦ୍ର ମୋଟ ୧୫୩ଟି ସ୍ଥାନରେ କୃଷକ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବ । ସେହିଭଳି ଧାନ ବିକ୍ରୟ ନିମନ୍ତେ ଚଳିତ ବର୍ଷ ୪୮ ହଜାର ୪୦୮ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ଯାହାକି ଗତବର୍ଷ ତୁଳନାରେ ୧୮୧୩ ଜଣ ଅଧିକ ଚାଷୀ ପଞ୍ଜିକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୪୭ ହଜାର ୧୪୭ ଜଣଙ୍କ ପଞ୍ଜିକରଣ ବୈଧ ରହିଛି । ଚଳିତ ଖରିଫ ଋତୁ ନିମନ୍ତେ ୭୮ ହଜାର ୫୯୦ ମେଟ୍ରିକ ଟନରୁ ଏକ ଲକ୍ଷ ୧୫ ହଜାର ୫୭୩ ମେଟିକ୍ ଟନ ଧାନ ସଂଗ୍ରହ କରାଯିବା ଲକ୍ଷଧାର୍ଯ୍ୟ କରାଯାଇଛି । ସାଧାରଣ କିସମ ଧାନ ପାଇଁ କ୍ୱିଂଟାଲ ପିଛା ୨୦୪୦ ଟଙ୍କା ଓ ଗ୍ରେଡ 'ଏ' ଧାନ ପାଇଁ ୨୦୬୦ ଟଙ୍କା ସର୍ବନିମ୍ନ ସହାୟତା ମୂଲ୍ୟ ଧାର୍ଯ୍ୟ କରାଯାଇଛି । ଜିଲ୍ଲାରୁ ୧୭ ଜଣ ମିଲର ଏଥିରେ ଭାଗ ନେବେ । ଧାନ ସଂଗ୍ରହ ନିମନ୍ତେ ସ୍ୱଛତା ଅବଲମ୍ବନ ସହ ଚାଷୀମାନେ ଯେପରି ଉପଯୁକ୍ତ ପ୍ରାପ୍ୟ ପାଇବେ ସେନେଇ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଏପରିକି ସଂପୃକ୍ତ ସମବାୟ ଅଂଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ସେ କହିଛନ୍ତି । ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଂଚ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିପାଇଁ ରେଜିଷ୍ଟର ରଖାଯାଇ ମାନଯାଂଚ ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ । ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟରେ ହସ୍ତକ୍ଷେପ ନକରନ୍ତି ସେଥିପ୍ରତି ଧାନ ଦେବାକୁ ଜୟଦେବ ବିଧାୟକ ଅରବିନ୍ଦ ଢାଲି ପରାମର୍ଶ ଦେଇଛନ୍ତି । ସମସ୍ତ ମଣ୍ଡିରେ ଆବଶ୍ୟକୀୟ ପଲିଥିନ ବ୍ୟବସ୍ଥା କରିବାକୁ ସେ ଅଧିକାରୀ ମାନଙ୍କୁ କହିଛନ୍ତି ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସାମଜିକ ସମୀକ୍ଷା

ପୁରୀ, ୨୦/୧୧ (ନି.ପ୍ର): ଜାତୀୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡ଼ା) ଓ ପୁରୀ ପୌରସଂସ୍ଥାର ମିଳିତ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କରେ ଏକ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ହିତାଧିକାରମାନେ କିପରି ସୁରୁଖୁରୁରେ ଯୋଜନା ସଚେତନତା ହୋଇପାରିବେ ଓ ସଫଳ ରୂପାୟନ ପାଇଁ ଆଲୋଚନା ହୋଇଥିଲା । ଏ ସମ୍ପର୍କରେ ବିଭିନ୍ନ କମିଟି ଗଠନ ହେବା ସହ ବିଭିନ୍ନ ଅଂଚଳ ଓ ବସ୍ତି ପରିଦର୍ଶନ କରି ଯୋଜନା ସମ୍ପର୍କରେ ତଥ୍ୟ ଲିପିବଦ୍ଧ କରାଯାଇଥିଲା । ଅନେକ ପ୍ରସ୍ତାବ ମଧ ହିତାଧିକାରୀମାନେ ପ୍ରଦାନ କରିଥିଲେ । ସ୍ୱଂୟ ସହାୟକ ଗୋଷ୍ଠୀ, ହିତାଧିକାରୀ,ସଂପୃକ୍ତ ଅଧିକାରୀ ଓ ଟିମ୍ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

# ମିଶନ ଶକ୍ତି ମେଗା ଋଣ ମେଳା ଅନୁଷ୍ଠିତ

ଖୋର୍ଦ୍ଧା, ୨୦/୧୧ (ନି.ପ୍ର): ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ ସମ୍ମିଳନୀ କକ୍ଷରେ ମିଶନ ଶକ୍ତି ମେଗା ଋଣ ମେଳା ଅନୁଷ୍ଠିତ ହୋଇଛି । ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ ମହିଳା ମାନଙ୍କ ଆର୍ଥିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସାରା ରାଜ୍ୟରେ ସ୍ୱୟ ସହାୟକ ଗୋଷ୍ଠୀର ପ୍ରାୟ ୭୦ ଲକ୍ଷ ସଦସ୍ୟା ମାନଙ୍କୁ ନେଇ ମିଶନ ଶକ୍ତି କାର୍ଯ୍ୟ କରୁଛି । ବିଭିନ୍ନ ସାମାଜିକ କ୍ଷେତ୍ରରେ ମହିଳା ମାନଙ୍କ ସଂପୃକ୍ତି ଦ୍ୱାରା ଉନ୍ନତି ସାଧିତ ହୋଇ ପାରିବ ବୋଲି ସେ କହିଥିଲେ । ସେହିଭଳି ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ ମିଶନ ଶକ୍ତି ଦ୍ୱାରା ମହିଳା ମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପରିପ୍ରକାଶ କରିବାରେ ସଫଳ ହୋଇପାରିଛନ୍ତି । ସେମାନଙ୍କ ଦ୍ୱାରା ହିଁ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ପାରିବ ବୋଲି ସେ କହିଥିଲେ । ସେହିଭଳି ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀ ଯୋଗଦେଇ ଲକ୍ଷ ଓ ନିଷ୍ଠା ରଖି କାର୍ଯ୍ୟ କଲେ ସଫଳତା ହାସଲ ଅସମ୍ଭବ ନୁହେଁ ବୋଲି ସେ କହିଥିଲେ । ସୀମିତ ସମ୍ବଳରୁ ସାଧୁତାର ସହ ଜୟଯାତ୍ରା ଆରମ୍ଭ କଲେ ଆଗାମୀ ପିଢି ପାଇଁ ମାର୍ଗଦର୍ଶକ ହୋଇ ପାରିବା ନେଇ ସେ ଉଲ୍ଲେଖ କରିଥିଲେ । ଏହି ଅବସରରେ ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଏଲଡିଏମ୍ ଦିଲ୍ଲିପ କୁମାର ଭୂୟାଁ, ଭାରତୀୟ ଷ୍ଟେଟବ୍ୟାଙ୍କ ଡିଜିଏମ୍ ମନମୋହନ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ମହିଳା ମାନଙ୍କ ଆର୍ଥିକ ଓ ସାମାଜିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଜିଲ୍ଲାର ମୋଟ ୨୭୪୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୦୬ କୋଟି ୫ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି । ପୂର୍ବରୁ ୧୦୦ କୋଟି ଟଙ୍କା ଋଣ ପ୍ରଦାନ ପାଇଁ ଲକ୍ଷ ରଖାଯାଇଥିଲା । ଏଥିମଧ୍ୟରୁ ୮୯୯ଟି ଗୋଷ୍ଠୀକୁ ୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଋଣ ପ୍ରଦାନ କରାଯାଇଥିବା ବେଳେ ଗୋଟିଏ ଗୋଷ୍ଠୀକୁ ୧୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି । ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସହଯୋଗ କରିବା କ୍ଷେତ୍ରରେ ସର୍ବୋତମ ବ୍ୟାଙ୍କ ଭାବେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଏବଂ ଉତମ ବ୍ଲକ ଭାବେ ବାଲିଅନ୍ତା, ବୋଲଗଡ, ଖୋରଧା ଓ ବିଏମସି-୧କୁ ପୁରସ୍କୃତ କରାଯାଇଛି । ସେହିଭଳି ୧୦ ଜଣ ବ୍ୟାଙ୍କ ମିତ୍ର, ୧୩ଟି ବ୍ୟାଙ୍କ ଶାଖାକୁ ମଧ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଅବସରରେ ତିନୋଟି ସ୍ୱୟଂ ସହାୟକ ଗୋଷ୍ଠୀ, ଜଣେ ବ୍ୟାଙ୍କ ମିତ୍ର ଓ ଜଣେ ବ୍ୟାଙ୍କ ମ୍ୟାନେଜର ସେମାନଙ୍କ ଅନୁଭୂତି ପ୍ରଦାନ କରିଥିଲେ । ଅତିଥି ମାନଙ୍କ ଦ୍ୱାରା ମିଶନ ଶକ୍ତି ପୁସ୍ତିକା ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ମିଶନ ଶକ୍ତି ଡିପିସି ପୃଥ୍ୱୀରାଜ ପଟ୍ଟନାୟକ, ଜୀବିକା ମିଶନ ପ୍ରକଳ୍ପ ପରିଚାଳକ ବିବେକ ରଞ୍ଜନ ନାୟକ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ପରାମର୍ଶଦାତା ବ୍ରଜ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୌଭାଗିନୀ ହରିଚନ୍ଦନ କାର ?ୟକ୍ରମ ପରିଚାଳନା କରିଥିବା ବେଳେ ଶିଖା ପୋଦ୍ଦାର ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଣିକୋଇଲିରେ ଶିକ୍ଷକ ବଦଳିକୁ ନେଇ ଅସନ୍ତୋଷ : ବିଇଓଙ୍କୁ ଲିଖିତ ଅଭିଯୋଗ

କୋରାଇ, ୨୦/୧୧ (ନି.ପ୍ର): ଶିକ୍ଷା ବିଭାଗର ବିଚିତ୍ର ନିତୀକୁ ନେଇ ସବୁବେଳେ ଚର୍ଚ୍ଚାଲୋଚନା ଲାଗି ରହିଥିବା ବେଳେ ପାଣିକୋଇଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟତ୍ରୀଙ୍କୁ ଆବଶ୍ୟକ ନଥାଇ ବା ଅନ୍ୟ ଶିକ୍ଷକ ନିଯୁକ୍ତି ନଦେଇ ବଦଳି କରିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । କେଉଁଠି ପିଲା ଅନୁପାତରେ ଶିକ୍ଷକ ନାହାନ୍ତି ତ ପୁଣି କେଉଁଠି ଆବଶ୍ୟକତା ଠାରୁ ଅଧିକ ଶିକ୍ଷକ ଅଛନ୍ତି । ସରକାର ପିଲା ଅନୁପାତରେ ଶିକ୍ଷକ ନିଯୁକ୍ତ କରିଥାନ୍ତି । ହେଲେ ଏହା କେବଳ କାଗଜ କଲମରେ ସିମୀତ ରହିଛି । ପାଣିକୋଇଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀରେ୧୧୧ଜଣ ଛାତ୍ର/ଛାତ୍ରୀ ଅଧ୍ୟୟନ ରତ । ଏଠାରେ ୪ଜଣ ଶିକ୍ଷକ ବା ଶିକ୍ଷୟତ୍ରୀ ନିଯୁକ୍ତି ପାଇଛନ୍ତି । ପ୍ରତି ଶ୍ରେଣୀ ପାଇଁ ଜଣେ ମଧ୍ୟ ଶିକ୍ଷକ ନାହାନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟତ୍ରୀଙ୍କୁ କୌଣସି କାରଣ ନଥାଇ ବା ତାଙ୍କ ସ୍ଥାନ ପୂରଣ ନକରି ଅନ୍ୟତ୍ର ବଦଳି କରାଯାଉଛି । ଯାହାକୁ ନେଇ କେବଳ ଅସନ୍ତୋଷ ବ୍ୟାପନି ବରଂ ପରିଚାଳନା କମିଟି ଓ ଗ୍ରାମବାସୀ ଏହାକୁ ଘୋର ବିରୋଧ କରିଛନ୍ତି । ଛାତ୍ର/ଛାତ୍ରୀଙ୍କ ଭବିଷ୍ୟତ ପ୍ରତି ଅଣଦେଖା କରାଯାଉଥିବା ପ୍ରତିବାଦରେ ଆଜି ବିଇଓଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଶିକ୍ଷୟତ୍ରୀଙ୍କ ବଦଳି ବାତିଲ ନଚେତ ତାଙ୍କ ସ୍ଥାନରେ ଅନ୍ୟ ଶିକ୍ଷକ ନିଯୁକ୍ତି କରାନଗଲେ କୁହୁଳୁଥିବା ଅସନ୍ତୋଷ ଉଗ୍ର ରୂପ ନେବା ସହ ଆବଶ୍ୟକ ପଡିଲେ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ପାଇଁ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ପରିଚାଳନା କମିଟି ଓ ଗ୍ରାମବାସୀ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଲିଖିତ ଚେତାବନି ଦେଇଛନ୍ତି । ସରପଂଚ ପଦ୍ମାବତୀ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧରଣୀଧର ଘଡାଇ, ସମିତିସଭ୍ୟା ସୁଜାତା ଘଡାଇ ଓ ପରିଚାଳନା କମିଟିର ସଭାପତି ହାରାମଣି ସାହୁ ସମେତ ଶତାଧିକ ଗ୍ରାମବାସୀ ବିଇଓଙ୍କୁ ଦାବି ଜଣାଇଛନ୍ତି ।

# ନିଖିଳ ଓଡିଶା ଅଙ୍ଗନୱାଡି କର୍ମଚାରୀ ସଂଘ ତରଫରୁ ୬ ଦଫା ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା, ୨୦/୧୧ (ନି.ପ୍ର): ନିଖିଳ ଓଡିଶା ଅଙ୍ଗନୱାଡି କର୍ମଚାରୀ ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ଏକ ୬ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଅଙ୍ଗନୱାଡି କର୍ମୀ, ସହାୟିକା, ମିନି ଅଙ୍ଗନୱାଡି କର୍ମୀଙ୍କର ପାରିଶ୍ରମିକ ବୃଦ୍ଧି, ରନ୍ଧା ଖାଦ୍ୟର ମୂଲ୍ୟ ବୃଦ୍ଧି, ପ୍ରମୋଶନ ଓ ପେନଶନ ବ୍ୟବସ୍ଥା ଲାଗୁ କରିବା, ପ୍ରତ୍ୟେକ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରିବା ଆଦି ଦାବି ଗୁଡିକ ରହିଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜିବୀ ରମଣୀ ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ସ୍ୱର୍ଣ୍ଣପ୍ରଭା ଦାସ, ମିନତୀ ଖଟୁଆ, ଅନ୍ନପୂର୍ଣ୍ଣା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଏକାଦଶତମ ଟ୍ରଷ୍ଟ ବୋର୍ଡ ବୈଠକ ଅନୁଷ୍ଠିତ

କେନ୍ଦୁଝର, ୨୦/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ଡି.ଏମ୍.ଏଫ୍. (ଜିଲ୍ଲା ଖଣିଜ ପ୍ରତିଷ୍ଠାନ)ର ଏକାଦଶ ତମ ଟ୍ରଷ୍ଟ ବୋର୍ଡ ବୈଠକ ଚଳିତ ନଭେମ୍ବର ୧୯ ତାରିଖ ଶନିବାର ଦିନ ଜିଲ୍ଲାପାଳ ତଥା ଡି.ଏମ୍.ଏଫ୍.ର ଚେୟାରମ୍ୟାନ୍ ତଥା ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ଆଶିଷ ଠାକରେଙ୍କ ଅଧକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦୁଝର ଲୋକସଭା ସଦସ୍ୟା ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ, ତେଲକୋଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତଥା ଡି.ଏମ୍.ଏଫ୍.ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଡି.ଏମ୍.ଏଫ୍. ଟ୍ରଷ୍ଟ ବୋର୍ଡର ସଦସ୍ୟ/ସଦସ୍ୟା, ସଂପୃକ୍ତ ଲାଇନ୍ ଡିପାର୍ଟମେଂଟ୍‌ର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଡି.ଏମ୍.ଏଫ୍. ଟ୍ରଷ୍ଟ ବୋର୍ଡର ନୂତନ ସଦସ୍ୟ / ସଦସ୍ୟାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରି ଡି.ଏମ୍.ଏଫ୍.ର ଆର୍ଥିକ ସହଯୋଗରେ ଜିଲ୍ଲାରେ ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବିଶେଷ କରି ଡି.ଏମ୍.ଏଫ୍. ସହଯୋଗରେ ଅଭିନବ ପଦକ୍ଷେପ ମାଧ୍ୟମରେ ଶିଶୁମାନଙ୍କର ପୌଷ୍ଟିକ ଅଭିବୃଦ୍ଧି ପାଇଁ ଅଙ୍ଗନୱାଡି ଶିଶୁଙ୍କୁ ମାଣ୍ଡିଆ ଲଡୁ ଯୋଗାଣ, କର୍ମଜୀବୀ ମହିଳାଙ୍କ ଶିଶୁମାନଙ୍କ ଯତ୍ନ ଓ ପୃଷ୍ଟି ସାଧନ ପାଇଁ କ୍ରେଚ୍ ସ୍ଥାପନ, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ପାଇଁ ମା ଗୃହ ସ୍ଥାପନ, ଓଡ଼ିଶା ମିଲେଟ୍ ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଜରିଆରେ ଚାଷୀମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ଅଭିବୃଦ୍ଧି, ମାଣ୍ଡିଆ ଜାତୀୟ ଖାଦ୍ୟର ବହୁଳ ବ୍ୟବହାର, କୃଷି ଉତ୍ପାଦନ କ୍ଲଷ୍ଟର ଜରିଆରେ ଏସ୍.ଏଚ୍.ଜି.ଙ୍କ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କେନ୍ଦୁଝର ଜିଲ୍ଲା ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇଛି ଏବଂ ନୀତି ଆୟୋଗ ମଧ ପ୍ରଶଂସା କରିଛନ୍ତି ବୋଲି କହିଥିଲେ । କେନ୍ଦୁଝର ବିଧାୟକ ମୋହନ ଚରଣୀ ମାଝୀ ଏହି ବୈଠକରେ ଉଦ୍‌ବୋଧନ ଦେଇ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ଡି.ଏମ୍.ଏଫ୍. ଏକ ବଡ ସଂସ୍ଥା ଏବଂ ଡି.ଏମ୍.ଏଫ୍.କୁ ପର୍ଯ୍ୟାପ୍ତ ପାଣ୍ଠି ଆସୁଛି, ଏଣୁ ଯଥାଯଥ ଯୋଜନାବଦ୍ଧ ଭାବେ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟାନ୍ୱୟନ କଲେ ଏବଂ ସମସ୍ତଙ୍କ ସହଯୋଗରେ କେନ୍ଦୁଝର ଜିଲ୍ଲାର ଉଲ୍ଲେଖନୀୟ ଉନ୍ନତି ହେବା ସହିତ କେନ୍ଦୁଝର ଜିଲ୍ଲା ଡି.ଏମ୍.ଏଫ୍. ସମଗ୍ର ଭାରତ ବର୍ଷରେ ପ୍ରଥମ ସ୍ଥାନ ହାସଲ କରିପାରିବ ବୋଲି କହିଥିଲେ । କେନ୍ଦୁଝର ବିଧାୟକ ଶ୍ରୀ ମାଝୀଙ୍କ ସମେତ ତେଲକୋଇ ବିଧାୟକ ଶ୍ରୀ ପ୍ରେମାନନ୍ଦ ନାୟକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ ଡି.ଏମ୍.ଏଫ୍. କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବା, ସୁପରିଚାଳନା ସଂପର୍କରେ ପରାମର୍ଶ ଦେଇଥିଲେ । ବୈଠକରେ ଡିଏମ୍ଏଫ୍ ଅନୁଦାନରେ ବିଭିନ୍ନ ବିଭାଗ ଜରିଆରେ ହାତକୁ ନିଆଯାଇଥିବା ପ୍ରକଳ୍ପଗୁଡିକର ସ୍ଥିତି,ଅଗ୍ରଗତି ଓକେତେକ କ୍ଷେତ୍ରରେ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ଦେଖାଦେଇଥିବା ପ୍ରତିବନ୍ଧକ ସଂପର୍କରେ ପାୱାର ପଏଂଟ୍ ପ୍ରେଜେଂଟେସନ୍ ସହିତ ଆଲୋଚନା କରାଯାଇଥିଲା । ଡି.ଏମ୍ଏଫ୍. ଫଣ୍ଡରେ ନିର୍ମିତ କେନ୍ଦୁଝର ସରକାରୀ ମେଡିକାଲ୍ କଲେଜଓହସ୍‌ପିଟାଲ୍‌ରେ ପାଠପଢା ଆରମ୍ଭ ସଂପର୍କରେ ଆଲୋଚନା ହୋଇଥିଲା । ଯୋଡା ଫ୍ଲାଇ ଓଭରବ୍ରିଜ୍ ନିର୍ମାଣ,ବଡବିଲ୍‌ଠାରେ ରିଙ୍ଗ୍ ରୋଡ୍ ନିର୍ମାଣ,ପୂର୍ତ ବିଭାଗ ଦ୍ୱାରା ବିଭିନ୍ନ ରାସ୍ତା ଓ ପୋଲ ନିର୍ମାଣ,ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ରାସ୍ତା,ପୋଲ ଓ ହଷ୍ଟେଲ୍ ନିର୍ମାଣର ସ୍ଥିତି ଅଗ୍ରଗତି ସଂପର୍କରେ ସମୀକ୍ଷା କରାଯାଇଥିଲା । ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ ପାନୀୟ ଜଳ ପ୍ରକଳ୍ପ / ମେଗା ପାନୀୟ ଜଳ ପ୍ରକଳ୍ପର ସ୍ଥିତି,କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ଆଲୋଚନା କରାଯାଇ ଅସଂପୂର୍ଣ୍ଣ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳକ୍ଲିଷ୍ଟ ଅଂଚଳରେ ଟ୍ୟୁବ୍‌ୱେଲ୍,ସୋଲାର ମାଧ୍ୟମରେ ପାନୀୟ ଜଳ ଯୋଗାଣ କରିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ଘରକୁ ପାଇପ୍ ପାଣି ଯୋଗାଣ କାର୍ଯ୍ୟକ୍ରମରେ ପ୍ରତି ଘର ସଂଯୋଗ ହୋଇଛି କି ନାହିଁ ତାହା ବିଡିଓମାନଙ୍କ ଦ୍ୱାରା ତଦାରଖ କରାଯିବ ବୋଲି କହିଥିଲେ । ଉଠାଜଳସେଚନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ମେଗା ଉଠାଜଳସେଚନ ପ୍ରକଳ୍ପ, ଇଡ୍‌କୋ ଦ୍ୱାରା ହାତକୁ ନିଆଯାଇଥିବା ଧରଣୀଧର ସ୍ପୋର୍ଟ୍ସ କଂପ୍ଲେକ୍ସର ଆଧୁନିକିକରଣ, ଧନୁର୍ଜୟପୁର ଠାରେ ହେଭି ଭେହିକିଲ୍ ଡ୍ରାଇଭିଂ ଟ୍ରେନିଂ ସେଂଟର,ଜିଲ୍ଲାର ବିଭିନ୍ନ ସ୍ଥାନରେ ଟ୍ରକ୍ ଟର୍ମିନାଲ୍ ନିର୍ମାଣ,ସ୍ୱାସ୍ଥ୍ୟ ବିଭାଗର ଭିତିଭୂମିର ଉନ୍ନତି,ମା ଗୃହ ନିର୍ମାଣ,ସଂଜିବନୀର କାର୍ଯ୍ୟକାରିତା,ଡିଜିଟାଲ୍ ଡିସ୍‌ପେନ୍‌ସାରୀର କାର୍ଯ୍ୟକାରିତା, କୋଭିଡ୍ ସମୟରେ ଡି.ଏମ୍.ଏଫ୍. ଫଣ୍ଡ ବିନିଯୋଗରେ ମହାମାରୀ କୋଭିଡ୍‌ର ମୁକାବିଲା,ଓଡିଶା ମିଲେଟ୍ ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମ,କୃଷି ଉତ୍ପାଦନ କ୍ଲଷ୍ଟରର କାର୍ଯ୍ୟାବଳୀ ଓ ସଂପ୍ରସାରଣ, ମହିଳା ଶିଶୁ ବିକାଶ ବିଭାଗର କାର୍ଯ୍ୟକ୍ରମ,ଅଙ୍ଗନୱାଡି ଗୃହ ନିର୍ମାଣ,ଅଙ୍ଗନୱାଡି କେନ୍ଦ୍ରମାନଙ୍କୁ ଧୂମ ବିହୀନ ଚୂଲାଓପ୍ରେସରକୁକର ଯୋଗାଣ,ଜିଲ୍ଲାରେ କ୍ରେଚର କାର୍ଯ୍ୟକାରିତା ଓ ସଂପ୍ରସାରଣ,ବିଭିନ୍ନ ଅଂଚଳରେ ଅପପୃଷ୍ଟିର ଶିକାର ହେଉଥିବା ଶିଶୁମାନଙ୍କର ପୁଷ୍ଟିର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ଯୋଡା ଠାରେ ଓଲଡ୍ ଏଜ୍ ହୋମ୍‌ର କାର୍ଯ୍ୟକାରିତାଓସଂପ୍ରସାରଣ ସଂପର୍କରେ ସମୀକ୍ଷା କରାଯିବା ସହିତ ଡି.ଏମ୍.ଏଫ୍. ଅନୁଦାନରେ ହାତକୁ ନିଆଯାଉଥିବା ନୂତନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଖଣି ପ୍ରଭାବିତ ଅଂଚଳ ଭାବେ ନୂତନ ଭାବେ ଚିହ୍ନଟ ହୋଇଥିବା ୧୦୬ଟି ଗାଁ ସଂପର୍କରେ ଆଲୋଚନା କରାଯାଇଥିଲା । ପ୍ରତି ପଂଚାୟତରେ ଲାଇବ୍ରେରୀ ସ୍ଥାପନ,ଖେଳପଡିଆ ନିର୍ମାଣ ଏବଂ ପାର୍କ ନିର୍ମାଣ ସହିତ ଆଗାମୀ ଦିନରେ ହାତକୁ ନେବାକୁ ଥିବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସଂପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ଏତଦ୍‌ବ୍ୟତୀତ ପୂର୍ବ ଟ୍ରଷ୍ଟ ବୋର୍ଡ ବୈଠକର ଅନୁମୋଦିତ ବିବରଣୀ ସଂପର୍କରେ ଆଲୋଚନା ସହିତ୨୦୨୦-୨୧ଏବଂ୨୦୨୧-୨୨ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନା କରାଯାଇଥିଲା ।

# ଗଞ୍ଜୀଗୁଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାମଲଙ୍କୁ ଭବ୍ୟ ଅବସର କାଳୀନ ସମ୍ବର୍ଦ୍ଧନା

କନ୍ଧମାଳ, ୨୦/୧୧ (ନି.ପ୍ର): ଆଜି ବି ଶିକ୍ଷକଙ୍କ ଆଦର୍ଶ ଓ ଛାତ୍ର ବତ୍ସଳତା ଓ ଲୋକପ୍ରିୟତା ଜୀବିତ ରହିଛି । ଏହିଭଳି ଏକ ନିଦର୍ଶନ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ୍ ଅନ୍ତର୍ଗତ ଗଞ୍ଜଗୁଡା ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାମଲଙ୍କ ଠାରେ । ଦିର୍ଘ ୭ ବର୍ଷ ରୁ ଅଧିକ ସମୟ ଧରି ସେହି ବିଦ୍ୟାଳୟରେ କାର୍ଯ୍ୟରତ ଥିବା ବେଳେ ସେ ଚାକିରିରୁ ଅବସର ଗ୍ରହଣ ପରେ ସମଗ୍ର ଗଞ୍ଜୀଗୁଡା ବାସୀଙ୍କ ସମେତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ,ମିଳିମିଶି ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦଙ୍କୁ ଏକ ଅଭିନବ ଏବଂ ନିଆରା ଢଙ୍ଗରେ ଅବସର କାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି । ବିଦ୍ୟାଳୟର ସମସ୍ତ କର୍ମଚାରି ଓ ଗ୍ରାମବାସୀ ମାନେ,ତାଙ୍କୁ ଶୁକ୍ରବାର ଦିନ ଅପରାହ୍ନ ରେ ନଦିଆ କୀର୍ତ୍ତନ ଓ ବାଜା ବାଜଣା ର ଭବ୍ଯ ପଟୁଆର ରେ ପ୍ରଧାନ ଶିକ୍ଷକଙ୍କୁ ନେଇ ଗ୍ରାମରେ ଘରକୁ ଘର ପରିକ୍ରମା କରିଥିଲେ । ଏହି ଅବସରରେ ପ୍ରଧାନ ଶିକ୍ଷକଙ୍କ ଉପରେ ପୁଷ୍ପ ଚନ୍ଦନ ଆଦି ଦେବା ସହିତ ଉପଢୌକନ ମାନ ଦେଇଥିଲେ । ପରେ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସଭା,ପ୍ରଧାନ ଶିକ୍ଷୟିତ୍ରୀ ସୂଜାତା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟ ର ଶିକ୍ଷକ, ସତ୍ୟଜିତ ବେହେରାଙ୍କ ସମେତ ଶିକ୍ଷୟିତ୍ରୀ, ଲକ୍ଷ୍ମୀପ୍ରିୟା ଦେଇ, ମିନତି ମହାପାତ୍ର, ଜ୍ୟୋସ୍ନାରାଣୀ ମହାପାତ୍ର, ନର୍ମଦା ଦେବୀ ଏବଂ ମୋସ୍କୁଲ ସଭାପତି ଅନିରୁଦ୍ଧ ସାହୁ, ଜୟନ୍ତୀ ବିଶୋଇ ଏବଂ ଗ୍ରାମର ବିଶିଷ୍ଟ ଓ ବରିଷ୍ଠ ବ୍ୟକ୍ତି, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଗୋପାଳ ପ୍ରଧାନ, ବୁଡୁଲୁ କହଁର ପ୍ରମୁଖ ଯୋଗ ଦେଇ, ସୁଦୂର ଜଗତସିଂହପୁରରୁ ଆସି କନ୍ଧମାଳର ଗ୍ରାମାଞ୍ଚଳରେ ପିଲାମାନଙ୍କ ଶିକ୍ଷା ଓ ଶିକ୍ଷଣିୟ ବିଷୟ ଦିଗରେ ପିଲାମାନଙ୍କୁ ଶିଖାଇ ସେମାନଙ୍କ ଭବିଷ୍ୟତ ଓ ଜୀବନକୁ ଉଜ୍ଜ୍ୱଳ ମୟ କରିବାରେ ନିତ୍ୟାନନ୍ଦ ସାମଲଙ୍କ ଅବଦାନକୁ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ, ଜଣେ ଭଲ ଶିକ୍ଷକଙ୍କୁ ଆମେ ହରେଇଲୁ ବୋଲି ଦୁଖଃ ପ୍ରକାଶ କରିଥିଲେ ।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ମିଶନ ସାହାସୀ

ପୁରୀ, ୨୦/୧୧ (ନି.ପ୍ର): ଝାନ୍ସି ରାଣୀ ଲକ୍ଷ୍ମିବାଇଙ୍କ ଜୟନ୍ତୀ ଉଦ୍ଦେଶ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ତରଫରୁ ଛାତ୍ରୀ ମାନଙ୍କୁ ସଶକ୍ତିକରଣ କରିବା ଓ ସେମାନେ କିଭଳି ଆବଶ୍ୟକ ସମୟରେ ଆତ୍ମରକ୍ଷା କରିପାରିବେ , ସେଥିନିମନ୍ତେ ଏକ ଆତ୍ମରକ୍ଷା ତାଲିମ ଶିବିର ଗତ ୪ଦିନ ଧରି ସ୍ଥାନୀୟ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ରେ ଅନୁଆଜି ଅପରାହ୍ନ ରେ ସମାପ୍ତ ହୋଇଯାଇଛି । ତାଲିମ ଶିବିର ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଆଜିର କାର୍ଯକ୍ରମ ରେ ମୁଖ୍ୟ ଅତିଥି ଭାବରେ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର୍ ରବୀନ୍ଦ୍ର କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯକ୍ରମ ର ଶୁଭାରମ୍ଭ କରିଥିଲେ । ଶ୍ରୀଜଗନ୍ନାଥ ମେଡିକାଲ କଲେଜ୍ ଓ ହସ୍ପିଟାଲ ର ଅଧିକ୍ଷକ ଡଃ ମାୟା ପାଢ଼ୀ, ସମ୍ମାନନୀୟ ଅତିଥି ଭାବରେ ଯୋଗଦେବା ସହ , ଡଃ ସସ୍ମିତା ବନ୍ଦର ନାୟକ, ବିଶିଷ୍ଟ ସମାଜସେବୀ ରଞ୍ଜିତା ପାଢ଼ୀ , ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତ୍ରା ପଟ୍ଟନାୟକ ଓ ଡଃ ଶ୍ରଦ୍ଧାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯକ୍ରମ ମୁଖ୍ୟ ଉଦ୍ଦେଶ୍ୟ କୁ ପୁରଣ କରିବା ନିମନ୍ତେ ହର୍ଶିତା ମାଡ଼ମ ମାନଙ୍କ ତତ୍ତ୍ୱାବଧାନ ଓ ଜାଞ୍ଜସେନି ମଲ୍ଲିକ ଙ୍କ ଦ୍ୱାରା ପିଲାମାନେ ପ୍ରଶିକ୍ଷିତ ହୋଇଥିଲେ । ଏଥିସହ ଶୁରେଖା ପଟ୍ଟନାୟକ ଏହି କାର୍ଯକ୍ରମକୁ ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ ।

# ଯଥେଷ୍ଟ ନୁହେଁ କେବଳ ପାଠ



ମହାମାରୀ କରୋନା କାରଣରୁ ସ୍କୁଲରେ ତାଲା ପଡ଼ିଛି । ପିଲାଏ ଭର୍ଚୁଆଲ୍ ଅର୍ଥାତ୍ ଅନ୍‌ଲାଇନ୍‌ରେ ପଢୁଛନ୍ତି । ସ୍କୁଲରେ ଯେମିତି ପାଠପଢ଼ା ସହିତ ଖେଳକୁଦ, ଚିତ୍ରକଳା, ନାଚଗୀତ, ସଂଗୀତ ଆଦି ଶିକ୍ଷା ଦିଆଯାଉଛି, ପିଲାଙ୍କୁ ସେସବୁ ଶିଖାଇବା ଦାୟିତ୍ୱ ଆପଣଙ୍କର। ପିଲାଙ୍କୁ ପଢ଼ାଇବାର ଅର୍ଥ କେବଳ ପାଠ୍ୟ- ପୁସ୍ତକରେ ଥିବା ବିଷୟକୁ ମୁଖସ୍ଥ କରାଇବା ନୁହେଁ । ଏହି କାରଣରୁ ସ୍କୁଲରେ ପାଠପଢ଼ା ବ୍ୟତୀତ ନାନା ପ୍ରକାର କରିକୁଲାର୍ ଆକ୍ଟିଭିଟିକ୍ ବା ଭିନ୍ନ ଭିନ୍ନ ବିଷୟ ସହିତ ସେମାନଙ୍କୁ ସମ୍ପୃକ୍ତ କରାଯାଇଥାଏ । ମାତ୍ର କରୋନା କାରଣରୁ ବର୍ତ୍ତମାନ ତ ସ୍କୁଲ ବନ୍ଦ ରହିଛି । ପିଲାଏ ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି । ଏହା ସହିତ ଅଭିଭାବକମାନେ ମଧ୍ୟ ପିଲାଙ୍କୁ ପଢ଼ାଉଛନ୍ତି । ମାତ୍ର କେବଳ ପାଠପଢ଼ା ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ । ଅନ୍‌ଲାଇନ୍ ପାଠପଢ଼ାରେ ପିଲାଏ ପାଠ୍ୟପୁସ୍ତକରେ ଥିବା ପାଠ ତ ପଢୁଛନ୍ତି, ହେଲେ ଅନ୍ୟାନ୍ୟ ଗତିବିଧି ଦୃଷ୍ଟିରୁ ପଛରେ ପଡ଼ିଯାଉଛନ୍ତି । ତେଣୁ ବହିରେ ଥିବା ପାଠ ପଢ଼ାଇବା ସହିତ ସେମାନଙ୍କୁ ନାଚ ଗୀତ, ସଂଗୀତ, ଖେଳ କସରତ, ଚିତ୍ରକଳା ଆଦି ଶିଖାନ୍ତୁ । ଏହା ଦ୍ୱାରା ସେମାନଙ୍କର ସର୍ବାଙ୍ଗୀନ ବିକାଶ ହୋଇପାରିବ । ପାଠ ପଢ଼ାଇବା ସହିତ ଏହି ସବୁ ଆକ୍ଟିଭିଟିଜ୍ ବା ଗତିବିଧି ଦ୍ୱାରା ଆପଣ ସେମାନଙ୍କୁ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପାରଙ୍ଗମ କରିପାରିବେ ।

**କ୍ରୀଡ଼ା :**



ପିଲାଙ୍କୁ ଘରେ ଖେଳକୁଦ ବା କ୍ରୀଡ଼ା ଶିଖାଇବା ନିଶ୍ଚିତ ଭାବେ କଷ୍ଟକର । ଚେସ୍ ଭଳି ଘର ଭିତରେ ଖେଳାଯାଉଥିବା ଖେଳ ବ୍ୟତୀତ ଲକ୍‌ଡାଉନ୍ ପୂର୍ବରୁ ଯଦି ଆପଣଙ୍କ ପିଲାଏ ଟେନିସ୍, କ୍ରିକେଟ୍, ଫୁଟବଲ, ବ୍ୟାଡମିଣ୍ଟନ ଭଳି ଖେଳରେ ନିୟମିତ ଭାଗ ନେଉଥାନ୍ତି, ତା'ହେଲେ ବର୍ତ୍ତମାନ ସେମାନଙ୍କର ଗତିବିଧି ନିଶ୍ଚିତ ଭାବେ ସୀମିତ ହୋଇଯାଇଥିବ । ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ, ଏଥିପାଇଁ ମଧ୍ୟ ଆପଣଙ୍କ ନିକଟରେ କିଛି ରାସ୍ତା ଅଛି । ଆପଣ ପିଲାଙ୍କୁ ଘରର ହତା ଭିତରେ ଜଗିଙ୍ଗ୍, ରନିଙ୍ଗ୍ କରାଇପାରିବେ। ସେମାନଙ୍କୁ ସିଡ଼ିରେ ଚଢ଼ିବା ଏବଂ ଓହ୍ଲାଇବାକୁ ଉତ୍ସାହିତ କରନ୍ତୁ। ଏସବୁ ବାଦ୍ ସେମାନଙ୍କୁ ଆପଣ ଷ୍ଟ୍ରେଚିଂ ଏକ୍ସରସାଇଜ୍ ଶିଖାଇପାରିବେ । ଦଉଡ଼ିଡିଆଁ ଖେଳ ଖେଳିବାକୁ ଉତ୍ସାହିତ କରିପାରିବେ । ଏହା ଦ୍ୱାରା ଲକ୍‌ଡାଉନ୍‌ରେ ବି ସେମାନେ ମାନସିକ ଓ ଶାରୀରିକ ଭାବରେ ସୁସ୍ଥ ରହିପାରିବେ । ଏହା ବ୍ୟତୀତ ସେମାନଙ୍କୁ ଅନ୍‌ଲାଇନ୍ ଫୁଟବଲ୍ କ୍ଲାସ୍ ଆଦି ଦେଖାଇବାକୁ ଭୁଲନ୍ତୁ ନାହିଁ ।

**ସଙ୍ଗୀତ :**

ଗୀତ ଗାଇବା ହେଉ କିମ୍ବା ମ୍ୟୁଜିକାଲ୍ ଇନ୍‌ଷ୍ଟ୍ରୁମେଣ୍ଟ ବଜାଇବା; ଉଭୟ କାମରେ ଅନୁଶାସନ, ଶୃଙ୍ଖଳା ଏବଂ ଡେଡିକେଶନ୍ ବା ସମର୍ପଣ ଭାବରେ ଆବଶ୍ୟକତା ରହିଛି । ଯେହେତୁ କରୋନା ସଂକ୍ରମଣ ବ୍ୟାପୁଛି ତେଣୁ ପିଲାଙ୍କୁ ଫିଜିକାଲ୍ ମ୍ୟୁଜିକ୍ କ୍ଲାସ୍ ଦେବା ଅପେକ୍ଷା ଭର୍ଚୁଆଲ୍ ବା ଅନ୍‌ଲାଇନ୍ ମ୍ୟୁଜିକ୍ ଶିଖାଇବା ପାଇଁ ଚେଷ୍ଟା କରନ୍ତୁ । ଉଦାହରଣ ସ୍ୱରୂପ ଆପଣ ଶଙ୍କର ମହାଦେବନ୍ ଏକାଡେମୀର ୱେବ୍‌ସାଇଟକୁ ଯାଇ ନିଜ ପିଲାଙ୍କ ପସନ୍ଦ ଅନୁସାରେ ମ୍ୟୁଜିକ୍‌ର ଅନେକ ବିକଳ୍ପ ମଧ୍ୟରୁ ଗୋଟିଏ ବାଛିପାରିବେ । 'ଦ ମ୍ୟୁଜିକ୍ କ୍ଲାସ୍' ଏଭଳି ଆଉ ଏକ ବିକଳ୍ପ, ଏଠାରେ ମଧ୍ୟ ଅନ୍‌ଲାଇନ୍ ମ୍ୟୁଜିକ୍ ଶିକ୍ଷା ଦିଆଯାଏ । ଯଦି ଆପଣଙ୍କ ପିଲାମାନେ ଘରେ ରହି ରହି ବିରକ୍ତ ହେଉଛନ୍ତି, ତା' ହେଲେ ସେମାନଙ୍କୁ ସଙ୍ଗୀତ ସହ ଯୋଡ଼ନ୍ତୁ । ସେମାନଙ୍କୁ ହାର୍‌ମୋନିୟମ, ଗୀଟାର୍, ଭାଓଲିନ୍, କେସିଓ ଆଦି ବଜାଇବା ଶିଖାନ୍ତୁ । ସେମାନଙ୍କ ମନପସନ୍ଦର ଗାୟକ, ଗାୟିକାଙ୍କ ଗୀତକୁ ମଧ୍ୟ ଅଭ୍ୟାସ କରାଇପାରିବେ । ଏହା ବାଦ୍ ବର୍ତ୍ତମାନ କେଉଁ ସବୁ ଗାୟକ, ଗାୟିକାଙ୍କର ଚାହିଦା ରହିଛି, କେଉଁ ପ୍ରକାରର ଗୀତ ଟ୍ରେଣ୍ଡରେ ଅଛି ସେସବୁ ବାବଦରେ ସେମାନଙ୍କୁ କହିବା ସହିତ ତାହାକୁ ଅଭ୍ୟାସ କରିବା ପାଇଁ ଉତ୍ସାହିତ କରିପାରିବେ ।



**ଡ୍ୟାନ୍ସ :**



ଡ୍ୟାନ୍ସ ବା ନୃତ୍ୟ ପ୍ରତି ପିଲାଙ୍କର ବେଶ୍ ଆଗ୍ରହ ରହିଥାଏ । ସେ ମଡର୍ଣ୍ଣ ହେବା ବା ଅନ୍ୟ କିଛି । ନାଚଗୀତ ପ୍ରତି ପିଲାଏ ସର୍ବଦା ଆଗ୍ରହୀ ହୋଇଥାନ୍ତି । ନୃତ୍ୟ ମଧ୍ୟ ଏଭଳି ଏକ ଗତିବିଧି, ଯାହାର ଅଭ୍ୟାସ ଯେକୌଣସି ସ୍ଥାନରେ କରାଯାଇପାରେ । ଯଦି ଆପଣଙ୍କୁ କେହି ଭର୍ଚୁଆଲ୍ ଡ୍ୟାନ୍ସ ଶିଖାଉଥିବା ଟିଚର୍ ମିଳିଯିବେ, ତା'ହେଲେ ବହୁତ ଭଲ ହେବ । ଯଦି ଅନ୍‌ଲାଇନ୍ ଟିଚର୍ ମିଳୁନାହାନ୍ତି, ତା'ହଲେ ଆପଣ ଡ୍ୟାନ୍ସ ଭିଡିଓ ସହାୟତା ନେଇପାରିବେ । ଅନ୍‌ଲାଇନ୍‌ରେ ଏଭିଳ ଅନେକ ଡ୍ୟାନ୍ସ ଭିଡିଓ ଉପଲବ୍ଧ ରହିଛି, ଯାହା ଦେଖି ପିଲାଏ ନୃତ୍ୟ ଅଭ୍ୟାସ କରିପାରିବେ । ଡ୍ୟାନ୍ସ ଶିଖାଉଥିବା ଭିଡିଓ ଖୋଜିବା ଆପଣଙ୍କ ପାଇଁ ଆଦୌ କଷ୍ଟକର ହେବ ନାହିଁ । ଅନେକ ଭିନ୍ନ ଭିନ୍ନ ପ୍ରକାରର ଡ୍ୟାନ୍ସ ଶୈଳୀର ଭିଡିଓ ୟୁଟ୍ୟୁବ୍‌ରେ ଆପଣଙ୍କୁ ସହଜରେ ମିଳିଯିବ । ମନେରଖିବା ଉଚିତ, ନୃତ୍ୟ କେବଳ ମନୋରଞ୍ଜନର ଏକ ମାଧ୍ୟମ ନୁହେଁ, ଏହା ମଧ୍ୟ ଏକ ଶାରୀରିକ ବ୍ୟାୟାମ, ଯାହା ଶରୀରକୁ ଫିଟ୍ ରଖିବାରେ ଅନେକ ସହାୟତା କରିଥାଏ । ପିଲାଏ ଯଦି ଆଧୁନିକ, ଅତ୍ୟାଧୁନିକ ନୃତ୍ୟରେ ରୁଚି ରଖୁଛନ୍ତି ସେସବୁ ଶିଖିବା ଦିଗରେ ଉତ୍ସାହିତ କରନ୍ତୁ । ଯଦି ସେମାନେ ଶାସ୍ତ୍ରୀୟ ନୃତ୍ୟ ପ୍ରତି ଆଗ୍ରହୀ ତେବେ ସେ ଦିଗରେ ସେମାନଙ୍କୁ କିଛି ଶିଖାଇବା ବ୍ୟବସ୍ଥା କରନ୍ତୁ ।

# ଅନ୍ୟ ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର ଗାଈଘିଅ, ରଖେ ନିରୋଗ ଓ ଦୀର୍ଘାୟୁ

ଆମ ସଂସ୍କୃତିରେ ଗୋଘୃତ ବା ଗାଈଘିଅର ଏକ ବିଶେଷ ଭୂମିକା ରହିଛି। ପୂଜା, ହୋମ ଆଦି ମାଙ୍ଗଳିକ କାର୍ଯ୍ୟରେ ଏହାର ବ୍ୟବହାର ସମ୍ବନ୍ଧରେ ଆମ୍ଭେମାନେ ଅଳ୍ପେ ବହୁତେ ଅବଗତ। ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ଦୃଷ୍ଟିରୁ ମଧ୍ୟ ଏହାର ବିଶେଷ ଭୂମିକା ରହିଛି। ଆୟୁର୍ବେଦ ମତରେ, ଗୋଘୃତ ହେଉଛି ସମସ୍ତ ପ୍ରକାରର ସ୍ନେହ ବା ଚର୍ବିଜାତୀୟ ଖାଦ୍ୟ ମଧ୍ୟରେ ଶ୍ରେଷ୍ଠ। ଏଥିରେ ଅଧିକ ପରିମାଣରେ ପରିପୃକ୍ତ ସ୍ନେହସାର ବା ଚର୍ବି ରହିଥିଲେ ମଧ୍ୟ, ଏଥିରେ ଥିବା ବସା ଅମ୍ଳ ବା 'ଫ୍ୟାଟି ଏସିଡ୍'ର ସ୍ୱଳ୍ପ ଶୃଙ୍ଖଳ ଏବଂ ଅତ୍ୟାବଶ୍ୟକ ବସାଅମ୍ଳ ବା 'ଏସେନ୍‌ସିଆଲ ଫ୍ୟାଟି ଏସିଡ୍'ର ଉପସ୍ଥିତି ଯୋଗୁଁ, ଏହା ଅନ୍ୟାନ୍ୟ ସ୍ନେହସାର ବା ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର। ସେଥିପାଇଁ, ଅତି ପ୍ରାଚୀନକାଳରୁ, ସ୍ୱାସ୍ଥ୍ୟରକ୍ଷାକୁ ଲକ୍ଷ୍ୟରେ ରଖି ଆମ ଦୈନନ୍ଦିନ ଆହାରରେ ଗୋଘୃତର ପ୍ରୟୋଗ କରାଯାଇଛି।

ଆୟୁର୍ବେଦ ମତରେ, ଗୋଘୃତ ନିତ୍ୟ ସେବନ କରିବା ଦ୍ୱାରା ଆମର ଧାରଣଶକ୍ତି, ସ୍ମୃତିଶକ୍ତି, ମେଧା, ଅଗ୍ନି, ବଳ, ଓଜନ ଓ ଆୟୁ ବୃଦ୍ଧି ହୋଇଥାଏ। ଏହା ଆମର ଶୁକ୍ରଧାତୁ, ସ୍ୱର ତଥା ନେତ୍ର ପାଇଁ ହିତକାରୀ। ଏହା ବାତ ଓ ପିତ୍ତର ବିକାର, ଉନ୍ମାଦ, ଅପସ୍ମାର ଓ ଜ୍ୱର ଜନିତ ପ୍ରଦାହକୁ ମଧ୍ୟ ନଷ୍ଟ କରିଥାଏ। ଶରୀରର ଓଜ ଓ ତେଜ ଏହାଦ୍ୱାରା ବୃଦ୍ଧି ହୋଇଥାଏ। ମୁଖଗହ୍ୱରରେ ଘା' ହେଲେ ଏବଂ ଶୀତ ଋତୁରେ ଓଠ ଓ ପାଦତଳ ଫାଟିଲେ, ଗୋଘୃତ ଲଗାଇବା ଦ୍ୱାରା ଉପଶମ ମିଳିଥାଏ। ନିୟମିତ ଗୋଦୁଗ୍ଧ ଓ ଗୋଘୃତକୁ ଏକତ୍ର ସେବନ କଲେ ଏହା ବାର୍ଦ୍ଧକ୍ୟକୁ ବିଳମ୍ବିତ କରିଥାଏ।

ଗୋଘୃତ ସାଧାରଣତଃ ପ୍ରାତଃଭୋଜନ ପୂର୍ବରୁ କିମ୍ବା ପ୍ରାତଃଭୋଜନ ସହିତ ସେବନୀୟ। ଏହାର ମାତ୍ରା- ଅଗ୍ନିର ବଳ ତଥା କୋଷ୍ଠ ଅନୁଯାୟୀ ନିର୍ଦ୍ଧାରିତ ହୋଇଥାଏ। ତେବେ ଏହାକୁ ଆମେ ସାଧାରଣତଃ ଅଧଚାମଚ ମାତ୍ରାରେ ସେବନ କରିପାରିବା। ଗୋଘୃତ ସେବନ ପରେ ଉଷୁମପାଣି ପିଇବା ବିଧେୟ। ତେବେ କେତେକ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲେ ଏହାର ସେବନ ଅନୁଚିତ। ଏହି ସ୍ୱାସ୍ଥ୍ୟ ସମସ୍ୟା ହେଉଛି- ଉଚ୍ଚ କୋଲେଷ୍ଟରଲ, ଯକୃତ ସମ୍ବନ୍ଧୀୟ ରୋଗ, ଅଜୀର୍ଣ୍ଣ, ଜ୍ୱର, ଝାଡ଼ା ଇତ୍ୟାଦି। ଉଚିତ ମାତ୍ରାରେ ଏବଂ ବିଧିପୂର୍ବକ ଗୋଘୃତ ସେବନ ମନୁଷ୍ୟକୁ ନିରୋଗ ରଖିବା ସହିତ ଦୀର୍ଘାୟୁ କରିଥାଏ।



# ନୀରବ ଘାତକ 'ମଧୁମେହ' ରୋଗ

ଦିନକୁ ଦିନ ବଦଳି ଯାଉଛି ମଣିଷର ଜୀବନଶୈଳୀ । ଆଧୁନିକ ମଣିଷର ଜୀବନ ହୋଇଯାଉଛି ବ୍ୟସ୍ତବହୁଳ । ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ମୋବାଇଲ ଆଗରେ ବସି ରହିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା, ଦିନରେ ବିଳମ୍ବରେ ଉଠିବା, ଏକ୍ସରସାଇଜରୁ ଦୂରେଇ ରହିବା, ଅତ୍ୟଧିକ ତେଲ, ମସଲା ଖାଇବା ଦ୍ୱାରା ମଣିଷକୁ ଗ୍ରାସ କରୁଛି ଅନେକ ରୋଗ । ସେଥିମଧ୍ୟରୁ ସର୍ବାଧିକ ଲୋକଙ୍କୁ ଆକ୍ରାନ୍ତ କରୁଥିବା ରୋଗ ଭାବେ ପରିଚିତ ମଧୁମେହ । କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ଏପରିକି କମ୍ ବୟସର ପିଲା ବି ଏହା ଦ୍ୱାରା ଖୁବ୍ କମ୍ ବୟସରୁ କବଳିତ ହେଉଛନ୍ତି।

ମଧୁମେହ ରୋଗର ଡାକ୍ତରୀ ନାମ ହେଉଛି ଡାଇବେଟିସ ମେଲିଟସ୍। ଗ୍ରୀକ୍ ଭାଷାରେ 'ମେଲିଟସ୍' ଶବ୍ଦର ଅର୍ଥ ହେଉଛି ମହୁ ଓ ଡାଇବେଟିସ ଶବ୍ଦର ଅର୍ଥ ନଳୀ । ପରିସ୍ରା ନଳୀରେ ମହୁ ଭଳି ମିଠାଯୁକ୍ତ ପରିସ୍ରା ହେଉଥିବାରୁ ଏହାର ନାମ 'ଡାଇବେଟିସ ମେଲିଟସ୍' ବୋଲି କୁହାଗଲା।

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ମହର୍ଷି ଶୁଶ୍ରୁତ ଏହାର ନାମ ମଧୁମେହ ରଖିଥିଲେ। ମଧୁ ଅର୍ଥ ମହୁ ଓ ମେହ ଅର୍ଥ ପରିସ୍ରା ଦୋଷ । ତେଣୁ ଗ୍ରୀକ୍‌ମାନଙ୍କଠାରୁ ବହୁ ପୂର୍ବରୁ ଶୁଶ୍ରୁତ ଏହାର ନାମକରଣ କରି ସାରିଥିଲେ।

ରକ୍ତରେ ଶର୍କରା ପରିମାଣ ବୃଦ୍ଧି ପାଇଲେ ଡାଇବେଟିସ ରୋଗ ନିରୂପଣ କରାଯାଇଥାଏ । ଡାଇବେଟିସ ସାଧାରଣତଃ ୨ ପ୍ରକାରର । ଟାଇପ-୧ ଓ ଟାଇପ୍-୨ ଡାଇବେଟିସ । ଟାଇପ୍-୧ ଡାଇବେଟିସ ଶତକଡ଼ା ୫ ଭାଗ ଥିବା ବେଳେ ଟାଇପ୨- ଡାଇବେଟିସ ଶତକଡ଼ା ୯୫ ଭାଗ ରହିଛି।

ଟାଇପ-୧ ଡାଇବେଟିସ ଶୈଶବ, କିଶୋର ଓ ଆଦ୍ୟ ଯୌବନରେ ମୁଖ୍ୟତଃ ୨୫ ବର୍ଷରେ ହୋଇଥାଏ । ଏ କ୍ଷେତ୍ରରେ ହଠାତ୍ ରୋଗର ଲକ୍ଷଣ ଦେଖାଯାଏ। ଟାଇପ୍-୨ ଡାଇବେଟିସ ସାଧାରଣତଃ ୪୦ ବର୍ଷ ପରେ ହୋଇଥାଏ। ଏମାନଙ୍କ ପରିବାର ଓ ନିକଟ ସମ୍ପର୍କୀୟଙ୍କର ଡାଇବେଟିସ ରୋଗର ଇତିହାସ ଥାଏ। ରକ୍ତ ଶର୍କରା ଅଧିକ ରହିଲେ, ଭୋକ, ଶୋଷ ଓ ପରିସ୍ରା ଅଧିକ ହୁଏ ।

ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ବିଶ୍ୱ ଡାଇବେଟିସ ଡେ ଭାବେ ପାଳନ କରାଯାଉଛି। ଇନସୁଲିନ ଆବିଷ୍କାର କରିଥିବା ଡ. ବ୍ୟାଣ୍ଟିଙ୍ଗଙ୍କ ଜନ୍ମ ତାରିଖ ଅନୁସାରେ ଜନସଚେତନା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଏହି ଦିନକୁ ବିଶ୍ୱ ମଧୁମେହ ଦିବସ ଭାବେ ପାଳନ କରାଯାଏ ।

ମଧୁମେହ ରୋଗ ହେଉଛି ନୀରବ ଘାତକ । ଏପରିକି ଏହାକୁ ଆଧୁନିକ ସଭ୍ୟତାର ଅଭିଶାପ ବୋଲି ବି କୁହାଯାଏ । ପୂର୍ବରୁ ସାଧାରଣତଃ ୪୦ ବର୍ଷରରୁ ଅଧିକ ବର୍ଷର ଲୋକ ଡାଇବେଟିସରେ ଆକ୍ରାନ୍ତ ହୋଇଥାନ୍ତି। ମାତ୍ର ଏବେ ଯୁବ ପିଢ଼ି ଓ କୁନି କୁନି ପିଲା ବି ଏହାର ପଞ୍ଝାରୁ ରକ୍ଷା ପାଇପାରୁ ନାହାନ୍ତି।

ଡାଇବେଟିସ ରୋଗକୁ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇ ପାରିଲେ, ସଠିକ୍ ସମୟରେ ତାର ଚିକିତ୍ସା କରାଯାଇପାରିବ। ଚିକିତ୍ସା, ଜୀବନଶୈଳୀରେ ପରିବର୍ତ୍ତନ ସହ ନିୟନ୍ତ୍ରଣରେ ରହିଲେ ଜଣେ ମଧୁମେହ ରୋଗୀ ସୁସ୍ଥ ଜୀବନଯାପନ କରିପାରିବ ।

ମୁଖ୍ୟତଃ ଖାଇବା ପିଇବାରେ ଅନିୟମିତତା, ତନ୍ତୁଜାତୀୟ ଖାଦ୍ୟର ଅଭାବ ଡାଇବେଟିସ ବୃଦ୍ଧିର ମୁଖ୍ୟ କାରଣ ବୋଲି ବିଶେଷଜ୍ଞଙ୍କ ମତ । ଇଣ୍ଟରନ୍ୟାସନାଲ ଡାଇବେଟିସ ଫେଡେରେସନ ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ୨୦ରୁ ୭୯ ବର୍ଷ ମଧ୍ୟରେ ୪୩ ମିଲିଅନ ଲୋକ ଡାଇବେଟିସରେ ଆକ୍ରାନ୍ତ । ଚୀନ, ଭାରତ ଓ ଆମେରିକାରେ ଅଧିକ ସଂଖ୍ୟକ ଡାଇବେଟିସ ରୋଗୀ ଥିବା ସର୍ଭେରୁ ଜଣାଯାଇଛି।




ଶରୀରରେ ଇନସୁନିଲ ସ୍ତର କମିଲେ ମଧୁମେହ ହୋଇଥାଏ। ବିଶେଷତଃ ଏହା ବଂଶାନୁକ୍ରମିକ, ବୟସ ବଢ଼ିଲେ ଓ ଶରୀରର ମୋଟାପଣ ବଢ଼ିଲେ ଲୋକେ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ୨୦୧୯ ମସିହା ପର୍ଯ୍ୟନ୍ତ ଭାରତରେ ଡାଇବେଟିସ ରୋଗୀଙ୍କ ସଂଖ୍ୟା ୭୭ ମିଲିଅନ ଅର୍ଥାତ ୭ କୋଟି ୭୦ ଲକ୍ଷ ଥିଲା। ୨୦୩୦ ସୁଦ୍ଧା ଏହା ୧୦୧ ମିଲିଅନ ହୋଇପାରେ ବୋଲି ଆକଳନ କରାଯାଉଛି। ଭାତରେ ୨୦ରୁ ୭୯ ବର୍ଷ ବୟସର ଅଧିବ ବ୍ୟକ୍ତି ଡାଇବେଟିସରେ ଆକ୍ରାନ୍ତ ହେଉଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରିପୋର୍ଟ ଅନୁଯାୟୀ, ୨୦୧୯ ମସିହାରେ ମଧୁମେହ କାରଣରୁ ବିଶ୍ୱରେ ପ୍ରାୟ ୧.୫ ନିୟୁତ ଲୋକଙ୍କର ମୃତ୍ୟୁ ହୋଇଛି। ବର୍ତ୍ତମାନ ବିଶ୍ୱର ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି ମଧୁମେହ ।

ସାରା ବିଶ୍ୱରେ ବଡ଼ ସମସ୍ୟା ହେଉଛି, ଡାଇବେଟିସକୁ ଚିହ୍ନଟ କରାଯାଇପାରୁ ନାହିଁ। ଭାରତରେ ପ୍ରାୟ ୪୩.୯ ମିଲିଅନ ଲୋକ ଡାଇବେଟିସରେ ଆକ୍ରାନ୍ତ ବୋଲି ଜାଣି ନାହାନ୍ତି। ଆମେରିକାରେ ଏହି ସଂଖ୍ୟା ୧୧.୮ ମିଲିଅନ ଓ ଚାଇନାରେ ଏହି ସଂଖ୍ୟା ୬୫.୨ ।

ମଧୁମେହ ରୋଗକୁ ନିୟନ୍ତ୍ରଣକୁ ଆଣିବା ନିମନ୍ତେ ଖାଦ୍ୟପେୟ ଉପରେ ରୋଗୀ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ । ଖାଦ୍ୟପେୟ, ବ୍ୟାୟାମ ଓ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ମଧୁମେହ ରୋଗୀ ଆଦୌ ଔଷଧ ଖାଇବା ବନ୍ଦ କରିବା କଥା ନୁହେଁ।

ମଧୁମେହ ରୋଗୀ ନିଜ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଖାଦ୍ୟପେୟରେ ଟିକେ ବି ଅବହେଳା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ମଧୁମେହ ରୋଗୀ ସବୁ ପ୍ରକାର ଖାଦ୍ୟ ଖାଇପାରି ନ ଥାନ୍ତି। ସେମାନେ ଖାଉଥିବା ଖାଦ୍ୟ ଯେପରି ରକ୍ତ ଶର୍କରା ପରିମାଣ ନ ବଢ଼ାଇବ, ସେ ଦିଗରେ ସେମାନେ ଯତ୍ନବାନ ହେବା ଆବଶ୍ୟକ ।

ମଧୁମେହ ରୋଗୀ ତନ୍ତୁଜାତୀୟ ଖାଦ୍ୟ, କମ୍ପ୍ଲେକ୍ସ କାର୍ବୋହାଇଡ୍ରେଡ ତଥା ମିଲେଟ, ସବୁଜ ପନିପରିବା ଓ ଫଳ ବି ଖାଇପାରିବେ। ଯେଉଁ ସବୁ ଖାଦ୍ୟ ପଦାର୍ଥରେ ଗ୍ଲାଇସେମିକ ଇଣ୍ଡେକ୍ସ କମ୍ ରହୁଛି, ସେମାନଙ୍କୁ ସେସବୁ ଖାଇବା ଦରକାର।

ଏହି ରୋଗୀ ଏକକାଳୀନ ବେଶି ପରିମାଣର ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ । ସେମାନେ ପ୍ରତି ୨ ଘଣ୍ଟାରେ ଅଳ୍ପ ଅଳ୍ପ ଖାଦ୍ୟ ଅଧିକ ଥର ଖାଇପାରିବେ। ଖାଦ୍ୟ ସହ ମଧୁମେହ ରୋଗୀ ପାଣି ବି ଠିକ୍ ଭାବେ ପିଇବା ଆବଶ୍ୟକ ।

ଅନେକ ସମୟରେ ମଧୁମେହ ରୋଗୀଙ୍କ ରକ୍ତରେ ଶର୍କରାର ପରିମାଣ କମିଯାଏ। ଫଳରେ ସେମାନଙ୍କ ମୁଣ୍ଡ ବୁଲାଏ, ଦେହହାତ ଥରେ ଓ ଶରୀରରୁ ଝାଳ ବୁହେ। ଏସବୁ ସମସ୍ୟା ଦେଖାଦେଲେ ସେମାନଙ୍କୁ ସଙ୍ଗେ ସଙ୍ଗେ ଶର୍କରା, ଗ୍ଳୁକୋଜ ଦେଇପାରିବେ। ଅଳ୍ପ ଅଳ୍ପ ଖାଦ୍ୟ ବହୁ ଥର ଖାଆନ୍ତୁ । ଉପବାସ କରନ୍ତୁ ନାହିଁ । ମଧୁମେହ ରୋଗୀଙ୍କ ପାଇଁ ମିଠାର ବିକଳ୍ପ ପାଲଟିଛି ସୁଗାର ଫ୍ରି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସଂଶୋଧନ ଲୋଡା...

ଏ ଦେଶ ତା'ର ଜନ ସମୁଦାୟକୁ ନେଇ ସେତିକି ବେଳେ ଗର୍ବ କରିଥାଏ, ଯେତେବେଳେ ଏହା ଉତ୍ପାଦନକ୍ଷମ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଥାଏ । ଚୀନ୍‌କୁ ଟପି ଭାରତ ଆସନ୍ତା ବର୍ଷ ବିଶ୍ୱର ଜନବହୁଳ ରାଷ୍ଟ୍ରର ମାନ୍ୟତା ଲାଭ କରିବାକୁ ଯାଉଥିବା ବେଳେ ପୃଥିବୀ ନାମକ ଆମର ଏଇ ଗ୍ରହରେ ବର୍ତ୍ତମାନ ଆଠ ବିଲିଅନ୍‌ରୁ ଅଧିକ ଲୋକ ବାସ କରୁଛନ୍ତି, କାରଣ ଏଇ ମାତ୍ର କିଛିଦିନ ପୂର୍ବେ ପୃଥିବୀ ଉପରୋକ୍ତ ସଂଖ୍ୟାକୁ ହାସଲ କରି ଆଗକୁ ଆଗେଇ ଚାଲିଛି । ଏଥି ?ପାଇଁ ଆନନ୍ଦର ନା ବିଷାଦର ଘଣ୍ଟି ବାଜିବ ଏ ପ୍ରଶ୍ନର ଉତ୍ତର ମିଶାମିଶି, ଅର୍ଥାତ୍ କିଛି ଆନନ୍ଦ ଆଉ ଆବଶ୍ୟକୀୟ କାମ କରି ନ ପାରିଲେ ବିଷାଦ । ମଣିଷର ଜନ୍ମ ଏବଂ ଦୀର୍ଘ ଜୀବନ ବିଜ୍ଞାନ ଓ ଔଷଧଗୁଡ଼ିକର ଆବିଷ୍କାରଜନିତ ପ୍ରଗତି ହାସଲ କରିବାର ପରୀକ୍ଷଣ, କାରଣ ପ୍ରାପ୍ତବୟସ୍କ ଏବଂ ପିଲାମାନେ ପୂର୍ବାପେକ୍ଷା ବର୍ତ୍ତମାନ ସମୟରେ ଅଧିକ ଦିନ ବଞ୍ଚୁଛନ୍ତି । ଏସବୁ ଅପେକ୍ଷା ଯାହା ସବୁଠୁ ଅଧିକ ଖୁସିର କଥା, ତାହା ହେଉଛି ବିଶ୍ୱ ଜନସଂଖ୍ୟା ବୃଦ୍ଧି ହାର ଆଗାମୀ ସମୟରେ ଅତୀତର ଏକ ଘଟଣା ପାଲଟିବାକୁ ଯାଉଛି । ସୂଚନାଯୋଗ୍ୟ ଯେ ଗତ ଛଅ ଦଶନ୍ଧି ଭିତରେ ବିଶ୍ୱ ଜନସଂଖ୍ୟା ଦୁଇଗୁଣ ବୃଦ୍ଧି ପାଇଥିଲା । ଏହି ପର୍ଯ୍ୟାୟର ବୃଦ୍ଧି ଠିକ୍ ସେତିକି ବେଳେ ସଂଘଟିତ ହୋଇଥିଲା, ଯେତେବେଳେ ଅଧିକାଂଶ ତେବେ ଭବିଷ୍ୟତରେ ଜନସଂଖ୍ୟା ହ୍ରାସ ପାଇବାକୁ ଯାଉଥିବାର କାରଣ ହେଉଛି ସମଗ୍ର ପୃଥିବୀରେ ବର୍ତ୍ତମାନ ପ୍ରଜନନ ହାର ନିମ୍ନ ଗତି ଆପଣାଉ ଥିବାର ସୂଚନା ମିଳୁଛି । ବସ୍ତୁତଃ, ଜାତିସଂଘ ଏକଥା ସ୍ପଷ୍ଟ କରି ସାରିଛି ଯେ ଭାରତର ଜନସଂଖ୍ୟା ବୃଦ୍ଧି ସ୍ଥିରତାକୁ ଆପଣାଉଛି, ଯେହେତୁ ଏହାର ମୋଟ ପ୍ରଜନନ ହାର, ଅର୍ଥାତ୍ ମହିଳାଙ୍କ ପିଛା ପ୍ରସବ ହାର ୨.୦କୁ ଖସି ଆସିଛି, ଯାହା ପ୍ରତିସ୍ଥାପନର ସ୍ତରଠାରୁ କମ୍ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବଂ ପରିବାର ନିୟୋଜନ ହେଉଛି ; ସେଗୁଡ଼ିକରେ ଅଧିକ ପୁଞ୍ଜିନିବେଶ କରାଯିବା ସହିତ ସେସବୁକୁ ଅଧିକ ସମ୍ପ୍ରସାରିତ କରାଯିବାର ଆବଶ୍ୟକତା ରହିଛି । କେତେକ ରାଜନୀତିକ ଗୋଷ୍ଠୀ ବାତାବରଣକୁ ବିଷାକ୍ତ କରିଦେବା ଭଳି ଯେଉଁ ଅମୂଳକ ଅଭିଯୋଗ କରୁଛନ୍ତି ଯେ ମୁସଲମାନମାନଙ୍କ ମଧ୍ୟରେ ଜନ ବିସ୍ଫୋରଣ ଘଟୁଛି, ତାହା ମଧ୍ୟ ତଥ୍ୟ ଆଧାରରେ ବନ୍ଦ ହେବା ଉଚିତ । ଭାରତ ପାଇଁ ସୁଖବରର ଏଇଠାରେ ସମାପ୍ତି ଘଟୁଛି । ବିଶ୍ୱର ସର୍ବାଧିକ ଲୋକ ବାସ କରୁଥିବା ଚୀନ୍‌କୁ ଭାରତ ଆଉ ମାତ୍ର ଅଳ୍ପ କେତେ ମାସ ପରେ ଟପିବାକୁ ଯାଉଥିବା ବେଳେ ଏହା ପୃଥିବୀର ଜନ ବୋଝ ବଢ଼ାଇବାରେ ଗୁରୁତର ଅବଦାନ ରଖୁବାକୁ ମଧ୍ୟ ଯାଉଛି । ଭାରତରେ ସାମାଜିକ, ରାଜନୀତିକ ଏବଂ କ୍ରମବର୍ଦ୍ଧିଷ୍ଣୁ ଧାର୍ମିକ ଅସମାନତା ଏହାର ବ୍ୟବସ୍ଥା ଭିତରେ ଓତଃପ୍ରୋତ ଭାବରେ ବଜାୟ ରହିଥିବା ସାମ୍ପ୍ରତିକ ସମୟରେ ଏକ ଚର୍ଚ୍ଚାର ପ୍ରସଙ୍ଗ ପାଲଟି ଥିବା ବେଳେ ବର୍ଦ୍ଧିତ ଜନସଂଖ୍ୟାଙ୍କ କ୍ଷେତ୍ରରେ ସମ୍ବଳର ନିଷ୍ପକ୍ଷ ଆବଣ୍ଟନ ଏକ ବିରାଟ ଆହ୍ୱାନ ଭାବରେ ଉଭା ହେବାକୁ ଯାଉଛି । ସଙ୍ଗେ ସଙ୍ଗେ ଅନ୍ୟ ଏକ ଆହ୍ୱାନ ମଧ୍ୟ ସର୍ବ ସମକ୍ଷରେ ବର୍ତ୍ତମାନ ଉଭା ହୋଇ ସାରିଛି । ତାହା ହେଉଛି, 'ଜନସଂଖ୍ୟକ ପାଣ୍ଠି', ଯାହା ସମ୍ପର୍କରେ ଆମର ନେତାମାନେ ବେଶ୍ କିଛି ଦିନ ହେବ ଅନେକ କିଛି କହୁଛନ୍ତି । ଭାରତକୁ ଏବେ ବିଶ୍ୱରେ ଯୁବ ବର୍ଗଙ୍କ ଦେଶ କୁହାଯାଉଛି । ଆଉ ଯୁବ ବୟସ ହେଉଛି କର୍ମ କରିବାର, ନୂଆ କିଛି ସୃଷ୍ଟି କରିବାର ବୟସ । କିନ୍ତୁ ଭାରତ ଏହି ଯୁବ ବର୍ଗ, କାମ କରିବା ବୟସର ମାନବ ସମ୍ବଳର ଲାଭ ଉଠାଇବାରେ ସକ୍ଷମ ହୋଇଛି କି ? ଏ ବାବଦରେ ତଥ୍ୟ କିନ୍ତୁ କିଛି ଭିନ୍ନ କଥା କୁହେ । ଏକ ରାଷ୍ଟ୍ର ତା'ର ଜନସଂଖ୍ୟକ ପାଣ୍ଠିର ପ୍ରଭାବଶାଳୀ ଉପଯୋଗ କରୁଥିବାର ଏକ ନିର୍ଭରଯୋଗ୍ୟ ସୂଚକ ହେଉଛି ଏହାର କର୍ମ ଶକ୍ତିରେ କର୍ମ କରିବାଯୋଗ୍ୟ ବୟସର ଲୋକମାନଙ୍କର ଅଂଶଗ୍ରହଣର ହାର । ୨୦୨୧ରେ ଏହି ହାର ସମଗ୍ର ବିଶ୍ୱ ପାଇଁ ଯେତେବେଳେ ୫୯ ପ୍ରତିଶତ ଥିଲା, ସେତେବେଳେ ଭାରତ କ୍ଷେତ୍ରରେ ଏହା ଥିଲା ୪୬ ପ୍ରତିଶତ । ପୁଣି ଭାରତୀୟ ମହିଳାମାନଙ୍କ କ୍ଷେତ୍ରରେ ଏହି ହାର ଅଧିକ ବିସ୍ତୃତ ଥିଲା । ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁସାରେ ବିଶ୍ୱରେ ମହିଳାମାନଙ୍କର କର୍ମ ଶକ୍ତିରେ ଅଂଶଗ୍ରହଣର ହାର ୪୬ ପ୍ରତିଶତ ଥିବାବେଳେ ଭାରତରେ ଏହି ହାର ମାତ୍ର ୧୯ ପ୍ରତିଶତ । ଯେ ପର୍ଯ୍ୟନ୍ତ ଚାକିରି ବଜାରରେ ଅଧିକ ସଂଖ୍ୟକ ମହିଳାଙ୍କୁ ଦେଖିବାକୁ ମିଳିନାହିଁ ଏବଂ ସାମଗ୍ରିକ ଭାବରେ ମାନବ ପୁଞ୍ଜିର ଗୁଣାତ୍ମକ ମାନରେ ଉନ୍ନତି ଘଟିନାହିଁ, ଭାରତ ଏହାର ଜନସଂଖ୍ୟକ ପାଣ୍ଠିର ଫାଇଦା ଉଠାଇବାର ସମ୍ଭାବନା କ୍ଷୀଣ । କୌଣସି ସ୍ଥାନ, ରାଜ୍ୟ ବା ଦେଶରେ ଅଧିକ ସଂଖ୍ୟକ ଲୋକ ବାସ କରିବା ଏକ ଆହ୍ୱାନ ନୁହେଁ । ସବୁଠୁ ବଡ଼କଥା ହେଉଛି, ସାମଗ୍ରିକ ସମୃଦ୍ଧି ନିମନ୍ତେ ସେମାନଙ୍କୁ କୁଶଳୀ କରାଇବା । ଭାରତରେ ଯୁବ ବର୍ଗଙ୍କ ନିମନ୍ତେ ଏକ ବଡ଼ ବିଫଳତା ଭାବରେ ପରିଗଣିତ କରନ୍ତି । ଏହି ତ୍ରୁଟିର ଯଦି ସଂଶୋଧନ କରା ନଯାଏ, ତା'ହେଲେ ବିପୁଳ ଜନସଂଖ୍ୟା ସମ୍ପଦ ପରିବର୍ତ୍ତେ ସାମାଜିକ ବିଶୃଙ୍ଖଳାର କାରଣ ହୋଇ ବିପଦ ପାଲଟିବାର ସମ୍ଭାବନା ରହିବ ।

# କୃଷକଙ୍କ ପାଇଁ ଦୃଷ୍ଟିର ଅଭାବ



**ଡକ୍ଟର ଲକ୍ଷ୍ମଣ ସାହୁ**

**ଦେଶର କୃଷି ଗବେଷଣା କେନ୍ଦ୍ର ଦ୍ୱାରା ଗହମ ଉତ୍ପାଦନ ନିମନ୍ତେ ଜଳସେଚନ ସୁବିଧା କରାଯାଇଛି । ଶୀତଦିନେ କୃଷକ ପ୍ରତ୍ୟେକ ଜଳସେଚନରେ ୟୁରିଆ ଏବଂ ଅନ୍ୟାନ୍ୟ ସାର ଛିଞ୍ଚିବା ଆବଶ୍ୟକ ବୋଲି ବିବେଚନା କରାଯାଇଛି । ଯାହା କେବଳ ଖର୍ଚ୍ଚ ବଢାଏ ନାହିଁ , ବରଂ ଜମିର ଉର୍ବରତାକୁ ମଧ୍ୟ ଦୁର୍ବଳ କରିଥାଏ । ଦେଶର ଚାଳିଶ ପ୍ରତିଶତ କୃଷି ଜଳସେଚନ ବିନା ଜଳସେଚିତ ହୁଏ, ଯେଉଁଠାରେ କମ୍ ଜଳ ଫସଲର ମଞ୍ଜି ଆବଶ୍ୟକ ହୁଏ । କିନ୍ତୁ ସରକାରୀ ସ୍ଥାନାନ୍ତରଣ କୃଷକଙ୍କ ଆବଶ୍ୟକତାଠାରୁ ବହୁ ଦୂରରେ ଥିବା ଲକ୍ଷ୍ୟ କରାଯାଏ...!!!**

ଚଳିତ ବର୍ଷ ସୁଦ୍ଧା କୃଷକଙ୍କ ଆୟ ଦ୍ୱିଗୁଣିତ କରିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ତେବେ ସରକାର ଏହି ଲକ୍ଷ୍ୟ ହାସଲ ପାଇଁ ୨୦୧୫-୧୬ କୁ ମୂଳ ବର୍ଷ ଭାବରେ ବିବେଚନା କରିଛନ୍ତି, ଯେତେବେଳେ କୃଷକଙ୍କ ହାରାହାରି ବାର୍ଷିକ ଆୟ ୯୩,୨୧୬ ଟଙ୍କା ହେବ । ଅବଶ୍ୟ, ଗତ ବର୍ଷ ମଧ୍ୟରେ ଫସଲ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ ବୃଦ୍ଧି ହୋଇସାରିଛି । କୃଷି ବଜେଟକୁ ବୃଦ୍ଧି କରାଯାଇଛି, ଯାହା ବର୍ତ୍ତମାନ ୧.୨୩ ଲକ୍ଷ କୋଟି ଟଙ୍କା । କୃଷି କ୍ଷେତ୍ରରେ ବିନିଯୋଗ ମଧ୍ୟ ବୃଦ୍ଧି ପାଇଛି । କିନ୍ତୁ ଏସବୁ ତୁଳନାରେ କୃଷି କ୍ଷେତ୍ରରେ ବ୍ୟବହୃତ ବିହନ, ସାର, କୀଟନାଶକ, ଡିଜେଲ ସହିତ ମଜୁରୀ ମଧ୍ୟ ଏହି ଦୁଇ ବର୍ଷରେ ଦ୍ୱିଗୁଣିତ ହୋଇଛି । ଏହି ଖର୍ଚ୍ଚରେ କୃଷକ ସାମନ୍ ନିଧିଙ୍କୁ ମଧ୍ୟ ସରକାର ଖର୍ଚ୍ଚ କରିଛନ୍ତି, କିନ୍ତୁ ତାଙ୍କ ହାତ ପୂର୍ବ ଅପେକ୍ଷା ଅଧିକ ଖାଲି ଅଛି । ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଦ୍ରୁତ ଜଳବାୟୁ ପରିବର୍ତ୍ତନ କୃଷିର ଉତ୍ପାଦକତା ଗୁଣକୁ ପ୍ରଭାବିତ କରିଛି । ପୁନର୍ବାର ଚାଷ କ୍ଷୟକ୍ଷତି କାରବାରରେ ପରିଣତ ହେବା ଆରମ୍ଭ କରିଛି ।

ସରକାରଙ୍କ କୃଷି-ବ୍ୟବସାୟ ନୀତିର ଫଳାଫଳ ଏବଂ ଚାଷର ଆୟ ବୃଦ୍ଧି ପାଇଁ କାର୍ଯ୍ୟକାରୀ ହେଉଥିବା ପଦକ୍ଷେପ ଏପର୍ଯ୍ୟନ୍ତ ଉତ୍ସାହଜନକ ନୁହେଁ । ରବି ଫସଲ ବୁଣିବାର ସମୟ ଆସିଛି , କିନ୍ତୁ ଚାଷୀଙ୍କ ପାଖରେ ଭଲ ଗୁଣାତ୍ମକ ବିହନ ନାହିଁ । ଅଧିକାଂଶ ରାଜ୍ୟ ସରକାରଙ୍କ ପାଖରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ସାର ମଧ୍ୟ ଉପଲବ୍ଧ ନାହିଁ । ୟୁରିଆର ବ୍ୟବହାର ହ୍ରାସ କରିବାକୁ ଏହାର ଉତ୍ପାଦନ ଏବଂ ଆମଦାନୀ ହ୍ରାସ କରାଯାଉଛି । କିନ୍ତୁ ଉନ୍ନତ ବିକଳ୍ପ ପ୍ରସ୍ତୁତ କରିବା ଏବଂ ଚାଷୀଙ୍କୁ ସେମାନଙ୍କ ବ୍ୟବହାର ବିଷୟରେ ଅବଗତ କରାଇବାରେ ସରକାରଙ୍କ ଉଦ୍ୟମ ଅସମ୍ପୂର୍ଣ୍ଣ ଅଟେ । ସାରର ଅର୍ଥନୈତିକ ବ୍ୟବହାର ପରିବର୍ତ୍ତେ କୃଷକମାନେ ଭ୍ରାନ୍ତ ସାର ଏବଂ କଳା ମାର୍କେଟର ବା ଅସାଧୁ ବିକ୍ରେତାଙ୍କ ଶିକାର ହେଉଛନ୍ତି । ଖରିଫ ଫସଲରେ ଚାଷୀଙ୍କ ଧାରା ଧାନ ଫସଲ ଆଡକୁ ଦ୍ରୁତ ଗତିରେ ବୃଦ୍ଧି ପାଇଛି । ଏହାର କାରଣ ହେଉଛି ସୋୟାବିନ୍, ତୈଳବୀଜ ଏବଂ ଡାଲି ଫସଲରେ କ୍ରମାଗତ କ୍ଷତି ହେତୁ ଅଧିକ ମୂଲ୍ୟ ବୃଦ୍ଧି ଓ ଅନିଶ୍ଚିତତା କାରଣରୁ ଧାନ ଅମଳରେ ଥିବା ଅଞ୍ଚଳ ଗତ ତିନି ବର୍ଷ ମଧ୍ୟରେ ବୃଦ୍ଧି ପାଇଛି । କିନ୍ତୁ ସରକାରଙ୍କ ନୀତି ବର୍ତ୍ତମାନ ଧାନ ଉତ୍ପାଦନ କରୁଥିବା ଚାଷୀଙ୍କୁ ବିଚଳିତ କରୁଛି । ୨୦୧୯-୨୦ ତୁଳନାରେ ଭାରତର ଅଣ-ବାସୁମତି ଚାଉଳ ରପ୍ତାନି ୧୧-୧୭ ପ୍ରତିଶତ ଏବଂ ବାସୁମତି ଚାଉଳ ରପ୍ତାନି ୨୦୨୧-୨୨ ରେ ୧୯.୬୯ ପ୍ରତିଶତ ହ୍ରାସ ପାଇଛି ।

ଏହାର କାରଣ ହେଉଛି ସରକାରଙ୍କ ନୀତି ଏବଂ ପ୍ରଶାସନିକ ଅବହେଳା । ମାର୍ଚ୍ଚ-ଏପ୍ରିଲ ୨୦୨୨ରେ ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ କେବଳ ଗହମ ରପ୍ତାନି ଉପରେ ଧ୍ୟାନ ଦେଉଥିଲା । ବନ୍ଦରରେ ଚାଉଳ ଅନଲୋଡିଂ ସ୍ଥାନ ଉପଲବ୍ଧ ନଥିଲା । ସେଠାରେ ଚାଷୀଙ୍କ ନିମନ୍ତେ ସେଭଳି କୌଣସି ସୁବିଧା ସୁଯୋଗ ନଥିଲା । ଯଦିଓ ପରେ ସରକାର ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଲେ । କିନ୍ତୁ ସେତେବେଳକୁ ବ୍ୟବସାୟୀଙ୍କ ଚାଉଳ ରପ୍ତାନି ଚୁକ୍ତିନାମା ସମାପ୍ତ ହୋଇଗଲା । ସାମ୍ପ୍ରତିକ ଖରିଫ ଋତୁରେ ମୌସୁମୀ ଅନିଶ୍ଚିତତା । ବର୍ତ୍ତମାନର ଖରିଫ ଋତୁରେ ତୈଳବୀଜ ଏବଂ ଡାଲିର ଘରୋଇ ଉତ୍ପାଦନକୁ ହ୍ରାସ କରିଛି । ଗତ ବର୍ଷ ତେଲ ବିହନ ବୁଣିବା ଏକ ଲକ୍ଷ ହେକ୍ଟର ଅଞ୍ଚଳରେ ହ୍ରାସ ପାଇଛି । ସାତ ଲକ୍ଷ ହେକ୍ଟର ଜମିରେ ଡାଲି ଚାଷରେ ଏହି ଅଞ୍ଚଳରେ ହ୍ରାସ ଘଟିଛି । ଅନ୍ୟପକ୍ଷରେ ଅମଳ ସମୟରେ ବଙ୍ଗୋପସାଗରରେ କମ୍ ଚାପ ଯୋଗୁଁ ଡାଲି ଏବଂ ତୈଳବୀଜ ଫସଲ ନଷ୍ଟ ହୋଇଯାଇଛି । ସବୁଠାରୁ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ସର୍ବାଧିକ ସୋୟାବିନ ଚାଷ ହେଉଥିବା ହେତୁ , ଉତ୍ପାଦନକାରୀ ସୋୟାବିନ ରାଜ୍ୟ ଭାବେ ଉଭୟ ରାଜ୍ୟ ପରିଣତ ହୋଇଛି , ଯଦିଓ ଦେଶର ଆବଶ୍ୟକ ଅନୁସାରେ ଏହା ପର୍ଯ୍ୟାପ୍ତ ଉତ୍ପାଦନ କରି ପାରିନାହିଁ । ସୂଚନାଯୋଗ୍ୟ ଯେ ମଧ୍ୟପ୍ରଦେଶର ସୋୟାବିନ୍ କ୍ଷେତରେ ଥିବା ଅନ୍ୟ ରାଜ୍ୟଗୁଡିକ ଟିକସଠାରୁ ଅଧିକ ।

ରାଜ୍ୟର ବ୍ୟବସାୟୀମାନେ ବର୍ଷ ବର୍ଷ ଧରି ଟିକସ ହ୍ରାସ କରିବାକୁ ଦାବି କରିଆସୁଛନ୍ତି । କିନ୍ତୁ ସେଠାକାର ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇନାହାଁନ୍ତି । ଅନ୍ୟ ଦେଶରେ ଯେଉଁଠାରେ ପ୍ରତିବର୍ଷ ହାରାହାରି ଉତ୍ପାଦନ ବୃଦ୍ଧି ପାଉଛି, ଯାହା ଫଳରେ କୃଷକ ସୋୟାବିନ ଫସଲରେ କ୍ଷତିଗ୍ରସ୍ତ ହେବା ଯୋଗୁ ପରେ ଆତ୍ମହତ୍ୟା ଭଳି ପଦକ୍ଷେପ ନେଉଛନ୍ତି । ଏହିସବୁ କାରଣରୁ ଚଳିତ ବର୍ଷ ସୋୟାବିନ ବୁଣିବା ଗତ ବର୍ଷ ତୁଳନାରେ ୧.୫ ଲକ୍ଷ ହେକ୍ଟର ହ୍ରାସ ପାଇଛି । ଗୁଜୁରାଟରେ ଭୂତଳ ଏକର ମଧ୍ୟ ହ୍ରାସ ପାଇଛି । ଦେଶର ରାଜଧାନୀର ପ୍ରମୁଖ ଅଂଶ ଡାଲି ଏବଂ ତୈଳବୀଜ ଆମଦାନୀ ପାଇଁ ଖର୍ଚ୍ଚ ହେଉଛି । କିନ୍ତୁ କୃଷିଭିତ୍ତିକ ଦାୟିତ୍ୱ ଥିବା କେନ୍ଦ୍ର ପାରମ୍ପାରିକ ଫସଲର ବିକଳ୍ପ ଯୋଗାଇବାରେ ଓ ପାଣିପାଗ ପ୍ରତିରୋଧକ ମଞ୍ଜି ବିକାଶରେ ପଛରେ ପଡିଛି । ଦେଶର ସତୁରି ପ୍ରତିଶତ କୃଷକ ସଠିକ୍ ପରିମାଣର ମଞ୍ଜି ଏବଂ ସାର ବିଷୟରେ ସଠିକ୍ ଜ୍ଞାନ ପାଇ ନାହାଁନ୍ତି । କିନ୍ତୁ କେନ୍ଦ୍ର ସମେତ ରାଜ୍ୟ ସରକାର ଏହି ବ୍ୟବସ୍ଥାରେ ସେମାନଙ୍କ ସମ୍ବଳ ଖର୍ଚ୍ଚ କରିବାରେ ଅସମର୍ଥ ।

ଏହି ପରିସ୍ଥିତିରେ ନୂତନ କୃଷି ଆବିଷ୍କାର ଏକ ଚିରନ୍ତନ କଳ୍ପନା ବୋଲି ପ୍ରମାଣିତ କରୁଛି । ଦେଶରେ ଡାଲି ଏବଂ ତୈଳବୀଜ ଫସଲର କ୍ଷେତ୍ର ହ୍ରାସ ହେବାର କାରଣ ମଧ୍ୟ ଏହି ଫସଲ ଅମଳ ପାଇଁ ସମ୍ବଳ ଅଭାବ । ସୋୟାବିନ, ହରଡ ଏବଂ ମୁଗର ଅମଳର ଶତକଡ଼ା ଶ୍ରମ ଉପରେ ନିର୍ଭରଶୀଳ । ବର୍ତ୍ତମାନ ଶ୍ରମିକମାନେ ପୂର୍ବ ଅପେକ୍ଷା ଦୁଇରୁ ତିନି ଗୁଣ ଅଧିକ ବେତନ ଦାବି କରୁଛନ୍ତି । ମୌସୁମୀ ବିଳମ୍ବ ହେତୁ ଦେଶରେ ଧାନ ଫସଲ ପ୍ରଭାବିତ ହୋଇଛି । ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ବର୍ଷା ଅଭାବରୁ ଧାନ ଉତ୍ପାଦନ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଧାନ ଉତ୍ପାଦନ ପଚାଶ ଲକ୍ଷ ଟନ୍ ଅଭାବ ଆକଳନ କରାଯାଇଛି । ସୋୟାବିନର ଉତ୍ପାଦନ ଗତ ବର୍ଷ ତୁଳନାରେ ପାଞ୍ଚ ପ୍ରତିଶତ କମ୍ ବୋଲି ଆକଳନ କରାଯାଇଛି । ଚାଉଳ ଚୂନା ବ୍ୟବହାର ଦେଶରେ ବହୁତ କମ୍ ଅଟେ । ଚାଇନା, ବାଂଲାଦେଶରେ ଏହି ଚୂର୍ଣ୍ଣ ଚାଉଳ ପଶୁ ଫିଡ୍, ନୁଡୁଲ୍ସ ଏବଂ ମଦ ତିଆରିରେ ବ୍ୟବହୃତ ହୋଇଥାଏ ।

ଏହି କାରଣରୁ ଦେଶର କୃଷକମାନେ କେବଳ ଭଲ ମୂଲ୍ୟ ପାଆନ୍ତି ନାହିଁ, ବରଂ ସେମାନଙ୍କର ଅବ୍ୟବହୃତ ଶସ୍ୟଗୁଡିକ ଏଦିଗରେ ବିନିଯୋଗ କରିପାରିଥାନ୍ତି । ୨୦୨୧-୦୨୨ ବର୍ଷରେ, ଚୁନା ଚାଉଳର ରପ୍ତାନି ୨୧୩ ଲକ୍ଷ ଟନ୍ରେ ପହଞ୍ଚିଥିଲା, କିନ୍ତୁ ନୂତନ ଟିକସ ହେତୁ ଚଳିତ ବର୍ଷ ଦେଶର ଚୁରା ଚାଉଳର ରପ୍ତାନି ୪୦ ରୁ ପାଞ୍ଚ ଲକ୍ଷ ଟନ୍ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ସରକାରଙ୍କ ରପ୍ତାନି ନୀତି ମୂଲ୍ୟ ଅଭାବ ଯୋଗୁଁ ଚାଷୀଙ୍କ ମଧ୍ୟରେ ଉତ୍ପାଦନ ଭୟ ସୃଷ୍ଟି କରୁଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଅବା ଫେବୃଆରୀ ଓ ମାର୍ଚ୍ଚର ପ୍ରବଳ ଗରମ ହେତୁ ରବି ଫସଲ ପାଚିବା ପୂର୍ବରୁ ଶୁଖିଯାଉଛି । ଗତ ବର୍ଷ ପାଗରେ ଏହି ପରିବର୍ତ୍ତନ ହେତୁ ଦେଶରେ ସମଲିଙ୍ଗୀ ଉତ୍ପାଦନ ପ୍ରାୟ ତିନି ନିୟୁତ ଟନ୍ ହ୍ରାସ ପାଇଥିଲା । ଆଗାମୀ ସମୟରେ ପାଣିପାଗର ସଠିକ୍ ପୂର୍ବାନୁମାନ ପାଇଁ ଭାରତ, ଆମେରିକା, ଅଷ୍ଟ୍ରେଲିଆ, ଇସ୍ରାଏଲ ଭଳି ବିକଳ୍ପ ବ୍ୟବସ୍ଥା ନାହିଁ । ଆଗାମୀ ରବି ଫସଲ ବିଷୟରେ କୃଷକଙ୍କ ସାମ୍ନାରେ ଫସଲ ଚୟନର ଏକ ଆହ୍ୱାନ ଅଛି । ଯଦି ସେ ଗହମ ବୁଣନ୍ତି, ତେବେ ଗତ ବର୍ଷ ପରି ଅତ୍ୟଧିକ ଉତ୍ତାପ ହେତୁ ଶୀଘ୍ର ଅମଳ କରିବାରେ ବିପଦ ରହିଛି । ଯଦି ଜଣେ ଗ୍ରାମୀଣ, ମସୁର ଡାଲି ବାଛନ୍ତି, ତେବେ ଏହି ବର୍ଷର ଅତ୍ୟଧିକ ବର୍ଷା ଅନେକ ରୋଗ ସୃଷ୍ଟି କରିପାରେ । ଏଥି ସହିତ ଚଳିତ ବର୍ଷ ବରଫର ଆଶଙ୍କା ଥିବାରୁ ଡାଲି ଚାଷ କରୁଥିବା କୃଷକମାନଙ୍କୁ ଦ୍ୱନ୍ଦ୍ୱରେ ପକାଉଛି । କିନ୍ତୁ କୃଷି ହିତରେ ଦେଶର କୃଷି ବୈଜ୍ଞାନିକମାନଙ୍କ ପରାମର୍ଶ ନେବା, ଉତ୍ପାଦନ ବୃଦ୍ଧି ପାଇଁ ରାଜ୍ୟ ସରକାରମାନେ ଦାୟିତ୍ୱ ତୁଲାଉନାହାଁନ୍ତି ।

ଦେଶର କୃଷି ଗବେଷଣା କେନ୍ଦ୍ର ଦ୍ୱାରା ଗହମ ଉତ୍ପାଦନ ନିମନ୍ତେ ଜଳସେଚନ ସୁବିଧା କରାଯାଇଛି । ଶୀତଦିନେ କୃଷକ ପ୍ରତ୍ୟେକ ଜଳସେଚନରେ ୟୁରିଆ ଏବଂ ଅନ୍ୟାନ୍ୟ ସାର ଛିଞ୍ଚିବା ଆବଶ୍ୟକ ବୋଲି ବିବେଚନା କରାଯାଇଛି । ଯାହା କେବଳ ଖର୍ଚ୍ଚ ବଢାଏ ନାହିଁ , ବରଂ ଜମିର ଉର୍ବରତାକୁ ମଧ୍ୟ ଦୁର୍ବଳ କରିଥାଏ । ଦେଶର ଚାଳିଶ ପ୍ରତିଶତ କୃଷି ଜଳସେଚନ ବିନା ଜଳସେଚିତ ହୁଏ, ଯେଉଁଠାରେ କମ୍ ଜଳ ଫସଲର ମଞ୍ଜି ଆବଶ୍ୟକ ହୁଏ । କିନ୍ତୁ ସରକାରୀ ସ୍ଥାନାନ୍ତରଣ କୃଷକଙ୍କ ଆବଶ୍ୟକତାଠାରୁ ବହୁ ଦୂରରେ ଥିବା ଲକ୍ଷ୍ୟ କରାଯାଏ...!!!


ଅଧକ୍ଷ, ମହାନଦୀବିହାର
ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ-୪
ମୋ: ୯୦୪୦ ୧୫୧୪୭୫


# ସେପ୍ଟେମ୍ବରରେ ପରିଚୟ ସୃଷ୍ଟି କରିବ ଆମ ମେଡିକାଲ କଲେଜ



**ସୁବ୍ରତ କର**

ଛଅବର୍ଷ ତଳେ ଆରମ୍ଭ ହୋଇଥିବା ଫକୀରମୋହନ ମେଡିକାଲ କଲେଜର ଏବଂ ଡାକ୍ତରଖାନା (୬୫୦ ବେଡେଡ୍ ବିଶିଷ୍ଟ) ରେମୁଣା ସ୍ଥିତ ମେଡିକାଲ କଲେଜ ସଂଲଗ୍ନ ଜାଗାକୁ ଆସନ୍ତା ସେପ୍ଟେମ୍ବର ମାସରେ ଯିବାର ଅଛି । କାର୍ଯ୍ୟରତ ଥିବା ଡାକ୍ତରଖାନା ଆସନ୍ତା ଜୁନ୍ ମାସ ଶେଷ ସୁଦ୍ଧା ଶେଷ ହେବ ଏବଂ ଏହାକୁ ଜୁଲାଇ ମାସରେ ସରକାରଙ୍କୁ ହସ୍ତାନ୍ତର କରାହେବାର ଠିକଣା କରାହେଲା ଗତକାଲି ବସିଥିବା ଜିଲ୍ଲା ସ୍ୱାସ୍ଥ୍ୟ ସେବା ସମିତି ମିଟିଂରେ । ଏହି ମେଡିକାଲ କଲେଜର କାର୍ଯ୍ୟକ୍ରମ ଏବେ ଜିଲ୍ଲା ଡାକ୍ତରଖାନାର ସ୍ଥିତ ଜାଗାରେ(୧୬ଏକର) ଚଳିବା ବା ଚଳେଇବା କଷ୍ଟସାଧ ହେଉଥିଲା । ଏହାଠୁ ବଡ଼ ଖବର ହେଉଛି ଆମର ଏହି ମେଡିକାଲ କଲେଜରୁ ପ୍ରଥମ କରି ଆସନ୍ତା ମାସ ଶେଷ ସୁଦ୍ଧା ୯୯ ଜଣ ଡାକ୍ତର, ଡାକ୍ତରାଣୀ ଏମ.ବି.ବି.ଏସ୍ ଡିଗ୍ରୀ ଧରି ବାହାରିବେ । ପ୍ରଥମ କରି ଏଫ.ଏମ ମେଡିକାଲ କଲେଜର ଡାକ୍ତରମାନେ ଲୋକଙ୍କ୍ କ ସେବା କରିବା ପାଇଁ ସୁଯୋଗ ପାଇବେ । ନିଶ୍ଚିତ ଏହା ବାଲେଶ୍ୱର ପାଇଁ ଗର୍ବର ବିଷୟ । ଏହାର ଭାଗିଦାର ହେଲେ ବାଲେଶ୍ୱର ବାସୀ ଏବଂ ପୁରା ଶ୍ରେୟ ଯିବ ମେଡିକାଲ କ୍ରୀୟାନୁଷ୍ଠାନ କମିଟିର ସଭ୍ୟ, ସଭ୍ୟାମାନଙ୍କୁ । ସେମାନେ ୨୦୦୫ଠାରୁ ଅହରହ ଯୁଦ୍ଧଚ୍ଚରି ଏକ ଜିତିଲେ ଏବଂ ମୁଁ ଆଶା କରିବି ଏହି ଯୁଦ୍ଧକୁ ଚାଲୁରଖି ଆହୁରି ଆଗକୁ ବଢ଼ିବା ଦରକାର ।

ଏବେ ଆସିବା ଆମ ମେଡିକାଲ କଲେଜର ଏବେକାର ସ୍ଥିତି କଣ ? ୨୦୨୧-୨୨ ମସିହାରେ ଅ.ପି.ଡି. ରୋଗୀଙ୍କ ସଂଖ୍ୟା ହେଉଛି-

ଅପିଡି- ୫୪୨୮୮୧(୨୧-୨୨)

ଅପିଡି-୪୬୦୯୧୦ (ଏପ୍ରିଲ୨୨ରୁ ସେପ୍ଟେମ୍ବର ସୁଦ୍ଧା)

ପାଥଲୋଜି- ୬୪୬୧୭୮

ଏକ୍ସରେ- ୩୫୧୬୧

ପିଲାଜନ୍ମ-୧୩୦୦୩

ସିଟିସ୍କାନ୍-୧୭୫୩୮

ଡାଏଲେସିସ-୯୬୭୫

ଏମଆରଆଇ-୮୧୧୮

ଏହିସବୁ ପ୍ରକାରର କାର୍ଯ୍ୟକ୍ରମ ନିଶୁଳ୍କ ଥିଲା ଏବଂ ଆମ ପାଖରେ ଯାହା ଖବର ଉପରୋକ୍ତ ସଂଖ୍ୟା ବିଶେଷ କରି ଅ.ପି.ଡିକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ସାରା ରାଜ୍ୟରେ ଥିବା ମେଡିକାଲ କଲେଜମାନଙ୍କୁ ଯଥେଷ୍ଟ ବେଶି କଟକ ମେଡିକାଲ କଲେଜକୁ ଛାନି । ଏହା ପ୍ରମାଣ କରୁଛି ଆମ ମେଡିକାଲ କଲେଜ ଏତେ ଅଳ୍ପ ସମୟ ଏବଂ ଏ ପର୍ଯ୍ୟନ୍ତ ବିଶେଷ କିଛି ଭିତ୍ତିଭୂମି ନଥାଇ ସମସ୍ତଙ୍କୁ ପଛରେ ପକାଇ ପାରିଛି । ଏବେ ଆମେ ବାଲେଶ୍ୱରବାସି ଆଶା କରିବା କଲେଜ ରେମୁଣାସ୍ଥିତ ନିଜ ଜାଗାକୁ ଗଲେ ହୁଏତ ଅଳ୍ପ କିଛି ବର୍ଷ ଭିତରେ ରାଜ୍ୟରେ ଏକନମ୍ବର ହୋଇପାରିବ ।

## କବିତା କୋଣାର୍କ



### ସ୍ମୃତି

**ରମାକାନ୍ତ ଦାସ**

ସ୍ମୃତି କେବେ ତୁମେ ଅଦୃଶ୍ୟ ଯନ୍ତ୍ରଣା
କେବେ ବାରୁଦ ସହର
ସ୍ମୃତି କେବେ ତୁମେ ଅନ୍ଧାର ରାତିରେ
ଝରୁଥିବା ଲୁହଧାର ।

ସ୍ମୃତି କେବେ ତୁମେ ଗୀତଟିଏ
କୁଳୁକୁଳୁ ଝରଣାର
ସ୍ମୃତି କେବେ ଗର୍ଜନ
ଅଶାନ୍ତ ମହାସାଗରର ।

ସ୍ମୃତି କେବେ ତୁମେ ପାହାନ୍ତିଆ ତାରା
କେବେ ପୂର୍ଣ୍ଣିମାର ଜହ୍ନ
ସ୍ମୃତି କେବେ ତୁମେ ବିକ୍ଷିପ୍ତ ଅନ୍ଧାରେ
ଭାଙ୍ଗିଯାଉଥିବା ସ୍ୱପ୍ନ ।

ସ୍ମୃତି କେବେ ତୁମେ ଅବାସ୍ତବର ଛବି
କେବେ ଅତୀତର ପୃଷ୍ଠା
ସ୍ମୃତି କେବେ ତୁମେ ନିରବ ଅକ୍ଷରେ
ଦଗ୍ଧ ପ୍ରାଣର ଭାଷା ।

ସ୍ମୃତି କେବେ ତୁମେ ଅଙ୍କାବଙ୍କା ନଈ
କେବେ ଅପାଶୋରା ମୁହୂର୍ତ୍ତ
ସ୍ମୃତି କେବେ ତୁମେ ନିରବତାରେ
ସଜାଅ ତୃଷାର୍ତ୍ତ ପଥିକ ।

ସ୍ମୃତି କେବେ ତୁମେ କୁହୁଡ଼ିର ଘରେ
ବିଶ୍ୱାସର ଭଙ୍ଗା ଛତା
ସ୍ମୃତି କେବେ ତୁମେ ଦୁଇଟି ମନର
ସୀମାହୀନ ଦୂରତା ।

ସ୍ମୃତି କେବେ ତୁମେ ଅବୁଝା ଫଗୁଣ
କେବେ ଅଦିନିଆ ବର୍ଷା
ସ୍ମୃତି କେବେ ତୁମେ ଅତୀତର ପୃଷ୍ଠା
କେବେ ଅବୁଝା ମନର ଆଶା ।

ସ୍ମୃତି କେବେ ତୁମେ ଅଦିନିଆ ଝଡ଼
କେବେ କଳା କିଟିମିଟି ରାତି
ସ୍ମୃତି କେବେ ତୁମେ ପ୍ରତାରଣା
କେବେ ପୁଣି ତୁମେ ପ୍ରୀତି ।

+ ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ-୯୬୬୮୮୧୫୩୬୯

### ନୀରବତାର ଛାଇ

**ବିବୁଲ୍ ମହାକୁର**



ନୀରବି ଯାଉଥିବା ଶବ୍ଦମାନେ
ବେଳେବେଳେ ବିସ୍ଫୋରିତ
ହୋଇଉଠେ,
ହୃଦୟ ଦରଜାରେ
ଆପଣା ଛାଏଁ ଠକ୍ ଠକ୍ କରି ।

ନୀରବତାର ଢେଉ ପଛର ଚିତ୍ର
ମାନସପଟରେ ଉଙ୍କି ମାରେ
ସ୍ୱର୍ଗ ଓ ମର୍ତ୍ତ୍ୟ ମାର୍ଗି
ଅଣଓସାରିଆ ରାସ୍ତା ମଧ୍ୟଦେଇ ।

ନୀରବି ଯିବା ଓ ପ୍ରକାଶିବା ମଧ୍ୟରେ
ହଜିଯାଏ କେଇ ସମ୍ପର୍କର ବନ୍ଧନ,
ପୁନର୍ଜୀବିତ କରିବାର ଅଭିପ୍ରାୟ
ତଥାପି ଥମିଯାଏନା ।

ସେଇ ନୀରବତାର ଛାଇ ବି
ଭାଙ୍ଗିଦିଏ ଚିର ସମ୍ପର୍କର ଯୌବନ,
ବେଳେବେଳେ ନୀରବିଯାଏ
କେଇ ସମ୍ପର୍କର ଉଚ୍ଚାରଣ ।

+ ବୁର୍ଡା, ଲୋଇସିଂହା, ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨

### ଯୋଗ ସାଧିଲେ ହୋଇବୁ ଯୋଗେଶ୍ୱର

**ଯୋଗୀ କୃପାସିନ୍ଧୁ ମୁନି**

ଆରେ ମନ ମୋର...
ଯୋଗ ସାଧିଲେ ହୋଇବୁ
ଯୋଗେଶ୍ୱର ।
ପ୍ରଭାତରୁ ନିଦ୍ରାବର ଯିବୁ
ଯୋଗାସନ କରିଣ ବସିବୁ ।
ବାମ ଗୋଇଠି ଚାପିବୁ ମୂଳାଧାରେ
କୁର୍ଣ୍ଣକାନୀ ଯାଗିବ ତୋହର ।
ଶ୍ରୀଗୁରୁ ଚରଣକୁ ବନ୍ଦିବୁ
ଶ୍ରୀମୁଖେ ଓଁକାର ଜପୁଥିବୁ,
ଚକ୍ରେ ଚକ୍ରେ ରହି କରିବୁ ଭେଦନ
ଅଷ୍ଟାଦଶ ଚକ୍ର ନବଦ୍ୱାର ।
ଗଦାଚକ୍ରେ ଅଛନ୍ତି ଗଣେଷ
ଚତୁର୍ଦ୍ଦଳ ପଦ୍ମରେ ଭୂଷିତ
ସ୍ୱାଧୀଷ୍ଠାନେ ସୃଷ୍ଟି ଷଡ଼ଦଳେ ହୋଇ
ଲୀଳା ଖେଳା କରେ ଜଗତର ।
ମଣିପୁରେ ଜଠରେ ଦଶଦଳ
ଭକ୍ତାଭାବେ ବ୍ରହ୍ମା ବୈଶ୍ୱାନରେ
ଅନାହତେ ଗଦବ୍ରହ୍ମର ଉତ୍ପତ୍ତି
ଦ୍ୱାଦଶ ଦଳ ପାଖୁଡ଼ାରେ ।
ବିଶୁଦ୍ଧେ ବସତି ସରସ୍ୱତୀ
ଷୋଡ଼ଶ ସ୍ୱର ଲହରୀ ଶକ୍ତି
ଆଜ୍ଞାଚକ୍ରେ ଜ୍ଞାନନେତ୍ର ଫେଇ ଦେଖ
ଦିଦଳ ପଦ୍ମ ଦଶମ ଦ୍ୱାର ।
ଲଳନାଚକ୍ରରୁ ସୁଧାପିଇ



ସିଦ୍ଧ ସାଧକ ବୋଲଅ ତୁହି
ସହସ୍ରାରେ ସସ୍ର ପଦ୍ମ ବନେ ରହି
ନିଜକୁ ତୁ କରି ଦେବୁ ସ୍ଥିର ।
କହେ କୃପାସିନ୍ଧୁ ଯୋଡ଼ିକର
ସ୍ୱରୂପକୁ ତୁହି ଆଶ୍ରେକର
ଧ୍ୟାନେ ତୃତୀୟ ନୟନ ଖୋଲିଲେ ତୁ
ଦର୍ଶନ କରିବୁ ଆତ୍ମା ତୋର ।

+ ଜୁଣବଳଦା, ଗୋଡ଼ିଖା ଆଶ୍ରମ
ବାଲେଶ୍ୱର

### ତୁମେ ଓ ମୁଁ

**ସୁଧାକର ରାଉତ**



ତୁମେ ତ ଜୀବନ ଦେଲ
ନ ଶିଖାଇ ବଞ୍ଚିବାର କଳା
ନିଃସଙ୍ଗ ଭାବେ ଛାଡି ମୋତେ
ଦେଖାଇଲ ଅସରନ୍ତି ପଥ
ବାନ୍ଧି ମୋ କଟୀରେ ବନ୍ଧନ
ମେଖଳା ।

ସ୍ୱପ୍ନ ସବୁ ଆଖିରେ ମୋ ଭରି
ମୋହ ର ଦୀପରେ ମୋତେ
କଲ ଅଧା ଜଳା ।

ଧୂ ଧୂ ଖରାର ମରୁରେ
ଖୋଜେଇଲ
ଛାୟା ଟିକେ,
କଳା ମଚ ମଚ ଅନ୍ଧାରେ
ଆଲୋକର ସନ୍ଧାନେ
ଉନ୍ମାଦ କଲ ତୁମେ ।

ସୁଖର ସାଗରେ ଦୁଃଖର
ନଉକା ସହ ବୁଡ଼େ ଏବେ ଭ୍ରମେ ।

ତଥାପି ରଙ୍ଗଛଡ଼ା ଦେହରେ
ତୁମେ ରହିଲ ହୋଇ ତୁମେ
ଆଉ ମୁଁ, ମୁଁ ହୋଇ ।

+ ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨



# ଫେସବୁକ୍‌ରେ ସନ୍ଧ୍ୟା




ବିଜୟ କୁମାର ପଣ୍ଡା




ସନ୍ଧ୍ୟା ଆସନ୍ନ ପ୍ରାୟ।

ଏଯାଏଁ କେଉଁଠି ସନ୍ଧ୍ୟାବତୀ ଲାଗିନି କି ଶଙ୍ଖଧ୍ୱନି ବି ଶୁଭୁନି। ଏ ସହରକୁ ଆସିବା ପରେ କାଁ ଭାଁ ଏ ଧ୍ୱନି ଶୁଣିବାକୁ ମିଳେ ।

ଫେସବୁକ୍ ଖୋଲିଲା ରାନି। ଏଇ କିଛିଦିନ ହେବ ଫେସବୁକ୍ ଖୋଲୁ ଖୋଲୁ ପୁଳାଏ ମେସେଜ୍ ଦେଖିବାକୁ ମିଳେ। ସବୁଦିନ ପରି କିଛି କିଛି ନା କିଛି ପଢ଼ା ଯାଇନଥିବା ମେସେଜ୍ ଥାଏ ଆଉକିଛି ସେ ଖୋଲିଲା ପରେ ସାଙ୍ଗେସାଙ୍ଗେ ଆସେ ।

ଏଇ କିଛି ସପ୍ତାହ ହେବ, ୟୁନିଭର୍ସିଟିରେ ପଢ଼ିବା ବେଳର କିଛି ଫଟୋ ଫେସବୁକ୍‌ରେ ଅପଲୋଡ଼ କରିଥିଲା ରାନି। ୟୁନିଭର୍ସିଟିର ବିୟୁଟି କଣ୍ଟେଷ୍ଟରେ ତୃତୀୟ ସ୍ଥାନ (ସେକେଣ୍ଡ ରନର୍ସ ଅପ) ଅଧିକାର କରିବାର ଟ୍ରଫି ସହ ର଼୍ୟାମ୍ପରେ ଚାଲିବାର ଗୋଟିଏ ଫୋଟୋ ଯେଉଁଥିରେ ପ୍ରତିଦିନ ପଚାଶ ଷାଠିଏଟା ଲାଇକ୍, ପଚିଶ ତିରିଶଟା କମେଣ୍ଟ ନିଶ୍ଚୟ ଆସେ । ଅନେକ ମେସେଞ୍ଜରରେ ଫୋନ ନମ୍ବର ବି ମାଗିଥାନ୍ତି । ଏସବୁ ଯେମିତି ସାମାନ୍ୟ କଥା ହେଇଗଲାଣି ତା'ପାଇଁ, ସେସବୁକୁ ଅଣଦେଖା କରି ସେ ଆଗକୁ ବଢ଼ିଲା..କିଛି ଚିହ୍ନା ବନ୍ଧୁ ପୋଷ୍ଟ କରିଥିବା ଫଟୋ କିମ୍ୱା ମେସେଜ୍ ଟିକେ ନଜର ପକେଇ ଫେସବୁକ ବନ୍ଦ କରିବାକୁ ଯାଉଥିଲା ।

ହଠାତ ଜଣଙ୍କ ମେସେଜ ଆସିଲା 'ହାଏ ହନି..କେମିତି ଅଛ ? ତମେ ପୁଣିଥରେ ମଡ଼େଲିଂ କରୁଛ ବୋଲି ଶୁଣିଲି। କଣ ବୁଢ଼ୀ ବୟସେ ଝାଲା ମାଲା ମଧୁବାଲା !!'

ଅଟକି ଗଲା ରାନୀ। କିଏ ସେ !!

ସେ ତାର ସାଙ୍ଗ ଲିଷ୍ଟରେ ନାହିଁ ସୁତରାଂ ସେ ତାକୁ ଜାଣିନି। ନାଁ ଲେଖାଥିଲା ଆର ଏସ । ତାର ପ୍ରୋଫାଇଲ୍ ଖୋଲିଲା, ଫଟୋରେ ଲାଗିଛି ସୁନ୍ଦର ପାହାଡ଼ ଝରଣାକୁ ନେଇ ସବୁଜିମା ଭରା ଦୃଶ୍ୟର ଫୋଟୋଟିଏ। ତେଣୁ ଫଟୋରୁ କିଛି ତଥ୍ୟ ନପାଇ ରାନି ସେ ଲୋକର ପ୍ରୋଫାଇଲରେ ତାର ସବିଶେଷ ତଥ୍ୟ ଖୋଜିଲା। ଖାସ୍ କିଛି ପାଇଲାନି।

ରାନି ନିରାଶ ହୋଇ ଫେସବୁକ ବନ୍ଦ କରିବାକୁ ଯାଉଥିଲା, ପୁଣି ଗୋଟିଏ ମେସେଜ୍ 'କଣ ମୋ ପ୍ରୋଫାଇଲରେ ମୋ ବିଷୟରେ ଅଧିକ ଜାଣିବାକୁ ତଥ୍ୟ ଖୋଜୁଥିଲ ? ମୁଁ କଣ ତମ ରାଜ୍ ନା ତମେ ମୋ ସିମ୍ରନ ?'

ରାଜ୍ ନାଁଟା ଶୁଣି ଚମକି ଉଠିଲା ରାନୀ ।

:'ଇଏ କିଏ ? ଆଉ ରାଜ୍ ..ସେ କଣ ସତରେ ରାଜ୍ ବିଷୟରେ କିଛି ଜାଣିଛି ?' ସନ୍ଦେହ ଘନୀଭୂତ ହେଲା ତା ମନ ଆକାଶରେ ଆକାଶରେ ।

'ମେସେଜ ପଢ଼ିଲ ହେଲେ କିଛି ରିପ୍ଲାଏ ଦେଲନି ଯେ ?' ସେ ମେସେଜ ପଢୁଛି କି ନାହିଁ ଲୋକଟି ଟିକନିକ ଚେକ୍ କରୁଥିଲା ବୋଲି ତାର ଧାରଣା ହୋଇଗଲା । ମୁଣ୍ଡକୁ ଜୋର ଦେଇ ଭାବିଲା କିନ୍ତୁ ମନେପକାଇ ପାରିଲାନି।

ରାଜ୍ କଥା ସେ କେମିତି ଭୁଲି ପାରନ୍ତା ?

ୟୁନିଭର୍ସିଟିରେ ପଢ଼ିଲା ବେଳେ କେତେ ଝିଅ ରାଜ୍ ପଛରେ ପଡ଼ିଥିଲେ କିନ୍ତୁ ରାଜ୍ ପସନ୍ଦ କରୁଥିଲା ରାନୀକୁ । କେବଳ ସେଥିପାଇଁ ତ ଅଜାଣତରେ କେତେ ଝିଅ ତାର ଶତ୍ରୁ ହୋଇଗଲେ ।

ଧୀରେ ଧୀରେ ସେ ଦୁହେଁ ନିକଟତର ହେବାକୁ ଲାଗିଲେ । ରାଜ୍ ହିଁ ତାର ସୌନ୍ଦର୍ଯ୍ୟକୁ ପ୍ରଶଂସା କରି ତାକୁ କେବେ ଅପ୍ସରୀ ତ କେବେ ମିସ୍ ଇଣ୍ଡିଆ କହି ତାକୁ ର଼୍ୟାମ୍ପ ଶୋରେ ଭାଗ ନେବାକୁ ବାଧ କରିଥିଲା କିନ୍ତୁ ସୋନାଲି ବହୁତ ଆଗରୁ ନିଜକୁ ୟୁନିଭର୍ସିଟି କୁଇନ ବୋଲି କହି ବୁଲୁଥିଲା। ରାଜ୍ ପାଇଁ ଥିଲା ତାର ପ୍ରବଳ ଦୁର୍ବଳତା କିନ୍ତୁ ସୋନାଲିର ଅତ୍ୟଧିକ ଦେଖେଇହେବା ଗୁଣ ଯୋଗୁଁ ରାଜ୍ ତାକୁ ଜମା ପସନ୍ଦ କରୁନଥିଲା ।

ସୋନାଲି ତାର ଚିହ୍ନା ପରିଚୟ ଯେତେ ଷ୍ଟାଫ ସମସ୍ତଙ୍କୁ ଲଗେଇ ରାନୀର ନୋମିନେସନ ନାକଚ କରିବାକୁ ଚେଷ୍ଟା କରିଥିଲା କିନ୍ତୁ ସଫଳ ହେଲାନି । ସୋନାଲି ଏବଂ ରାନୀ ଦୁହିଁଙ୍କ ନାଁ ଫାଇନାଲ ଲିଷ୍ଟରେ ଥିଲା। ସୋନାଲି ରାଜ୍ ସହ ଚାଲେଞ୍ଜ ରଖିଥିଲା ଯେ,ସେ ହିଁ ୟୁନିଭର୍ସିଟି ବିୟୁଟି କୁଇନ୍ ହେବ । ତାର ସୌନ୍ଦର୍ଯ୍ୟ ତୁଳନାରେ ରାନୀ କିଛି ନୁହେଁ ତେଣୁ ସେ ଟପ୍ ଥ୍ରୀରେ ଆସିବାର ଚାନ୍ସ ନାହିଁ ।

ଆଉ ଯଦି ରାନୀ ହାରିଯାଏ ତାହେଲେ ସେ ସବୁଦିନ ପାଇଁ ରାଜ୍ ସହ ସବୁ ସମ୍ପର୍କ କାଟିଦେବ ଆଉ ଯଦି ରାନୀ ଜିତିଯାଏ ସେ ନିଜେ ଏଠାରୁ ଟ୍ରାନ୍ସଫର ନେଇ ଅଲଗା କଲେଜକୁ ପଳେଇବ ।

ଟପ୍ ଥ୍ରୀ ଫାଇନାଲ୍ ର଼୍ୟାମ୍ପ ବେଳେ ସୋନାଲି ପ୍ଲାନ୍ କରି ରାନୀର ଚେଞ୍ଜ ରୁମ୍‌କୁ ଲୋକ ପଠେଇ ଯାଇ ତାର ମେକଅପ୍ , କସ୍ମେଟିକ୍ସ ଏବଂ ଡ୍ରେସ୍‌ରେ ଲାଗିବାକୁ ଥିବା କିଛି ଫ୍ୟାନ୍ସି ଜିନିଷ ଖରାପ କରି ଦେଇଥିଲା ଯେଉଁଥିପାଇଁ ରାନୀକୁ ଷ୍ଟେଜ ଉପରେ ହଟହଟା ହେବାକୁ ପଡ଼ିଲା । ଆକର୍ଷଣୀୟ ପୋଷାକ ଥାଇ ବି ପରିପାଟୀ, ଆଭୂଷଣ ଆଉ ଉପସ୍ଥାପନା ଏସବୁକୁ ଆଖି ଆଗରେ ରଖି ଶେଷରେ ରାନୀକୁ ତୃତୀୟ ସ୍ଥାନ ମିଳିଲା । ତା'ପରେ ସର୍ତ୍ତ ଅନୁସାରେ ରାଜ ରାନୀ ସହ ସବୁ ସମ୍ପର୍କ କାଟିଦେଇଥିଲା। କିଛିଦିନ ପରେ ରାଜ ଏନ.ଡ଼ି.ଏ ପାଇ ଚାକିରୀରେ ଯୋଗ ଦେଲା।

ତାପରେ ରାନୀ ଆଉ ରାଜ ସହ ଆଉ କୌଣସି ସମ୍ପର୍କ ନଥିଲା । ସେ କେଉଁଠି ଅଛି କଣ କରୁଛି ତାର ଖବର କିଛି ନଥିଲା । ରାନୀ ୟୁନିଭର୍ସିଟିରେ ପଢ଼ା ସାରି ଏକ ପ୍ରାଇଭେଟ ସଂସ୍ଥାରେ ଚାକିରୀ କଲା । ଘରୁ ଅନେକ ପ୍ରସ୍ତାବ ଆସିଛି ହେଲେ ସେ କେଉଁଥିରେ ବି ଆଗ୍ରହ ଦେଖେଇନି। କେଜାଣି କାହିଁକି ରାଜ୍ ପ୍ରତି ତାର ଦୁର୍ବଳତାକୁ ସେ ସାଇତି ରଖିଛି ଏଯାଏଁ ତା ହୃଦୟରେ ।

ମୁହୂର୍ତ୍ତଟିଏ ପାଇଁ ତା ମନକୁ ପଚାରିଲା 'ଏତେ ଦିନ ମଧରେ ରାଜ୍ କଣ ତା' ବିଷୟରେ କେବେ କିଛି ଜାଣିବାକୁ ଚେଷ୍ଟା କରିନି ?'

ଏହା ମଧ୍ୟରେ ମେସେଞ୍ଜରରେ ପୁଣି ଗୋଟିଏ ମେସେଜ୍ 'ରାଜ୍ କଥା ମନେ ପଡୁଛି ?'

ରାନୀ ମନରେ ସନ୍ଦେହ ଜାଗ୍ରତ ହେଲା।

ସେ ଲୋକଟିର ପ୍ରୋଫାଇଲ୍‌ରେ ଯାଇ ଫୋନ୍ ନମ୍ବର, ଇମେଲ୍ ଆଇଡି ଯାଞ୍ଚ କଲା ହେଲେ କିଛି ପାଇଲା ନାହିଁ। ଆଉ କିଛି ସମୟ ଅପେକ୍ଷା କଲା ହେଲେ ଲୋକଟିର ଆଉ ମେସେଜ ଆସିଲା ନାହିଁ।

ଫେସ୍‌ବୁକ୍ ସେମିତି ଖୋଲାରଖି, ରୋଷେଇ ଘରେ ଯାଇ ରାତି ପାଇଁ ଭୋଜନ ତିଆରି କରିବାରେ ଲାଗିଗଲା ରାନୀ ।

ଘଣ୍ଟାଏ ପରେ ପୁଣି ମେସେଜ୍ 'ମୁଁ ଜାଣେ ତମେ ରାଜ୍‌କୁ ଭୁଲି ନଥିବ କିନ୍ତୁ ରାଜ୍ ତମ ପ୍ରତି ଅନ୍ୟାୟ କରିଛି। ତମେ କଣ ତାକୁ କ୍ଷମା କରି ଦେଇପାରିବ ?'

ପଚାରିଲା ରାନୀ 'ତମେ ପ୍ରକୃତରେ କିଏ ? ରାଜ୍‌କୁ କେମିତି ଜାଣିଛ ?'

:'ସୋନାଲି ..ତମକୁ ୟୁନିଭର୍ସିଟିରେ କୁଇନ କଣ୍ଟେଷ୍ଟ ଫାଇନାଲରେ ତମ ସହ ଲଗାଇଥିବା ସର୍ତ୍ତ ଅନୁସାରେ, ସେ ତମକୁ ହରେଇବା ପାଇଁ ରାଜ୍ ସହ ବି ବିଶ୍ୱାସଘାତ କରିଥିଲା। ତମେ ହାରିବା ପାଇଁ ସେ ରାଜ୍ ହାତରେ ହିଁ ବ୍ଲାକ୍‌ମେଲ୍ କରି ଡ୍ରଇଂ ରୁମରେ ତମର ମେକପ୍ ଖରାପ କରେଇବା କାମ ସେ ହିଁ କରିଥିଲା।'

:'ଓଃ ..ମୋତେ ନେଇ ଏତେ ଷଡ଼ଯନ୍ତ୍ର ? ହେଲେ ..ରାଜ୍ କେମିତି ରାଜି ହେଇଗଲା ଯେ ?' ରାନୀ ପଚାରିଲା।

:'ରାଜ୍ ଏକାମ ନକଲେ, ତମ ଡ୍ରଇଂ ରୁମରେ ସ୍ପାଇ କ୍ୟାମେରା ଲଗେଇ ତମେ ଚେଞ୍ଜ୍ କରିବା ବେଳର ଭିଡ଼ିଓ ଭାଇରାଲ୍ କରେଇଦେବ ବୋଲି ଧମକ ଦେଇଥିଲା। ରାଜ୍ ହୃଦୟରେ ତମ ପାଇଁ ଥିବା ଭଲପାଇବା ପାଇଁ.. ତମ ପ୍ରତି ଯେମିତି କୌଣସି ପ୍ରକାରର ଆଞ୍ଚ୍ ନଆସୁ ସେଇକଥା ଭାବି ସେ ରାଜି ହେବାକୁ ବାଧ ହେଲେ।'

:'ଗୋଟେ କଥା ପଚାରିବି ସତ କହିବ ? ତମେ ଯଦି ଏତେ ସବୁ ଜାଣିଛ ତାହେଲେ କହି ପାରିବ ? ରାଜ ଏବେ କେଉଁଠି ?'

ସେପଟୁ ଆଉ କିଛି ଉତ୍ତର ଆସିଲାନି।

ସାରା ରାତି ଛଟ୍ ପଟ୍ ହେଲା ରାନୀ।

:'ସନ୍ଧ୍ୟାରେ, ଖୋଦ୍ ରାଜ୍ କଣ ତାକୁ ମେସେଜ କରୁଥିଲା ? ହେଲେ ନିଜର ପରିଚୟ କାହିଁକି ଲୁଚେଇଲା ରାଜ୍ ?'

ପରଦିନଟା ରାଜ୍ କଥା ତାର ଭାରି ମନେ ପଡ଼ିଲା । କେତେ ଚେଷ୍ଟା କଲା ଫେସବୁକରେ ତାର ସାଙ୍ଗ ଲିଷ୍ଟରେ ଥିବା କିଛି ଲୋକଙ୍କୁ ତାର ଫୋନ୍ ନମ୍ବର ଜାଣିବା ପାଇଁ ହେଲେ କିଛି ଲାଭ ହେଲାନି ।

ବିଳମ୍ବିତ ରାତିରେ ଟିଭିରେ ଖବର ପ୍ରସାରିତ ହେଉଥିଲା ଯେ ଭାରତର ସାମରିକ ସୀମାନ୍ତ ଅଞ୍ଚଳରେ ପଡ଼ୋଶୀ ଦେଶ ପକ୍ଷରୁ ଭାରତର ସୀମାରେ ଜୋରଦାର ଗୁଳି ବାରୁଦ ବର୍ଷା ହେଉଛି । ଭାରତ ପକ୍ଷରୁ ସୀମାନ୍ତରେ ସୈନିକ ମୁତୟନ ହୋଇଛନ୍ତି ।

ସକାଳୁ ଉଠିଲା ବେଳକୁ ପୁରା ରାଜ୍ୟରେ ଚହଳ ପଡ଼ିଯାଇଛି ..'ସୀମାନ୍ତରେ ଓଡ଼ିଆ ପୁଅ ରାଜ୍ ସହିଦ।'

ପାଦ ତଳୁ ମାଟି ଖସିଗଲା ତାର ..ଶେଷଥର ପାଇଁ ସେ ରାଜକୁ ଅପରିଚିତ ଭାବେ କଥା ହେଇଥିଲା ? ।

ପୂର୍ବଦିନ ସନ୍ଧ୍ୟାରେ ଫେସବୁକ ମେସେଞ୍ଜରରେ ରାଜ୍ ସହ ସେଇ କେଇପଦ କଥା , ସେ ଚିରଦିନ ପାଇଁ ହୃଦୟରେ ସାଇତି ରଖିଲା।


+କନକପ୍ରଭା, ଭର୍ତ୍ତୁର, ବାଙ୍ଗାଲୋର

ମୋ: ୯୭୩୯୫୯୧୮୧୬


# ଅସଙ୍ଗତି




ସୁଦର୍ଶନ ମହାପାତ୍ର


ଟିଇଟି ଅର୍ଥାତ୍ ଟିଚର୍ସ ଏଲିଜିବିଲିଟି ଟେଷ୍ଟରେ ମୋ ଝିଅ ଅସୀମା ଅକୃତ୍ୟକାର୍ଯ୍ୟ ବୋଲି ସରକାରଙ୍କ ମେଧାବୀ ପ୍ରତିଯୋଗୀମାନଙ୍କ ଲିଷ୍ଟ ପ୍ରକାଶିତ ହେବା ପରେ ଜଣା ପଡିଲା। ସେ ଦୁଃଖରେ ମ୍ରିୟମାଣ ବୋଲି ମୁଁ ବୁଝି ପାରିଲି। -' ଆଉ ଦଶ ମାର୍କ ଖଣ୍ଡ ଥିଲେ, ତୋର ବି ଏଥର ଚାକିରି ହୋଇଯାଇଥାନ୍ତା। ଏଇତ ପ୍ରଥମ ଥର ଦେଇଥିଲୁ। ତଥାପି ଭଲ କରିଛୁ। ଆରଥର ପରୀକ୍ଷା ପାଇଁ ପୁଣି ଥରେ ଚେଷ୍ଟା କର।' ତାକୁ ବୁଝେଇବାକୁ ଯାଇ କହିଲି। ହେଲେ ଇତି ମଧ୍ୟରେ ଦୁଇ ଦୁଇଟା ବାହାଘର ପ୍ରସ୍ତାବ ମୁଁ ଭାଙ୍ଗି ଦେଇଥିଲି ଖାସ୍ ଝିଅର ଅନିଚ୍ଛା ପାଇଁ। ସେ ଚାକିରି କଲେ ଯାଇ ବାହାଘର କଥା ଚିନ୍ତା କରିବ ବୋଲି ତା' ମାମାକୁ ସ୍ୱଷ୍ଟ କରି ଜଣାଇଲା ।' କେଜାଣି, ତୁମ ବାପ ଝିଅଙ୍କର କ'ଣ ଇଚ୍ଛା ତୁମେ ଜାଣ' କହି ପତ୍ନୀ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ ।

ହେଲେ ଝିଅର ଖୁସି ପାଇଁ ମୁଁ ତା' ଇଚ୍ଛାକୁ ସମ୍ମାନ ଦେବାକୁ ଶ୍ରେୟସ୍କର ମନେକଲି। ଆଜିକାଲି ବୋହୂମାନଙ୍କ ଉପରେ ହେଉଥିବା ଅତ୍ୟାଚାରର କାହାଣୀ କିମ୍ବା ବୋହୂଟିଏ ଜୁଲମ ସହି ନପାରି ଆତ୍ମହତ୍ୟାର ଖବର ସମ୍ବାଦପତ୍ରରେ ରୀତିମତ ପ୍ରକାଶ ପାଉଛି। ସବୁ ମୂଳରେ ଟଙ୍କା କିମ୍ବା ଯୌତୁକ। ପ୍ରଥମତଃ ବାପା ହିସାବରେ ଏସବୁ କଥା ମୋତେ ଆନ୍ଦୋଳିତ କରିବା ସ୍ୱାଭାବିକ। ମୁଁ ସେଇଥିପାଇଁ ତା କଥାରେ ସମ୍ମତି ପ୍ରଦାନ କଲି। ଦ୍ୱିତୀୟତଃ ମୋ ଝିଅର କ୍ୟାରିୟର ଖୁବ୍ ଭଲ ନହେଲେ ବି ଏତେଟା ଖରାପ ନଥିଲା। ସେ ଯେତେବେଳେ ତା' ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କରିବାକୁ ଚାହୁଁଛି, ମୁଁ ସେଥିରେ ତାକୁ ବ୍ୟାଘାତ ଦେବା ଉଚିତ ନୁହେଁ ବୋଲି ମନେ କଲି। ସେ ଛୋଟ ଥିବାବେଳରୁ ମୋର ଇଚ୍ଛା ଥିଲା ମୋ ଝିଅ ପାଠ ପଢି ଖୁବ୍ ସ୍ୱଚ୍ଛନ୍ଦ ଜୀବନଯାପନ କରୁ। ବାର ଦୁଆର ବୁଲି ମୋ ଭଳି ଟିୟୁସନ ଲବ୍ଧ ମାସିକ ଦଶ ବାର ହଜାର ଟଙ୍କାରେ ହତାଶା ଜୀବନ ନକାଟୁ।

ଆଜି ରେଜେଲ୍ଟ ବାହାରିବା ଆଗରୁ ଆମେ ଖୁବ୍ ଆଶାବାଦୀ ଥିଲୁ। କାରଣ ଗତଥରର କଟ ଅଫ୍ ଥିଲା ୯୪ ମାର୍କ। ଏଥର ଝିଅର ଥିଲା ୧୦୯ ମାର୍କ। ହେଲେ ସବୁ ଆଶା ଧୂଳିସାତ ହେଲା। ଟିଚର୍ସ ନିଯୁକ୍ତି କ୍ଷେତ୍ରରେ ଖୁବ୍ ଦୁର୍ନୀତି ହୋଇଛି ବୋଲି ଟିଭି ଚ୍ୟାନେଲରେ ବିତର୍କ ଆରମ୍ଭ ହୋଇ ଯାଇଥିଲା। ଟଙ୍କା ଦେଇ ବି କିଛି ପିଲା ଚାକିରି ପାଇବାରୁ ବଞ୍ଚିତ ହୋଇ ଥିବାରୁ ଖୁବ୍ ହାଲ୍ଲା କରୁଥିଲେ। ଏତିକି ବେଳକୁ ଝିଅର ସାଙ୍ଗ ଅନୀତା ଫୋନ୍ କରି ଜଣାଇଲା ଯେ ସେମାନଙ୍କ ସହିତ ପଢୁଥିବା ରଜନୀ ନାମ୍ନୀ ଝିଅ ମାତ୍ର ୧୫ ମାର୍କ ରଖି ଚାକିରି ପାଇଁ ଯୋଗ୍ୟ ବିବେଚିତା ହୋଇଛି। ସେ ଝିଅ ଏସ୍‌ସି କାଟେଗୋରୀର ବୋଲି ମୁଁ ପଚାରି ବୁଝିଲି। ହେଲେ ସେଲଫ ଫାଇନାନ୍ସିଙ୍ଗ କଲେଜରେ ଏତେ ଟଙ୍କା ଦେଇ ସେ କେମିତି ପଢିଲା ବୋଲି ଝିଅକୁ ପଚାରିଲି। ସେ ଯାହା କହିଲା ତା'ର ସାରମର୍ମ ହେଲା, ରଜନୀ ନାମ୍ନୀ ସେ ଝିଅଟିର ବାପା ମା ଉଭୟ ସରକାରୀ ଚାକିରୀ କରନ୍ତି ଏବଂ ତା'ର ବାପା ଏଇ କେତେ ଦିନ ତଳେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେ ଝିଅଟି ସବୁଦିନ କାର ନେଇ ଆସେ, ଇତ୍ୟାଦି ଇତ୍ୟାଦି...!

ସଂରକ୍ଷଣ ସୁବିଧା ପାଇ ୧୫ ମାର୍କ ରଖୁଥିବା ପିଲା ଯୋଗ୍ୟତା ହାସଲ କରୁଥିବା ବେଳେ ୧୦୯ ମାର୍କ ରଖିଥିବା ପିଲା ଅଯୋଗ୍ୟ ବିବେଚିତ ହେଉଛନ୍ତି। ମନ ବିଦ୍ରୋହ କରି ଉଠୁଥିଲା। କେମିତି ଏ ଦେଶରେ ଭଲ ଶିକ୍ଷକଟିଏ କିମ୍ବା ଭଲ ଡାକ୍ତରଟିଏ ବାହାରିବେ ? କାହିଁକି ତାହେଲେ ସ୍କୁଲ ଇନସ୍ପେକ୍ସନରେ ଯାଇ ଶିକ୍ଷକ ମାନଙ୍କୁ ସାଧାରଣ ପାଠ ଆସୁନି ବୋଲି ମିଡିଆରେ ପ୍ରକାଶିତ ଏବଂ ପ୍ରଚାରିତ ହେଉଛି ? ଏ ଦେଶ ସ୍ୱାଧୀନତାର ୭୫ ବର୍ଷ ବିତିଯାଇଥିଲେ ମଧ ଜାତିଭେଦର ରୂପରେଖ ପ୍ରାୟତଃ ସମାନ ରହିଛି। ଏପରି ସବୁ ବ୍ୟବସ୍ଥା ଏବଂ ଅସଙ୍ଗତି କେବେ ଦୂର ହେବ କେଜାଣି ! ଧନ୍ୟ ଏ ଗଣତାନ୍ତ୍ରିକ ଦେଶ, ଧନ୍ୟ ଏ ରାଜନୀତିର ଶୋଷ....!!!


+କୁଞ୍ଜବିହାରୀ ଲେନ, କଟକ




# ପକ୍ଷୀଘର




ସୁନନ୍ଦା ମହାନ୍ତି




କିଛି ଗୋଟେ ଶବ୍ଦ ହେଲେ ଫୋନ ପାଖକୁ ଆସନ୍ତି ରୁବି, ଆଉ ଫେରିଯାଆନ୍ତି, ଶବ୍ଦ ଫୋନରୁ ନୁହେଁ, ଅନ୍ୟ କେଉଁଠି। ଏମିତି ସବୁ ଶବ୍ଦର ସମାହାରରେ ତ ଜୀବନ ତାଙ୍କର। ଚାହିଁ ଥିବେ କାନ ଡେରି ସ୍ୱାମୀ, ପୁଅ, ଝିଅଙ୍କ ଘର ବାହୁଡ଼ା ପରିଚିତ ଶବ୍ଦ ସବୁକୁ। ସେଇ ଶବ୍ଦ ଖେଳ ଭିତରେ ଦିନଚର୍ଯ୍ୟା, ସମୟଚକ୍ର ଚର୍ଯ୍ୟା। ସ୍କୁଲ ବେଲ ବାଜିଲେ ପିଲାଙ୍କ ଭଳି ସେ ଅଥୟ ଓ ତରତର, ଘରେ ପିଲା ଦିଟା କେମିତି ଥିବେ, ପୁଣି କେମିତି ବଢ଼ିବେ ପଢ଼ିବେ, ବଡହେବେ, ବାହାଚୋରା ହେବେ ଓ ଚାକିରୀ କରି ନିଜଗୋଡରେ ନିଜେ ଠିଆ ହେବେ। ସବୁ ଠିକ ଠାକ୍ ଚାଲିଥିଲା ପ୍ରଭୁଙ୍କ ଦୟାରେ ବୋଲି ତ, ଏବେ ଘୋଷାଡି ହୋଇ ଛାତକୁ ଆସନ୍ତି ସେ ସୂର୍ଯ୍ୟଙ୍କୁ ଜଳ ସମର୍ପଣ କରିବେ। ତୁଳସୀ ଚଉରାମୂଳରେ ସ୍ୱାମୀ ପୁଅ ଝିଅଙ୍କ ମଙ୍ଗଳ ମନାସିବେ। ଆଉ ତା ସହିତ ଅଭ୍ୟାସରେ ପଡ଼ିଯାଇଥିବା ଘର ଆଗସାମ୍ନା ବରଗଛରେ ହଳଦୀବସନ୍ତ ଦମ୍ପତ୍ତିଙ୍କୁ ଦେଖିବେ ଓ କାଟିବେ ସମୟ ପକ୍ଷୀଘର ଦେଖୁ ଦେଖୁ, ମନପକ୍ଷୀକୁ ଉଡିଯିବାକୁ ନଦେଇ ଆୟତ୍ତ କରି ରଖିବେ।

ଡାକ ଛାଡିଥିଲେ ସ୍ୱାମୀ। ଗାମୁଛାଟା ଦେଇଯିବ କି ଟିକେ। କୋଉଠି ପାଉନି। ଖଟବାଡ, ଆଲମିରା ଉପର, ଆଲେଣା ସବୁ ଖୋଜି ସାରିଲିଣି। ତଳକୁ ଆସନ୍ତି ରୁବି, କାନ୍ଧରେ ପଡ଼ିଥିବା ନିଜ ଗାମୁଛାଟାକୁ ପାଉନଥିବା ଦୃଶ୍ୟରେ ଆଗଭଳି ନ ହସି ଦିର୍ଘନିଶ୍ୱାସଟିଏ ମାରି ହାତକୁ ବଢେଇ ଦିଅନ୍ତି କେବେ କେବେ ଚଷମା, ପେନ, ଖବର କାଗଜ ସେଇଠି ଥାଇ ଖୋଜିହେଉଥିବା ସ୍ୱାମୀଙ୍କ ହାତକୁ ସେତେବେଳ ପରି। ସେବେ ଯୋଉ କାମ ପାଇଁ ଧନ୍ୟବାଦ ଦେଉଥିଲେ ସ୍ୱାମୀ, ଏବେ କେବଳ ଅସହାୟତା ଭରା ଦୀର୍ଘନିଃଶ୍ୱାସ।

ଠାକୁର ଘରେ ପଶିଯାନ୍ତି ରୁବି। ଦୀପ ଜାଳି, ଜଣାଣ କରନ୍ତି ଢେର, ସେଇ ପୁରୁଣା କଥା। ଯେତେ ଦୂରେ ଥାଆନ୍ତୁ ପିଲାମାନେ ଭଲରେ ଥାଆନ୍ତୁ। ଭୁବନେଶ୍ୱର, କଲିକତା ଓ ଦିଲ୍ଲୀରେ ଥିଲା ବେଳେ ଆସୁଥିଲା ପୁଅ। ପ୍ରଥମେ ପ୍ରଥମେ ମାସକୁ ଥରେ ତ ପୁଣି କେବେ ତିନିମାସ ବା ଚାରିମାସକୁ ଥରେ। କଣ ଟିକେ ଭଲମନ୍ଦ ଖାଇବାକୁ କଲେ କହିବ ମୁଁ ଯଦି ବରଷକେ ଥରେ ଆସିବି ତ କେତେ କଥା କରିବୁ ମାଆ। ଏମିତିକି ଟ୍ରେନ ଓ ଫ୍ଲାଇଟରେ ବାପାଙ୍କ ସହ ତାଙ୍କୁ ନେଇଯାଇଥିଲା ବୁଲାଇବାକୁ କେତେ କୁଆଡ଼େ। ନାହିଁ କଲେ କହୁଥିଲା ଆଉ କଣ ଯାଇପାରିବ। ଏବେ ବୁଲିବନିତ ଆଉ କେବେ ବୁଲିବ। ଟଙ୍କା ପଇସାର ଅଭାବ ନଥିଲା ରୁବି ଓ ମହେଶ ବାବୁଙ୍କର। କିନ୍ତୁ ଅଭାବ ଥିଲା ମନର, ଆଗ୍ରହର। ଆଉ ଏବେ ! ସେଦିନ ପରି ମନକୁ ଲଗାମ ଦେଇ, ଆଗ୍ରହକୁ ଠୁଳ କରି ଯିବାକୁ ଚାହିଁଲେ ବି ଯାଇପାରିବାର କ୍ଷମତା ହରାଇ ବସିଛନ୍ତି ଦୁହେଁ। ଆଉ ସୁଦୂର ଆମେରିକାରୁ ନା ଆସିପାରୁଛି ପୁଅ ନା ଜିଦ୍ କରୁଛି ଆସ ଆସ ବୋଲି, କାରଣ ଭିତରେ, କେତେ କଟକଣା, ସମୟର ଅଭାବ ସହ ଅସମୟ ଆସିଯାଇଛି ରୁବି ଓ ମହେଶ ବାବୁଙ୍କ ନିକଟକୁ ରୋଗ, କଷ୍ଟ ଓ ନୈରାଶ୍ୟ ନେଇ। ମନ କିନ୍ତୁ ଉଡିଯାଉଥାଏ ପକ୍ଷୀଟିଏ ହୋଇ।

ଝିଅକୁ ବାହା ଦେଲାପରେ, ଚାକିରିରୁ ଛୁଟି ବାହାର କରି ବର୍ଷକୁ ଥରେ ଆସେ ଘାଟି ବାଟ ଦେଇ, ଆଉ ଫେରିବା ସମୟରେ ଜୋର୍ କରି ନେଇଯାଏ, ବାପା ମହେଶ ଓ ମାଆ ରୁବିଙ୍କୁ। ଏଣିକି ତାର ପ୍ରମୋସନ୍ ଓ ବଦଳୀ ସହ ପିଲା ଦୁହିଁଙ୍କର ପାଠ ପଢା ସାଙ୍ଗକୁ ଶାଶୁ ଶଶୁରଙ୍କ ବାର୍ଦ୍ଧକ୍ୟ। ସେ ଆସେନା। ଯାଇନପାରି ଝୁରନ୍ତି ମହେଶ ଓ ରୁବି। ମନେ ପଡ଼ନ୍ତି ଝିଅ ଓ ପୁଅର ପିଲାମାନେ। ପ୍ରଥମେ ପ୍ରଥମେ ଫୋନ୍, ଭିଡିଓ କଲ୍ ଆସୁଥିଲା ବହୁତ୍। ଏବେ ସେଶବୁ ମଧ୍ୟ ବନ୍ଦ। କର୍ମ, ଦାୟିତ୍ୱ ଓ କର୍ତ୍ତବ୍ୟ ଭିତରେ ବାପାମାଆ ତ ଅତୀତ। ବର୍ତ୍ତମାନକୁ ଭବିଷ୍ୟତ ଆଡ଼କୁ ନେବାକୁ ହେଲେ ନିଶ୍ଚୟ ଅତୀତକୁ ଭୁଲିବାକୁ ପଡିବ। ଏହାତ ସଂସାର ଚକ୍ର। ହେଲେ ମାନୁନି ଅମାନିଆଁ ମନ। ବୁଝୁନି ଦରଦୀ ହୃଦୟ। ମନ ଉଡିଯାଏ ଅତୀତକୁ।

ଏଇ କିଛି ଶବ୍ଦ ଆସୁଛି, ଆସିଲାକି ଫୋନ୍ ? ଏପଟୁ ଫୋନ କରିବାକୁ ମଧ୍ୟ ଆଖିର ଶକ୍ତି, କାନର ଶବ୍ଦ ସହ ମନ ଓ ଶରୀରର ରୁଗ୍ଣତା ସାଥ ଦେଉନି। ତଥାପି ଶବ୍ଦ ଆସୁଛି, କଷ୍ଟେ ମଷ୍ଟେ ଉପରକୁ ଉଠିଲେ ରୁବି। ପକ୍ଷୀଘରୁ ହଳଦୀବସନ୍ତ ଶାବକ ଉଡିଯିବାକୁ ବସିଛନ୍ତି ତ ଭୀଷଣ ଶବ୍ଦ କରୁଥିଲେ। ତଳେ ଗାଡି ଦୁଇଟି ଲାଗିଲା। ଭାଇ ଭଉଣୀ ଦୁହେଁ ପିଲାପିଲି ସହ ଏକାଠି। ଦଉଡ଼ିଗଲେ ରୁବି। ଗାମୁଛା ଖୋଜୁଥିଲେ ସ୍ୱାମୀ। କାନ୍ଧରୁ ନେଇ ପରସ୍ତେ ଆଖି ପୋଛୁଥିଲେ ରଗଡ଼ି ରଗଡ଼ି ଆଉ ରୁବିଙ୍କ ଆଖି ଭର୍ତ୍ତି ଲୁହରେ ଦେଖାଯାଉନଥିଲେ ପିଲାମାନେ ସ୍ୱଷ୍ଟ।

ରନ୍ଧା ବଢ଼ା ଖିଆ ପିଆ ନାଚ ଗୀତ ବୁଲା ବୁଲି ଚାଲିଲା ଦୁଇଦିନ। ପୁଅ ନେଇଯିବାକୁ ଚାହୁଁଥିଲା ସେମାନଙ୍କୁ ସାଙ୍ଗରେ। ଝିଅ ବି ଜିଦ୍ କରୁଥିଲା। ମହେଶ କହୁଥିଲେ ଆରେ କୁଆଡ଼େ ଯିବୁ ଆଉ ? ବରଂ ପିଲା ମାନେ ଆମ ପାଖେ ରୁହନ୍ତୁ କିଛି ଦିନ। କେହି ରହିନଥିଲେ। ଉପରେ ପକ୍ଷୀ ଦେଖି ଓ ପକ୍ଷୀଘର ତିଆରି କୌଶଳ ଦେଖୁ ଦେଖୁ, ମନପକ୍ଷୀକୁ ଉଡ଼ିଯିବାକୁ ନଦେଇ, କିଛି ଘଡି ବଞ୍ଚିଯିବାକୁ ଚେଷ୍ଟା କରୁଥିଲା ବେଳେ, ତଳୁ ପୁଣି କିଛି ଖୋଜିଦେବା ପାଇଁ ସ୍ୱାମୀ ଡାକ ଛାଡିଥିଲେ।


+ସାକ୍ଷୀଗୋପାଳ, ପୁରୀ

ମୋ: ୭୦୦୮୯୪୨୨୧୫

# ସୁବର୍ଣ୍ଣପୁର ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ

ସୁବର୍ଣ୍ଣପୁର, ୨୦/୧୧ (ନି.ପ୍ର): ବିଜୁ ପଟ୍ଟନାୟକ ଡିଗ୍ରୀ ମହିଳା ମହାବିଦ୍ୟାଳୟ ସୋନପୁର ଠାରେ ଯୁକ୍ତ ୩ ପ୍ରଥମ ବର୍ଷ ର ଛାତ୍ରୀଙ୍କୁ ଏକ ନିଆରା ଢଙ୍ଗରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଯାହାର ନିର୍ଯ୍ୟାସ ହେଉଛି ଛାତ୍ରୀ ମାନଙ୍କ ଭିତରେ ଥିବା ବୌଦ୍ଧିକ, କଳା ତଥା ସମସ୍ତ ପ୍ରକାର ଟେଲେଂଟର ବିକାଶ । ଏଥିରେ ମିସ ଦିବା ଭାବେ ଦିବ୍ୟାଶ୍ରୀ ବେହେରା ଓ ମିସ ଫ୍ରେସର ଭାବେ ମିସ ପୂଜାରାଣୀ ପୁରୋହିତ ତାଜ ଧାରଣ କରି ଆଜିର ବିଜେତା ଭାବେ ଦ୍ୱିତୀୟ ଅଧିବେଶନର ଅତିଥି ଡିଡବ୍ଲୁଓ, ଏବଂ ଓଏଏ ସ ପାୟଲ ବାଗଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଡିଗ୍ରୀ କଲେଜ ଅଧକ୍ଷ୍ୟା ରିତାରାଣୀ ପୁଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ସମାରୋହ କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଜ଼ିଲ୍ଲାପାଳ ଅବୋଲି ସୁନୀଲ ନରଓ୍ୱଣେ ବୀଣାପାଣି ସରସ୍ୱତୀଙ୍କ ଠାରେ ପୂଜାର୍ଚ୍ଚନା ଓ ଶୁଭ ଉଦଘାଟନ କରିଥିଲେ । ଛାତ୍ରୀ ମାନଙ୍କ ସହିତ ଭାବ ବିନିମୟ କରି କ୍ୟାରିଅର ଗଠନ ଉପରେ ଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତର ରଖି ମନକୁ ଷ୍ଟ୍ରଙ୍ଗ ରଖି ନିର୍ଭିକ ଭାବେ ଜୀବନର ସବୁ ପରିସ୍ଥିତିର ମୁକାବିଲା କଲେ ସବୁ କ୍ଷେତ୍ରରେ ସଫଳତା ପାଇପାରିବ ବୋଲି ନିଜର ଆଇ ଏ ଏସ ପ୍ରସ୍ତୁତି କ୍ୟାରିୟର ଉପରେ ଅନେକ ଉଦାହରଣ ଦେଇ ଅଧାପକ ଓ ଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇଥିଲେ । ଏବଂ ଡିପ୍ରେସନର ସବୁଠୁ ବେଷ୍ଟ ଉପାୟ ହେଉଛି କନଭରସେସନ ବୋଲି ଛାତ୍ରୀଙ୍କ ପ୍ରଶ୍ନର ଉତରରେ ବୁଝାଇଥଲେ । ସମ୍ମାନିତ ଅତିଥି ଭାବେ ଏଡିଏମ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ କଠିନ ପରିଶ୍ରମ ଓ ଶୃଙ୍ଖଳା ରଖିବା ସହ ଆମ ସଂସ୍କୃତି ପରମ୍ପରା ଉପରେ ମଧ ଅନେକ ଉଦାହରଣ ଦେଇଥିଲେ । ଓଡ଼ିଆ ଅଧାପିକା ପୂର୍ଣ୍ଣିମା ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଅଧାପିକା ସଂଜୁ ରାଣୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଚନ୍ଦ୍ରମା ରଥ, ଶିବାନି ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସୁବର୍ଣ୍ଣପୁର ମାଟିର ଗୌରବ ଇଂ. ପାୟଲ ବାଗ (ଓଏଏସ ) ଙ୍କୁ ଏହି ସଭାରେ ଜ଼ିଲ୍ଲାପାଳ ନରଓ୍ୱଣେ ଓ ଏଡିଏମ ଶ୍ରୀ ଦାଶଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ନବାଗତା ଛାତ୍ରୀ ମାନଙ୍କ ଦ୍ୱାରା ନାଚ ଗୀତ ଓ ଅନେକ ଟେଲେଂଟ ପରିବେଷଣ ମାଧମରେ ସକାଳ ୧୦ ଟା ରୁ ସନ୍ଧ୍ୟା ୫ଟା ଯାଏ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡିଗ୍ରୀ କଲେଜର ଛାତ୍ରୀଙ୍କ ଦ୍ୱାରା ଅତିଥି ମାନଙ୍କୁ ଉଚ୍ଚକୋଟିର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ସିନିଅର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ଓଡିଶୀ ନାଚ ଗୀତ ପରିବେଷଣ କରି ମଂଚରେ ସ୍ୱାଗତ କରାଯାଇଥିଲା । ଇଂରାଜୀ ଅଧାପକ ମଦନ ସୁନ୍ଦର ଖେତୀଙ୍କ ତତ୍ତ୍ୱାବଧାନରେ ଓ ଅଧାପକ ଦୁଃଖିଶ୍ୟାମ ମେହେର, ଚେର ବୃଇ ହୋତା, ଗଂଜିତା ମିଶ୍ର, ମିତା ବାରିକ, ସଲିଳ ବେହେରା, ସୁଦାମ ସାହୁ, ମଦନ ପଣ୍ଡା, ଅଙ୍କୁର ପାଣିଗ୍ରାହୀ ଓ ସମସ୍ତ ଟିଚିଙ୍ଗ ନନ ଟିଚିଙ୍ଗ ଷ୍ଟାଫଙ୍କ ସହଯୋଗରେ ଏହି ସମସ୍ତ କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଉତ୍ସବର ଏକ ଅଟୋଗ୍ରାଫ ଜୋନ ରେ ଜ଼ିଲ୍ଲାପାଳ ଓ ସମସ୍ତ ଅତିଥି ଅଟୋଗ୍ରାଫ ଦେଇଥିବା ବେଳେ ସିଙ୍ଗର ହରିଙ୍ଗ କୁଶଳଙ୍କ ଦ୍ୱାରା ମେଲୋଡି ସଂଗୀତ ପରିବେଷଣ ମାଧମରେ ଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା ।

# ଫଟାବାହାଲଠାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କଲେ ନରସିଂହ

ବଲାଙ୍ଗିର, ୨୦/୧୧ (ନି.ପ୍ର): ବିଧାୟକ ନରସିଂହ ମିଶ୍ର ଫଟାବାହଲ ଠାରେ ୧ ଲକ୍ଷ ଲିଟର କ୍ଷମତା ସମ୍ପନ୍ନ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ବସୁଧା ଯୋଜନା ଅନ୍ତର୍ଗତ ଏହି ପିଇବା ପାଣି ପ୍ରକଳ୍ପ ପାଇଁ ଫଟାବାହାଲ ଓ କଟାପାଲି ଲୋକେ ଅନେକ ଦିନରୁ ବିଧାୟକ ଶ୍ରୀ ମିଶ୍ରଙ୍କ ଆଗରେ ଦାବି ରଖିଥିଲେ ଯାହାକି ଏବେ ସମ୍ପୂର୍ଣ୍ଣ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ଫଟାବାହାଲ, କଟାପାଲି ତଥା ଆଖାପାଖର ଅନେକ ଛୋଟ ଗାଁ ରେ ଥିବା ପିଇବା ପାଣି ସମସ୍ୟା ଦୂର ହୋଇପାରିବ । ଉଦ୍ ?ଘାଟନ ପରବର୍ତ୍ତି ସଭାରେ ବିଧାୟକ ଶ୍ରୀ ମିଶ୍ରଙ୍କୁ ଫଟାବାହାଲ ଗ୍ରାମବାସୀଙ୍କ ତରଫରୁ ଉଚ୍ଛର୍ସିତ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରତି ଉତ୍ତରରେ ବିଧାୟକ ଶ୍ରୀ ମିଶ୍ର କହିଥିଲେ ପିଇବା ପାଣି ପାଇବା ବର୍ତ୍ତମାନ ଲୋକଙ୍କର ଆଇନସିଦ୍ଧ ଅଧିକାର । ଆପଣମାନେ ଜାଣିଥିଲେ ଯେତେବେଳେ ପିଇବା ପାଣି ଯୋଗାଣ ପ୍ରାୟତଃ ଅସମ୍ଭବ ଥିଲା । ସେ ସମୟରେ ସେ ସୁକତେଲ ନଦୀରୁ ପାଇପ ଯୋଗେ ଏ ଅଂଚଳକୁ ପିଇବା ପାଣି ଯୋଗାଇ ଦେଇଥିଲେ । ଫଟାବାହାଲ ରେ ଥିବା ରାସ୍ତା ଘାଟ ପାନୀୟ ଜଳ, ଜଳ ସେଚନ କୁ ନେଇ ଯେତେବେଳେ ବି ସମସ୍ୟା ଆସିଛି ସେ ସବୁ ସମାଧାନ ସେ ପ୍ରତ୍ୟକ୍ଷ ଭାବରେ କରିଛନ୍ତି । ଆଗକୁ ମଧ ତାହା ଜାରି ରହିବ । ଲୋକେ ସମସ୍ତେ ନିଜ ଭିତରେ ଏକ ହୋଇ ରହନ୍ତୁ କାରଣ ଏକତା ହିଁ ଅଂଚଳକୁ ବିକଶିତ କରିଥାଏ । ତେଣୁ ଏ ଅଂଚଳର ଆବାଳ ବୃଦ୍ଧ ବନିତା ନିଜ ଭିତରେ ଏକତା ଭାବ ଆଣି ପାରିଲେ ଏ ଅଂଚଳର ସମସ୍ତ ଅଭାବ ପୁରଣ ହୋଇପାରିବ ବୋଲି କହିଥିଲେ । ଶାନ୍ତନୁ ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ମିଶ୍ରଙ୍କ ବ୍ୟତିତ କୁନ୍ତଳା ଗଡତ୍ୟା, ସବିତା କାଲସାଏ, ଉମାଶଙ୍କର ପଣ୍ଡା, ଶର୍ଙ୍କର୍ଦ୍ଦନ ମେହେର, ସଂଜୟ ଗଡତ୍ୟା, ସୋମନାଥ ପୁଟେଲ, ବ୍ଲକ ସଭାପତି ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ତିନି ଜଣ ଟ୍ରେନ ଲୁଟେରାଙ୍କୁ ଗିରଫ କଲା ଆରପିଏଫ

ବଲାଙ୍ଗିର, ୨୦/୧୧ (ନି.ପ୍ର): ଚଳନ୍ତା ଟ୍ରେନ ଭିତରୁ କେବେ ବ୍ୟାଗ ଚୋରୀ ତ ପୁଣି କେବେ ପର୍ସ ଚୋରୀ କରୁଥିଲେ ଥିଲେ ଚୋର । ବିଶେଷ ଭାବରେ ରାତ୍ରୀ ସମୟରେ ଟ୍ରେନ ଭିତରେ ଯାତ୍ରୀ ମାନେ ଶୋଇଥିବା ସମୟରେ ଚୋରୀ କରୁଥିଲେ ଚୋର । ଗତକାଲି କୋରାପୁଟ ରାଉରକେଲା ଏକ୍ସପ୍ରେସରେ କଳାହାଣ୍ଡି ଜିଲ୍ଲା କେନ୍ଦୁଗୁଡା ଗାଁର ଦାଶରଥି ନାଗ ମୁନିଗୁଡାରୁ ଯାତ୍ରା ଆରମ୍ଭ କରି ରାଉରକେଲାକୁ ଯାଉଥିଲେ । ରାତି ୧୨ ଟା ୩୦ ରେ ବଲାଙ୍ଗିର ରେଲୱେ ଷ୍ଟେସନରେ ଟ୍ରେନଟି ପହଂଚିବା ପରେ ହଠାତ ତିନିଜଣ ଯୁବକ ଦାଶରଥିଙ୍କ ବ୍ୟାଗ ଲୁଟ୍ କରି ଫେରାର୍ ହୋଇଯାଇଥିଲେ । ଏନେଇ ଯାତ୍ରୀ ଜଣକ ବଲାଙ୍ଗିର ଆର.ପି.ଏଫ.ରେ ଲିଖିତ ଅଭିଯୋଗ କରିଥିଲେ । ଆର.ପି.ଏଫର ସ୍ୱତନ୍ତ୍ର ଟିମ ସିସି.ଟିଭି ଫୁଟେଜ ଯାଂଚ କରି ତଦନ୍ତ ଆରମ୍ଭ କରିଥିଲା । ରେଲୱେ ଷ୍ଟେସନ ଠାରୁ କିଛି ଦୂରରେ ତିନି ଜଣ ଯାକ ଲୁଟେରା ବ୍ୟାଗ ଖୋଲି ଟଙ୍କା ଭାଗବଂଟା କରୁଥିବା ସମୟରେ ମାଡି ବସିଥିଲା ଆର.ପି.ଏଫ । ସେମାନଙ୍କ ଠାରୁ ଟଙ୍କା ସହିତ ବହୁ ମୂଲ୍ୟବାନ କାଗଜପତ୍ର ଉଦ୍ଧାର କରିଥିଲା ଆର.ପି.ଏଫ । ଗିରଫ ତିନି ଜଣ ହେଉଛନ୍ତି, ବଲାଙ୍ଗିର ସହର ଠିକାଦାର ପଡାର ସୁନାଧର ବରିହା, କଲେଜଛକର ରାଜେଶ ମେହେର ଏବଂ ସାଗରପଡାର ପ୍ରିତମ ଅଦାବରିଆ । ଏମାନେ ଅଭ୍ୟାସଗତ ଲୁଟେରା ବୋଲି ଜଣାପଡିଛି । ଏମାନଙ୍କ ନାଁରେ ପୂର୍ବରୁ ଅନେକ ଅପରାଧିକ ମାମଲା ଥିବା ଜଣାପଡିଛି ।

# ବାଲାନ୍ଦାପଡାରେ ଜାତୀୟ ଏକତା ଦିବସ କାର୍ଯ୍ୟକ୍ରମ

କନ୍ଧମାଳ, ୨୦/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲାନ୍ଦାପଡା ପଂଚାୟତ କାର୍ଯ୍ୟାଳୟ ପରିସରରେ ନେହରୁ ଯୁବକେନ୍ଦ୍ର ଫୁଲବାଣୀ ଓ ମା ବରାଳୀ ଯୁବ ପରିଷଦ ବଟାବହାଳିର ମିଳିତ ଆନୁକୂଲ୍ୟରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲାନ୍ଦାପଡା ପଂଚାୟତର ସରପଂଚ ନିରାକର ନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଫିରିଙ୍ଗିଆ ବ୍ଲକର ଉପାଧକ୍ଷ ଅଜିତ କୁମାର ସାହୁ, ବାଲାନ୍ଦାପଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ମହାମେରୁ ଅଚଳ ବାରିକ, ସମାଜସେବୀ ଗୋପୀନାଥ କହଁର, ଚକ୍ରପତି ଡିଗାଲ, ଭିକ ନାୟକ ଏବଂ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲନ୍ଦାପଡା ପଂଚାୟତର ବିଭିନ୍ନ ଗ୍ରାମରୁ ଯୁବକ ଓ ଯୁବତୀ ମାନେ ଯୋଗ ଦେଇଥିଲେ ।

ଏହି ଅବସରରେ ସେମାନଙ୍କ ମଧରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ସୁଶାନ୍ତ କହଁର ପ୍ରଥମ, ରଶ୍ମି ରଞ୍ଜନ ପ୍ରଧାନ ଦ୍ୱିତୀୟ ଏବଂ କୈଳାସ କହଁର ତୃତୀୟ ହୋଇଥିଲେ । ଦିବସର ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରିଥିଲେ । ବୈଠକରେ ମା ବରାଳୀ ଯୁବ ପରିଷଦ ବଟାବହଳିର ସଭାପତି ରବି କହଁର ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସମ୍ପାଦକ ମଂଟୁନାଥ ଡିଗାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣି ବରିହା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲରେ କଅଗାଁ ଦଳୟ ବିଜୟୀ

ବଲାଙ୍ଗିର, ୨୦/୧୧ (ନି.ପ୍ର): ଜନ କଲ୍ୟାଣ ଯୁବକ ସଂଘ ଫୁଟବଲ ଏସୋସିଏସନ ଆନୁକୁଲ୍ୟରେ ପ୍ରଥମ ମଣି ବରିହା ସ୍ମାରକି ଫୁଟବଲ ପ୍ରତିଯୋଗିତା ଫାଇନାଲ ଖେଳ ଖୁଜେନପାଲି ପଡିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସେମି ଫାଇନାଲ ରେ ଖଲିଆପାଲି କୁ କଅଗାଁ ଟ୍ରାଇବ୍ରେକରରେ ୨-୦ ଗୋଲରେ ସମଲେଶ୍ୱରୀ କ୍ଲବ ଲୋଇସିଂହା ଦଳ ହରାଇ ବିଜୟ ହାସଲ କରିଥିଲା ଏବଂ ଫାଇନାଲ ମ୍ୟାଚରେ ଲୋଇସିଂହାକୁ କଅଗାଁ ଦଳ ଟ୍ରାଇବ୍ରେକର ରେ ହରାଇ ବିଜୟ ହାସଲ କରିଥିଲା । ସୁନିଲ ବିଶ୍ୱାଲଙ୍କ ତତ୍ୱାବଧାନରେ ବଲାଙ୍ଗିର ଜିଲ୍ଲାର ସମସ୍ତ ରାଏଫରୀ ଖେଳକୁ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ସରିତା ବାଗ, ବଲାଙ୍ଗିର ବ୍ଲକ ଅଧକ୍ଷା ଅତିଥି ଭାବେ ବିଶିଷ୍ଟ ସମାଜସେବୀ ବିକ୍ରମାନନ୍ଦ ବହିଦାର, ଶ୍ରୀକର ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷ ଗୋଲାପ ବାଗ, ଚଗଲା ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜକ କମିଟିର ଅଧକ୍ଷ ବିନୋଦ କାଲସାଏ ଓ ସମ୍ପାଦକ ଦେବାଶିଷ କାଲସାଏଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କ୍ରିଡା ସଂଗଠକ ଭୁପେନ୍ଦ୍ର ସିଂ, କ୍ରୀଡା ସଂସଦ ସଦସ୍ୟ ସଂଗ୍ରାମ ବହିଦାର, ହେମନ୍ତ ବେହେରା, ସୁଦାମ ପାଣିଗ୍ରାହୀ, ସଞ୍ଜୁ ଷାଣ୍ଡ, ଲାଲମଣି କାଲସାଏ ମଂଚାସିନ ଥିଲେ । ଫାଇନାଲ ମ୍ୟାଚରେ ମେନ୍ ଅଫ୍ ଦ ମ୍ୟାଚ ଦେବରାଜ ସା, ମ୍ୟାନ ଅଫ୍ ଦି ସିରିଜ ବର୍ଣ୍ଣି ଧରୁଆ, ବେଷ୍ଟ ଗୋଲକିପର ସୁଧିର ସରାଫ, ବେଷ୍ଟ ଡିଫେନ୍ସ ସାନ୍ତନୁ ବେହେରା, ବେଷ୍ଟ ମିଡ ଫିଲଡର ମଥୁନ ନାଏକ ପାଇଥିଲେ । ଦିପକ ବରିହା, ଶଙ୍କର ଦିପ, ଗୋପିନାଥ କାଲସାଏ, ସୁଦାମ କାଲସାଏ, ମହାଦେବ କାଲସାଏ, ଚନ୍ଦ୍ରରାଜ କାଲସାଏ, ମାନସ କାଲସାଏ, ଶ୍ରୀକାନ୍ତ କାଲସାଏ, ବୁଲୁ ତାଣ୍ଡି, ଶ୍ରୀକର କାଲସାଏ, ସୁବଳ କାଲସାଏ, କାମଦେବ ଷାଣ୍ଡ, ଗୋପ କାଲସାଏ, ରାହାସ କାଲସାଏ ଓ ଜନ କଲ୍ୟାଣ ଯୁବକ ସଂଘ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ପେନସିଲ ଆର୍ଟ କରି ଆୟୁଷ୍ମାନ ପ୍ରଶଂସିତ

କନ୍ଧମାଳ, ୨୦/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲାପାଳ ପାଟିଲ ଆଶିଷ ଈଶ୍ୱର ଓ ତାଙ୍କ ପତ୍ନୀଙ୍କ ସୁନ୍ଦର ଓ ନିଖୁଣ ଭାବେ ପେନସିଲ ଆର୍ଟରେ ଚିତ୍ର ଆଙ୍କି ବେଶ ପ୍ରଶଂସିତ ହୋଇଛନ୍ତି ଆୟୁଷ୍ମାନ ସୁବୁଦ୍ଧି । ଆୟୁଷ୍ମାନ ଓ ତାଙ୍କ ମାମୁଁ ଉମାଶଙ୍କର ମିଶି ଆଜି ଜିଲ୍ଲାପାଳ ପାଟିଲ ଆଶିଷ ଈଶ୍ୱରଙ୍କୁ କାର୍ଯ୍ୟାଳୟରେ ଭେଟି ଆଙ୍କିଥିବା ଏହି ଆର୍ଟ ପ୍ରଦାନ କରିଥିଲେ । ନିଜର ଓ ପତ୍ନୀଙ୍କ ଏହି ସୁନ୍ଦର ଆର୍ଟ ଦେଖି ଜିଲ୍ଲାପାଳ ପାଟିଲ ବେଶ ଖୁସି ବ୍ୟକ୍ତ କରିବା ସହ ଉତରୋତର ଉନ୍ନତି କାମନା କରିଥିଲେ ବୋଲି କହିଛନ୍ତି ଆୟୁଷ୍ମାନ । ଆୟୁଷ୍ମାନ ବର୍ତ୍ତମାନ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୨ ରେ ପ୍ରଥମ ବର୍ଷ ଛାତ୍ର । ଆୟୁଷ୍ମାନଙ୍କ ବାପା ରବୀନ୍ଦ୍ର ସୁବୁଦ୍ଧି ଜଣେ ସୁନା ବ୍ୟବସାୟୀ ଅଟନ୍ତି । ଆୟୁଷ୍ମାନଙ୍କୁ ଚିତ୍ର ଆଙ୍କିବାରେ ବାପା ରବୀନ୍ଦ୍ର ଓ ମାମୁଁ ଉମାଶଙ୍କର ସର୍ବଦା ପ୍ରେରଣା ଯୋଗାଇ ଆସୁଥିଲେ ବୋଲି କହିଛନ୍ତି ଆୟୁଷ୍ମାନ । ଆୟୁଷ୍ମାନ ଗତ କିଛି ବର୍ଷ ହେଲା ଏଭଳି ଅନେକ ଚିତ୍ର କରି ଆସୁଛନ୍ତି ।

# ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ ମହିଳା

ଭବାନୀପାଟଣା, ୨୦/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନରେ ଥିବା ଦାଣ୍ଡପଦର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଉପାନ୍ତ ଅଂଚଳରେ କମୁନି ଜନନୀ ଯନ୍ତ୍ରଣା ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ ମହିଳା । ଆଜି ପର୍ଯ୍ୟନ୍ତ ସରକାରଙ୍କ ମାଲ ମାଲ ଯୋଜନା ଦୁର୍ଗମ ଅଂଚଳର ଲୋକଙ୍କ ପାଇଁ ସାତ ସପନ ହୋଇଛି । ସ୍ୱାଧିନତାର ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ଉପାନ୍ତ ଅଂଚଳ ଗୁଡିକ ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଯାହା ଫଳରେ ଚିତ୍ର ବଦଳୁନି । ଦିନକୁ ଦିନ ମାତୃ ଓ ଶିଶୁ ମୃତ୍ୟୁ ବୃଦ୍ଧି ପାଉଛି, ଜନନୀ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଦୁର୍ଗମ ଅଂଚଳର ଗର୍ଭବତୀ ମହିଳା ମାନେ । ଥୁଆମୂଳ ରାମପୁର ବ୍ଲକ ସିଲାଟା ଗ୍ରାମପଂଚାୟତ ଅଧୀନରେ ଥିବା ଦାଣ୍ଡପଦର ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ଆଜି ସକାଳେ ୭ କିଲୋମିଟର ପର୍ଯ୍ୟନ୍ତ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ ପରିବାର ଲୋକେ । ରାସ୍ତା ନଥିବା ଯୋଗୁଁ ଗାଁରେ ଆମ୍ବୁଲାନ୍ସ ପହଁଚି ପାରିନଥିଲା ଯାହା ଫଳରେ ଏହି ଗାଁର ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ଜୀବନ ଦେଇ ମାଝୀ ନାମକ ମହିଳା ଏହି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ସେପଟେ ଜୀବନ ଦେଇ ମାଝୀ ଏକ ମୃତ ଶିଶୁକୁ ଜନ୍ମ ଦେଇଥିବାର ଜଣାପଡିଛି । ଡୁଡୁଙ୍ଗ ପାଟା ନଦୀ ପାରକରି ମହିଳାଙ୍କୁ ରାୟଗଡା କାଶୀପୁର ମେଡିକାଲକୁ ନିଆଯାଇଥିଲା । କିନ୍ତୁ, ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ତାଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି ।

# ବିଏମସି ପକ୍ଷରୁ ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଂଚ୍ ପ୍ରକ୍ରିୟା ଆରମ୍ଭ

ଗଞ୍ଜାମ, ୨୦/୧୧ (ନି.ପ୍ର): ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ବସ୍ତି ଅଂଚଳର ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ସମ୍ପ୍ରତି ବସ୍ତି ବାସିନ୍ଦାଙ୍କ ଉତମ ସ୍ୱାସ୍ଥ୍ୟକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବିଏମସି ଅଂଚଳରେ ଥିବା ୧୬୩ ଟି ବସ୍ତି ଅଂଚଳର ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଂଚ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆଜି ଏହି ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଂଚ୍ ସହ ତଥ୍ୟ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଆଇନାବନ୍ଧ ସାହିରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଆସନ୍ତା ସୋମବାର ଦିନ ଅନ୍ୟ ୧୦ଟି ୱାର୍ଡ଼ରେ ଥିବା ବସ୍ତି ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଯାଂଚ୍ ଏବଂ ତଥ୍ୟ ସଂଗ୍ରହ କରାଯିବ । ସ୍ୱାସ୍ଥ୍ୟ ଯାଂଚ୍ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏହାର ରିପୋର୍ଟ ପ୍ରଦାନ କରାଯିବ । ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ତ ତଥ୍ୟ ସ୍ୱାସ୍ଥ୍ୟ ପ୍ରଶାସନ ନିକଟରେ ରହିବ । ଡିଜିଟାଲ ଡାଇଗ୍ନୋଷ୍ଟିକ ଡିଭାଇସ୍ ୱିଥ ମୋବାଇଲ ଆପ୍ଲିକେସନ ଜରିଆରେ ସ୍ୱାସ୍ଥ୍ୟ ଯାଂଚ୍ ଓ ପରୀକ୍ଷା କରାଯାଉଛି । ଏଥିପାଇଁ ମହାନଗର ନିଗମ ପକ୍ଷରୁ ୧୯ଟି ଅତ୍ୟାଧୁନିକ ଯନ୍ତ୍ରପାତି ଅଣାଯାଇଛି । ଏଥିରେ ୧୨ ପ୍ରକାର ରୋଗର ନିଦାନ ଯାଂଚ୍ ସମ୍ବଳିତ ପରୀକ୍ଷା କରାଯାଉଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ, ବିଏମସି ଓ ସି.ଏସ.ଆର. ପାଣ୍ଠିରୁ ୭୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ନିଗମ ପକ୍ଷରୁ ଜଣାପଡିଛି । ସ୍ୱାସ୍ଥ୍ୟ ଯାଂଚ୍ ନିମନ୍ତେ ୧୯ଟି ଟିମ୍ ଗଠନ କରାଯାଇଥିବା ବେଳେ ଏଥିପାଇଁ ୧୯ଟି ମେସିନ୍ ମଧ ଏନ.ଏଚ.ୟୁ.ଏମ. ଦେଇଛି । ବ୍ରହ୍ମପୁର ମହାନଗର ନିଗମ ଅଧିନରେ ଥିବା ୧୬୩ଟି ବସ୍ତିର ୮୩ ହଜାର ଲୋକଙ୍କୁ ସ୍ୱାସ୍ଥ୍ୟ ଯାଂଚ୍ ପ୍ରକ୍ରିୟାରେ ସାମିଲ୍ କରାଯିବା ନେଇ ନିଗମ ଲକ୍ଷ୍ୟ ରଖିଛି । ଏହି ଡ଼ିଜିଟାଲ ଯନ୍ତ୍ରପାତି ଜରିଆରେ ସମସ୍ତ ଶରୀରର ହିମୋଗ୍ଲୋବିନ, ଇସିଜି, ବ୍ଲଡପ୍ରେସର (ବିପି), ସୁଗାର, କ୍ୟାନସର ଭଳି ୧୯ ପ୍ରକାର ରୋଗର ପରୀକ୍ଷା କରାଯାଉଛି । ଘଟଣାସ୍ଥଳରେ ଯକ୍ଷ୍ମା, କୁଷ୍ଠ, ଡ଼େଙ୍ଗୁ, ମ୍ୟାଲେରିଆ ଆଦିର ପରୀକ୍ଷା ମଧ କରାଯାଉଥିବା ଜଣାପଡିଛି ।

# ରକ୍ତଦାନ ଶିବିର ଅନୁଷ୍ଠିତ

ଭବାନୀପାଟଣା , ୨୦/୧୧ (ନି.ପ୍ର): ସତ୍ୟ ସାଇ ବାବା ଙ୍କ ୯୭ତମ ଜନ୍ମ ଜୟନ୍ତୀ ଅବସରରେ ଶନିବାର କଳାହାଣ୍ଡି ଜିଲ୍ଲା ରଣମାଳ ସତ୍ୟ ସାଇ ସେବା ସମିତି ଆନୁକୁଲ୍ୟରେ ସ୍ୱେଚ୍ଛ କୃତ ରକ୍ତଦାନ ଶିବିର ଆୟୋଜନ କରା ଯାଇଥିଲା । ସାଇ ପୂର୍ଣ୍ଣବିନ୍ୟାସ କଳାହାଣ୍ଡି ଜିଲ୍ଲା ସଂଯୋଜକ ଧୀରେନ୍ଦ୍ର କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ରକ୍ତ ଦାନ ଶିବିର ଆୟୋଜନ କରାଯାଇଥିଲା । ସ୍ଥାନୀୟ ସରପଞ୍ଚ ପ୍ରତିନିଧି, ସମିତି ସଭ୍ୟ । ପ୍ରତିନିଧି,ସମାଜସେବୀ,ବୁଦ୍ଧିଜୀବୀ, ଯୁବକ ଙ୍କ ଉପସ୍ଥିତି ରେ ସର୍ବ ପ୍ରଥମେ ଜୟରାମ ଛାତ୍ରୀଙ୍କ ଠାରୁ ରକ୍ତ ସଂଗ୍ରହ ଆରମ୍ଭ କରାଯାଇଥିଲା । ସର୍ବମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା

# ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

ମାଲକାନଗିରି, ୨୦/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ଗୁଣ୍ଡୁରୀଗୁଡା ସାହି ଠାରେ ଥିବା ଏକ ସରକାରୀ ଜମିରେ କିଛି ଲୋକ ଘରନିର୍ମାଣ କରି ରହୁଥିଲେ । ଏହି ଜମି ସରକାରୀ ହୋଇଥିବା ଓ ପୌରାଂଚଳ ପକ୍ଷରୁ ସେଠାରେ ପାର୍କ ନିର୍ମାଣ ପାଇଁ ପ୍ରସ୍ତାବ ଥିବାରୁ ଏହି ଜମି ଖାଲି କରିବା ପାଇଁ ପୌରପରିଷଦ ପକ୍ଷରୁ ଜବର ଦଖଲକାରୀ ମାନଙ୍କୁ ପୂର୍ବରୁ ନୋଟିସ ମଧ ଜାରି ହୋଇଥିଲା । ଏହି ନୋଟିସକୁ ଅବମାନନା କରି ସେମାନେ ନିଜ ଇଚ୍ଛାରେ ସେଠାରେ କୋଠା ନିର୍ମାଣ କରୁଥିଲେ । ତେଣୁ ଶନିବାର ପୌରପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ତହସିଲଦାର ପୋଲିସ ଓ ମ୍ୟୁନିସିପାଲିଟି କର୍ମଚାରୀଙ୍କ ଉପସ୍ଥିତିରେ ତାହାକୁ ଉଚ୍ଛେଦ ପାଇଁ ଯିବା ସମୟରେ ସେଠାରେ ବାସ କରୁଥିବା ଲୋକମାନେ ଅସନ୍ତୋଷ ପ୍ରକାଶ କରି ବିରୋଧ କରିଥିଲେ । ପ୍ରଶାସନ ପକ୍ଷରୁ ସେଠାରେ ନିର୍ମାଣ ହୋଇଥିବା ୭ଟି ଘରକୁ ଡ୍ରୋଜର ଦ୍ୱାରା ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି । ଏହି ଜବରଦଖଲ ଉଚ୍ଛେଦ ସମ୍ପର୍କରେ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ କହିଛନ୍ତି, ଗୁଣ୍ଡିରିଗୁଡା ସାହିରେ ପ୍ରାୟ ୧୦ ଏକର ସରକାରୀ ଜମି ରହିଛି । ଏହାକୁ ପୌରପରିଷଦକୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ହସ୍ତାନ୍ତର କରାଯାଇଛି । ଏଠାରେ ପାର୍କ ନିର୍ମାଣ ସହିତ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ ହେବ । ଏହି ସରକାରୀ ଜମିରେ ୭ଟି ପରିବାର ରାତାରାତି କୋଠା ନିର୍ମାଣ କରିଦେଇଛନ୍ତି । ଏହି ଅଭିଯୋଗ ହେବାରୁ ସେମାନଙ୍କୁ ସେ ସ୍ଥାନ ଛାଡି ଘରନିର୍ମାଣ ନ କରିବା ପାଇଁ ଗତ୧୭ ତାରିଖ ଦିନ ନୋଟିସ ଦିଆଯାଇଥିଲା । ହେଲେ ସେମାନେ ଏହା ନ ଶୁଣି ଓଲଟି ରାତିରେ ଘରନିର୍ମାଣ କଲେ । ତେଣୁ ପୁଣି ଥରେ ୧୮ତାରିଖ ଦିନ ଡ଼ାକବାଜି ଯନ୍ତ୍ରରେ ମଧ ଜମିରୁ ଘର ହଟାଇବା ପାଇଁ ପ୍ରଚାର କରାଯାଇଥିଲା । ଶନିବାର ସରକାରୀ ନିୟମ ଅନୁସାରେ ଘରଗୁଡିକୁ ଭାଙ୍ଗି ଦିଆଯାଇ ଜବରଦଖଲ ଉଚ୍ଛେଦ କରାଯାଇଛି ।

# ନଟରାଜ କଳା ପରିଷଦର ରଜତ ଜୟନ୍ତୀ ଉତ୍ସବ

ବଲାଙ୍ଗିର, ୨୦/୧୧ (ନି.ପ୍ର): ବଲାଙ୍ଗିରର ଅଗ୍ରଣୀ ଲୋକନୃତ୍ୟ ଓ ନାଟ୍ୟାନୁଷ୍ଠାନ ନଟରାଜ କଳା ପରିଷଦ ଗତକାଲି ସନ୍ଧ୍ୟାରେ ଐତିହାସିକ କୋସଲ କଳାମଣ୍ଡଳ ଠାରେ ତାର ରଜତ ଜୟନ୍ତୀ ଉତ୍ସବ ପାଳନ କରିଛି । ଡ. ଶ୍ରୀକର ମିଶ୍ରଙ୍କ ଅଧକ୍ଷତା ଓ ହରିନାରାୟଣ ପୁଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ରୂପେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଥିଲେ ସାମ୍ବାଦିକ ଅଖିଳ ଚନ୍ଦ୍ର ହୋତା ।

ଏହି ଅବସରରେ ସ୍ୱର୍ଗତ ସୁବାଷ ପୁଜାରୀଙ୍କ ସ୍ମୃତିରେ କୋସଲ ଗୌରବ ନାଟ୍ୟ ସମ୍ମାନ ପ୍ରାଧାପକ ଚୁଡାମଣି ରଥଙ୍କୁ ଓ ସ୍ୱର୍ଗତ ଜ୍ୟୋତି ରଂଜନ ପାଣିଗ୍ରାହୀଙ୍କ ସ୍ମୃତିରେ ଯୁବ କଳାକାର ନଟରାଜ ସମ୍ମାନ ଲଳିତ ପୂଜାରୀଙ୍କୁ ପ୍ରଦାନ କରାଯାଇଥିଲା । ଅତିଥିମାନଙ୍କ ଅଭିଭାଷଣ ପରେ ପରେ ପ୍ରଥମ ଦିନରେ ଦୁଇଟି ନାଟକ ପରବେଷଣ କରାଯାଇଥିଲା । ପ୍ରଥମ ନାଟକ ଆଶାପୁର ନୁ ଆମେରିକା ଏକ ମଧବିତ ପରିବାରର ଜିବନର ଆଶା ନିରାଶା ଓ ସଂଘର୍ଷର କାହାଣୀ ଉପରେ ପର୍ଯ୍ୟବେକ୍ଷିତ । ଆକାଂକ୍ଷୀତ ବାବୁ ଜଣେ ସାଧାରଣ ଶିକ୍ଷକ । ଆକାଂକ୍ଷୀତ ବାବୁ ଓ ମାତା ଆଶାଦେବୀଙ୍କ ଏକ ମାତ୍ର ଗେହ୍ଲା ପୁଅ ଅଭିଳାଷ । ଘନଘୋର ପ୍ରତିଯୋଗିତା ଓ ଦୁର୍ବଳ ଆର୍ଥିକ ଅବସ୍ଥା ସତ୍ୱେ ଆକାଂକ୍ଷୀ ବାବୁ ପୁଅକୁ ଆବାସୀ ଇଂରାଜୀ ବିଦ୍ୟାଳୟରେ ପାଠ ପଢାଇବା ପରେ ଏବେ ପୁଅକୁ ଯେକୌଣସି ମତେ ବୈଷୟିକ ତାଲିମ ଦେବାକୁ ବ୍ୟଗ୍ର । ତେବେ ପୁଅ ଚାକିରୀ ପାଇଲା ପରେ କିଭଳି ଦୂର ଦେଶକୁ ଯାଇ କାମ ପାଇଁ ମା ବାପାକୁ ଭୁଲି ଯାଉଛି । ପୁଅକୁ ଝୁରି ଝୁରି ମା ନିଜ ଜିବନ ହାରି ବସେ । ଅନ୍ୟପଟେ ପତ୍ନୀ ବିୟୋଗ ପରେ ବାପା ବୃଦ୍ଧାଶ୍ରମରେ ରହିବାକୁ ବାଧ ହୋଇ ପୁଅକୁ ତରସେ । ଏଭଳି ଏକ ଦୁଃଖଭରା କାହାଣୀ ଦର୍ଶକଙ୍କ ମନକୁ ବେଶ ଛୁଇଁ ଥିଲା । ଲେଖକ ଚୁଡାମଣି ରଥ ଏହାର ରଚନା କରିଥିବା ବେଳେ ନିର୍ଦ୍ଦେଶନା ପ୍ରଶାନ୍ତ ଖମାରୀ, ମଂଚ ସଜ୍ଜା ରବି, ଉତମ, ବଳରାମ, ସଂଗୀତ କିଶୋର, ଅଭିନୟ ଜ୍ୟୋତି ବେଦବାକ, ପ୍ରହଲ୍ଲାଦ ଦର୍ଜୀ, ପ୍ରଶାନ୍ତ ପଣ୍ଡା ଓ ପ୍ରାୟମ୍ଭ ପ୍ରତିକ ଜାଲ, ଶ୍ରୀପ୍ରଦା ଷଡଙ୍ଗୀ ନିଖୁଣ ଅଭୀନୟ କରିଥିଲେ । ସେହିପରି ରାତି ସାଢେ ୮ ଟାରେ ଦ୍ୱିତୀୟ ନାଟକ ଦେବରାଜ ସାହୁଙ୍କ ଦ୍ୱାରା ଲିଖିତ, ନିର୍ଦ୍ଦେଶନା ପ୍ରଶାନ୍ତ ଖମାରୀ, ସହଯୋଗୀ ପୁର୍ଣ୍ଣଚନ୍ଦ୍ର ତ୍ରିପାଠୀ ମଧୁସୁଦନ ନାୟକ, ମଂଚସଜ୍ଜା ରବି, ଉତମ, ବଳରାମ, କିଶୋର ଦ୍ୱାରା ଅ..ଆ...ଇ ନାଟକ ମଂଚସ୍ଥ ହୋଇଥିଲା। ଏହି ବାସ୍ତବଧର୍ମୀ ନାଟକରେ ଦୁଇ ଜଣ ଗବେଷକ ମନୋଜ ମିଶ୍ର ଆଉ ସହ ଗବେଷିକା ସିଲଭାନିଆ ବ୍ରିଗେନଜା ଜିବନର ସତ୍ୟ ଖୋଜି ଖୋଜି କେମିତି ଶ୍ମସାନକୁ ପହଂଚିଥିଲେ । ବିଭୂତି ପଡା ଶ୍ମସାନରେ ଥିବା ଅନ୍ଧାରି ବାବା ସେମାନଙ୍କୁ ଜିବନର ସତ୍ୟ ଉପରେ ଜ୍ଞାନ ଦେଇଛନ୍ତି । ମରଣ ନିଷ୍ଠୁର ଦେଖାଗଲେ ମଧ ନୂଆ ଜିବନ ପାଇଁ ରାସ୍ତା ଖୋଲିଥାଏ । ଲୋକେ କିନ୍ତୁ ବିଭିନ୍ନ ବସ୍ତୁବାଦୀ ଚିନ୍ତାଧାରାରେ ଜିବନର ଏହି ସତ୍ୟତାକୁ ଭୁଲି ଯାଆନ୍ତି । ମୃତ୍ୟୁ ପରେ ସଂସାର ବନ୍ଧନ ସରି ଯାଇଥିଲେ ସୁଦ୍ଧା ମରଣ ନିଜେ ବାହାରି ପଡେ ସତ୍ୟର ଅନୁସନ୍ଧାନରେ । ଆଉ ନୂଆ ଶରୀର ପାଇଲା ପରେ ତା ଉପରେ ପୁଣି ଲେଖାଯାଏ ଜୀବନର ଅ..ଆ...ଇ... ଏଭଳି କିଛି ସତ୍ୟର ଅନ୍ତିମ ସନ୍ଧାନ ଉପରେ ପର୍ଯ୍ୟବେକ୍ଷୀତ ଏହି ନାଟକ। ନାଟକରେ ଦେବବ୍ରତ, ମଧୁ, ରାମ, ସୁମିତ, ନବଘନ, ସରୋଜ, ସୈଲିନ, ଟୁନା, ଅନିଲ, ଟଙ୍କଧର, ସଂଜୀବ, ବିଶ୍ୱଜିତ, ଅର୍ଜ୍ଜୁନ ଓ ପୂଜା । ମଂଚସଜ୍ଜା ରବି, ଉତମ, ବଳରାମ କିଶୋର ବେଶ ହୃଦୟସ୍ପର୍ଶୀ ଅଭିନୟ କରି ଦର୍ଶକଙ୍କ ମନ ମୋହି ନେଇଥିଲେ ।

# ବିଭିନ୍ନ ଦାବି ନେଇ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ

ଧର୍ମଶାଳା, ୨୦/୧୧ (ନି.ପ୍ର): ବିଭିନ୍ନ ଦାବି ନେଇ ଆଜି ଯାଜପୁର ଜିଲା ପ୍ରାଥମିକ ଶିକ୍ଷକ ମହାସଂଘ ଧର୍ମଶାଳା ଶାଖା ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମହାସଂଘର ଉପଦେଷ୍ଟା ଅକ୍ଷୟ କୁମାର ଦାସଙ୍କ ନେତୃତ୍ୱରେ ଶାଖା ପକ୍ଷରୁ ଜାରକାସ୍ଥିତ ଜେମାଶୁଣୀ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ବାହାରି ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଫାଟକ ଆଗରେ ପହଂଚିବା ସହ ସେଠାରେ ଧାରଣା ଦେଇଥିଲେ । ସରକାର ଅକ୍ଟୋବର ୧୬ ତାରିଖରେ ଠିକା ନିଯୁକ୍ତିକୁ ଉଚ୍ଛେଦ କରି ରେଗୁଲାର କରିଥିବା ବେଳେ ୨୦୦୧ ମସିହାରୁ ଠିକା ନିଯୁକ୍ତି ପାଇଥିବା ପ୍ରାଥମିକ ଶିକ୍ଷକଙ୍କ ପ୍ରତି ଅବିଚାର କରିଛନ୍ତି । ଯାହା ଫଳରେ ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେବା ସହ ବହୁ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ଏହାର ପ୍ରତିବାଦରେ ମିଳିତ ଶିକ୍ଷକ ମହାସଂଘ ଧର୍ମଶାଳା ଶାଖା ପକ୍ଷରୁ ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ବାହାରି ଜାରକା ବଜାର ପରିକ୍ରମା କରି ଶେଷରେ ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ସମ୍ବଳିତ ଦାବି ପତ୍ର ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତିଙ୍କୁ ପ୍ରଦାନ କରିଥିଲେ । ସରକାର ଯଥାଶୀଘ୍ର ମହାସଂଘର ଦାବି ପୂରଣ ନ କଲେ ଆସନ୍ତା ୨୭ ତାରିଖ ଦିନ ରାଜ୍ୟର ୩୧୪ ବ୍ଲକର ଶିକ୍ଷକଶିକ୍ଷୟିତ୍ରୀମାନେ ଭୁବନେଶ୍ୱର ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ବାଲିଆପାଳ ପୂଜ୍ୟପୂଜା ସଂସଦର ପାକ୍ଷିକ ଆସର

ବାଲିଆପାଳ,୨୦/୧୧ (ନି.ପ୍ର): ବାଲିଆପାଳ ପୂଜ୍ୟପୂଜା ସଂସଦର ପାକ୍ଷିକ କବିତା ଆସର କବି ଝାଡେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କବୟିତ୍ରୀ ଡ.କୃଷ୍ଣାକୁମାରୀ ନାୟକଙ୍କ"ମୋ ଦେଶ ମହାନ"ବରିଷ୍ଠ କବି ତଥା ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି ସମୀକ୍ଷା କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କାଳିପଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅନୁଷ୍ଠାନର ଆବାହକ ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କବି ସରୋଜ କୁମାର ଦାସ, ଗୀତିକାର ରମାନାଥ କର, ସୁଜାତା ରଣା, ସନ୍ନ୍ୟାସୀ ବେହେରା, ନାଟ୍ୟକାର ପ୍ରଫୁଲ୍ଲ କୁମାର ବାଗ, ସଙ୍ଗୀତକାର ପ୍ରକାଶ ଚନ୍ଦ୍ର ପ୍ରଧାନ, ସାମ୍ବାଦିକ ଉମାକାନ୍ତ ନାୟକ, ପ୍ରଦୀପ ଜେନା, ଶିଶୁ କବୀ ତୃପ୍ତି ସୁଚିରେଖା ଗିରି, ରମେଶ ପ୍ରଧାନ, କୁମାର କୌଶିକ ପ୍ରଧାନ, ଅଞ୍ଜଳୀ ଶତପଥୀ, ସେହ୍ନଲତା ନାୟକ, ଭୀମ ବେହେରା ପ୍ରମୁଖ ସମୀକ୍ଷକ ଶ୍ରୀ ଗିରି କବିତାଟିକୁ ଏକ ବର୍ଣ୍ଣନାଧର୍ମୀ କବିତା ଭାବେ ଚିତ୍ରଣ କରିଥିଲେ । ଏହି ଅବସରରେ ବହୁ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ କବି ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ ।

## ବିଧାନସଭାର ଶୀତକାଳୀନ ଅଧିବେଶନ ପୂର୍ବରୁ ଆସନ୍ତା କାଲି ବସିବ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ବିଧାନସଭାର ଶୀତକାଳୀନ ଅଧିବେଶନ ଆଗାମୀ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାକୁ ସୁଚାରୁ ରୂପେ ଚଳାଇବାକୁ ସୋମବାର ଦିନ ସର୍ବଦଳୀୟ ବୈଠକ ବସିବ । ବାଚସ୍ପତି ଏହି ବୈଠକରେ ଅଧକ୍ଷତା କରିବେ । ଉଲ୍ଲେଖନୀୟ ଯେ, ଆଗାମୀ ନଭେମ୍ବର ୨୪ରୁ ଡିସେମ୍ବର ୩୧ତାରିଖ ଯାଏ ଏହି ବିଧାନସଭା ଅଧିବେଶନ ଚାଲିବ । ଅଧିବେଶନକୁ ସୁରୁଖୁରରେ ଚଳାଇବା ନେଇ ସର୍ବଦଳୀୟ ବୈଠକରେ ବାଚସ୍ପତି ସବୁ ଦଳର ସହଯୋଗ ଲୋଡିବେ । ଏଥର ଅଧିବେଶନ କୋଭିଡ କଟକଣା ଭିତରେ ହେବ ନା ନିୟମର କିଛି ପରିବର୍ତନ କରାଯିବ ତାହା ଉପରେ ମଧ ବୈଠକରେ ଆଲୋଚନା କରାଯିବ ।

# ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ଆନ୍ଦୋଳନ ପାଇଁ ରଣ ହୁଙ୍କାର



ଭଦ୍ରକ,୨୦/୧୧ (ନି.ପ୍ର): ଆଜି ଓଷ୍ଟା ପକ୍ଷରୁ ଏକ ବୈଠକ କରାଯାଇ ସରାକରଙ୍କ ବିରୁଦ୍ଧରେ ଏକ ଗଣ ଆନ୍ଦୋଳନ କରାଯିବାକୁ ଆହ୍ୱାନ ଦିଆ ଯାଇଛି । ଓଷ୍ଟା ଜିଲ୍ଲା ସଭାପତି ରମାକାନ୍ତ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାର ନୂତନ ଅନୁଦାନପ୍ରାପ୍ତ ସ୍କୁଲକୁ ସପ୍ତମ ବେତନ ପ୍ରଦାନ ପାଇଁ କ୍ୟାବିନେଟ ମଞ୍ଜୁର କରି ବିଜ୍ଞପ୍ତି ପ୍ରକାଶ କରିଥିଲେ, ପ୍ରକାଶିତ ବିଜ୍ଞପ୍ତି ତ୍ରୁଟିଯୁକ୍ତ ଓ ଶିକ୍ଷକ କର୍ମଚାରୀ ସ୍ୱାର୍ଥ ବିରୋଧୀ ହୋଇଥିବାରୁ ରାଜ୍ୟ ଓଷ୍ଟା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ପ୍ରତିବାଦ କରିବା ଫଳରେ ଏହାର ସଂଶୋଧନ ପାଇଁ ସରକାରଙ୍କ ମଧରେ ଏକ ବୁଝାମଣା ହୋଇଥିଲା । ଉକ୍ତ ବୁଝାମଣାର ନିଷ୍ପତ୍ତିକୁ ରାଜ୍ୟ ସରକାର ୧୧ମାସ ମଧରେ କାର୍ଯ୍ୟକାରୀ ନକରିବାରୁ ରାଜ୍ୟରେ କାର୍ଯ୍ୟରତ ଶିକ୍ଷକ ଓ କର୍ମଚାରୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ବୋଲି ପ୍ରକାଶ କରାଯାଇଛି । ଏହି ସମସ୍ୟାର ସମାଧାନ ନ ହେଲେ ଓଷ୍ଟା ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘର ରାଜ୍ୟ ଓ ଜିଲ୍ଲା ନେତୃତ୍ୱ ଚେତାବନୀ ଦେଇଛନ୍ତି । ରାଜ୍ୟରେ ୨ ଲକ୍ଷ ୮୦ ହଜାର ଠିକା କର୍ମଚାରୀମାନଙ୍କ ମଧରୁ ୫୭ ହଜାର କର୍ମଚାରୀଙ୍କ ଏହା ଉଦ୍ଦିଷ୍ଟ ଥିଲା । ମାଧମିକ ସ୍କୁଲରେ ପ୍ରାୟ ୩୨ ହଜାରରୁ ଉର୍ଦ୍ଧ୍ୱ ଚୁକ୍ତି ଭିତ୍ତିକ ଶିକ୍ଷକ ମାନଙ୍କ ମଧରୁ ୧୪ ହଜାର ଶିକ୍ଷକ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା ସ୍ଥଳେ ଅବଶିଷ୍ଟ ବରିଷ୍ଠ ଶିକ୍ଷକ ଏଥିରୁ ବଂଚିତ ହୋଇଛନ୍ତି । ଆହୁରି ବିଡ଼ମ୍ବନାର କଥା ଯେ, ରାଜ୍ୟରେ ୩୦ ବର୍ଷ ଧରି ଅବୈତନିକ ଭାବରେ କାର୍ଯ୍ୟ କରି ଆସୁଥିବା ତଥା ୨୦୧୩ ମସିହା ବିଜ୍ଞପ୍ତିରୁ ବାଦ ପଡ଼ିଥିବା ୧୯୪ ଓ ଅଦ୍ୟାବଧି ଯୋଗ୍ୟ ବିବେଚିତ ମାଧମିକ ବିଦ୍ୟାଳୟକୁ ସରକାର ଅତି ନିର୍ଦ୍ଦୟ ଭାବରେ କାର୍ଯ୍ୟ କରି ଆୁଥିବା ତଥା ୨୦୧୩ ମସିହା ବିଜ୍ଞପ୍ତିରୁ ବାଦ୍ ପଡ଼ିଥିବା ୧୯୪ ଓ ଅଦ୍ୟାବଧି ଯୋଗ୍ୟ ବିବେଚିତ ମାଧମିକ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରୁ ନାହାନ୍ତି । ସରକାର ଅନୁଦାନ ପାପ୍ତ ବିଦ୍ୟାଳୟମାନଙ୍କରେ ସୃଷ୍ଟି ହୋଇଥିବା ସମସ୍ୟାକୁ ସମାଧାନ କରିବା ସହିତ ତୁରନ୍ତ ସପ୍ତମ ବେତନ ମୋଡାଲିକ୍‌ରେ ଥିବା ଅସଂଗତିକୁ ସଂଶୋଧନ କରି ବିଜ୍ଞପ୍ତି ପ୍ରକାଶ ନ କେଲେ ବାଧ ହୋଇ ଆସନ୍ତା ଡିସେମ୍ବର ୧ରୁ ୫ ତାରିଖ ବିଇଓ ଅଫିସ ଆଗରେ ବିକ୍ଷୋଭ ଏବଂ ୭ ତାରିଖରେ ଜିଲ୍ଲାପାଳ ଓ ଡିଇଓ ଅଫିସ ଆଗରେ ବିକ୍ଷୋଭ କରାଯିବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ସେହିପରି ଡିସେମ୍ବର ୧୭ ତାରିଖରେ ରାଜ୍ୟସ୍ତରୀୟ ସମାବେଶ ହେବ ବୋଲି ଓଷ୍ଟାର ରାଜ୍ୟ ସଂଗଠନ ସମ୍ପାଦକ ସୁରଜିତା ନାୟକ, ରାଜ୍ୟ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାଶ, ରାଜ୍ୟ କର୍ମଚାରୀ ସଭ୍ୟ ଅକ୍ଷୟ ହୋତା, ଜିଲ୍ଲଶ ସମ୍ପାଦକ ପ୍ରଦିପ୍ତ ଦାସ, ବୈକୁଣ୍ଠ ବିଶ୍ୱାଳ, ସୁବଳ ପତ୍ରୀ, ହେମନ୍ତ ସୂତାର, ଶଶିଶେଖର କରଶର୍ମା, ପ୍ରଭାତ ପାଣିଗ୍ରାହୀ, ଅରୁଣ ଶତପଥି, ଅନିଲ ମିଶ୍ର, ବସନ୍ତ ବିଶ୍ୱାଳ ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

# ବିକଳାଙ୍ଗ ନାବାଳିକା ଝିଅର ବ୍ୟାଙ୍କ ଖାତା ଖୋଲିବା ପାଇଁ ଗରିବ ଦମ୍ପତି ହନ୍ତସନ୍ତ



ବାଲିଆପାଳ,୨୦/୧୧ (ନି.ପ୍ର): ସରକାର ମହିଳା ସଶକ୍ତିକରଣ, ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ନାମରେ ବିଭିନ୍ନ ଯୋଜନା କରିଥିଲେ ମଧ ବାସ୍ତବରେ ତୃଣ ସ୍ତରରେ ଏହାର କାଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ମହାବାଳା ଗ୍ରାମରେ । ତାରାଶଙ୍କର ଭୂୟାଁ ଏକ ଦିନମଜୁରିଆ ହୋଇଥିଲା ବେଳେ ତାଙ୍କର ସ୍ତ୍ରୀ ମଙ୍ଗଳି ଭୂୟାଁ ଏକ ଗୃହିଣୀ ଅଟନ୍ତି । ତାଙ୍କର ଏକ ମାତ୍ର ସାତ ବର୍ଷର ବିକଳାଙ୍ଗ ଝିଅ ରୁପାଲି ଭୂୟାଁ ଯିଏକି ଆଜି ପର୍ଯ୍ୟନ୍ତ ନାଁ କଥା ହୋଇପାରୁଛି ନାଁ ଆଜି ପର୍ଯ୍ୟନ୍ତ ଚାଲି ପାରୁଛି । ବିଛଣାରେ ସଦାବେଳେ ପଡିରହିଛି । ରୁପାଲି ୮୦ପ୍ରତିଶତ ଶାରୀରିକ ବିକଳାଙ୍ଗ ଥିବାରୁ ସରକାରଙ୍କ ତରଫରୁ ଭିନ୍ନକ୍ଷମ ପ୍ରମାଣ ପତ୍ର ମଧ ଯୋଗାଇ ଦିଆଯାଇଛି । ମାତ୍ର ଆଜି ପର୍ଯ୍ୟନ୍ତ ସେ ସରକାରଙ୍କ ତରଫରୁ ବିକଳାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ । ବାରମ୍ବାର ପଞ୍ଚାୟତ ଅଫିସ ଏବଂ ବ୍ଲକ ଅଫିସ ଦୌଡ଼ି ଦୌଡ଼ି ନିରାଶ ହୋଇଗଲେଣି । ଅନଲାଇନରେ ଝିଅର ଭତ୍ତା ଆବେଦନ ପାଇଁ ବ୍ୟାଙ୍କ ଖାତା ଜରୁରୀ ଥିବାରୁ ମାଆ ଏବଂ ଝିଅର ଯୁଗ୍ମ ବ୍ୟାଙ୍କ ଖାତା ଖୋଲିବା ପାଇଁ ତାରାଶଙ୍କର ଏବଂ ତାଙ୍କ ସ୍ତ୍ରୀ ପାଖ ୟୁକୋ ବ୍ୟାଙ୍କ, ଲଙ୍ଗଳେଶ୍ୱର ଶାଖା ପରିଚାଳକଙ୍କୁ ଭେଟିଥିଲେ । ମାତ୍ର ଅଫିସରେ ଥିବା କର୍ମଚାରୀ ଏହି ଦମ୍ପତିକୁ ସହଯୋଗ କରିନଥିଲେ । ଶେଷରେ ସେ ଶାଖା ପରିଚାଳକଙ୍କୁ ଭେଟିଥିଲେ ଏବଂ ଝିଅର ଭତ୍ତା ଆବେଦନ ପାଇଁ ଏକ ଯୁଗ୍ମ ବ୍ୟାଙ୍କ ଖାତା ଖୋଲିବା ପାଇଁ ନିବେଦନ କରିଥିଲେ । ମାଆ ଏବଂ ଝିଅର ଆଧାର କାର୍ଡ, ଝିଅର ଭିନ୍ନକ୍ଷମ ପ୍ରମାଣ ପତ୍ର, ରାସନ କାର୍ଡ ଏବଂ ଫୋଟୋ ଥିବା ସତ୍ତ୍ୱେ ଶାଖା ପରିଚାଳକ କୋର୍ଟରୁ ନିର୍ଦ୍ଦେଶ ଆଣିବା ପାଇଁ କହିଥିଲେ । ତେଣୁ ଏହି ଦମ୍ପତି ପୁଣି ବାଲିଆପାଳ ତହସିଲଦାରଙ୍କୁ ଭେଟି ଝିଅର ଭତ୍ତା ଆବେଦନ ନିମନ୍ତେ ଆବଶ୍ୟକ ଥିବା ଯୁଗ୍ମ ବ୍ୟାଙ୍କ ଖାତା ଖୋଲିବା ପାଇଁ ତାଙ୍କ ସମ୍ମୁଖରେ ଏକ ମାଜିଷ୍ଟ୍ରେଟ ଆଫିଡେଭିଟ କରି ପୁଣି ୟୁକୋ ବ୍ୟାଙ୍କ, ଲଙ୍ଗଳେଶ୍ୱର ଶାଖା ପରିଚାଳକକୁ ସମସ୍ତ ଆବଶ୍ୟକ କାଗଜ ପତ୍ର ସହିତ ମାଜିଷ୍ଟ୍ରେଟ ଆଫିଡେଭିଟ କପିର ନକଲ ଦେଇଥିଲେ । ମାତ୍ର ଶାଖା ପରିଚାଳକ କାଗଜ ପତ୍ର ଗ୍ରହଣ ନକରି ପୁଣି କୋର୍ଟ ଅର୍ଡ଼ର ଆଣିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ବ୍ୟାଙ୍କ ଖାତାଟିଏ ଖୋଲିବା ବାରମ୍ବାର ଏ ଅଫିସରୁ ସେ ଅଫିସ, ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କ ଏବଂ ପାଖରେ ଥିବା ବିଭିନ୍ନ ସେବା କେନ୍ଦ୍ରରୁ ଏହି ଗରିବ ଦମ୍ପତି ଦୌଡ଼ି ଦୌଡ଼ି ନିରାଶ ହୋଇଥିଲେ । ଶେଷରେ ସ୍ୱେଚ୍ଛାସେବୀ ରାଜକିଶୋର ପାତ୍ର ଏହି ଗରିବ ଦମ୍ପତିକୁ ଭେଟି ସମସ୍ତ ଆବଶ୍ୟକ କାଗକ ପତ୍ର ସହିତ ଦମ୍ପତିକୁ ବସ୍ତା କୋର୍ଟକୁ ଆଣିବା, କୋର୍ଟରେ ସମସ୍ତ କାଗଜ ପତ୍ର ସମ୍ବନ୍ଧୀୟ କାର୍ଯ୍ୟରେ ସହଯୋଗ କରି କୋର୍ଟରେ ମାଗଣା ଆଇନ ସେବା ପାଇଁ ସହାୟତା କରିଥିଲେ । ସରକାର ସାଧାରଣ ଲୋକଙ୍କୁ ବ୍ୟାଙ୍କ ସୁବିଧା ନିଜ ପଞ୍ଚାୟତରେ ଯୋଗାଇବା ପାଇଁ ମାଳ ମାଳ ଗ୍ରାହକ ସେବା କେନ୍ଦ୍ର ଖୋଲୁଥିବା ବେଳେ ଅଶିକ୍ଷିତ, ଗରିବ ଦମ୍ପତି ଏବଂ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ କିପରି ବ୍ୟାଙ୍କ କର୍ମଚାରୀ ଏବଂ ଗ୍ରାହକ ସେବା ଅଧିକାରୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଭଂଜପୁର ଜଗଦ୍ଧାତ୍ରୀ ମେଳା ଉଦ୍‌ଯାପିତ



ବାରିପଦା,୨୦/୧୧ (ନି.ପ୍ର): ଭଂଜପୁର ଜଗଦ୍ଧାତ୍ରୀ ମେଳା ପଡିଆରେ ଜଗଦ୍ଧାତ୍ରୀ ମା ଙ୍କ ୭୦ ତମ ପୂଜା ଅବସରରେ ଆୟୋଜିତ ୨୮ ତମ ମେଳା ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ ସାହିତ୍ୟ, ଭାଷା ଓ ସଂସ୍କୃତି, ତଥା ଅବକାରୀ, ପର୍ଯ୍ୟଟନ ଅଶ୍ୱନୀ କୁମାର ପାତ୍ର ପୁରସ୍କାର ବିତରଣ କରିବା ସହ ଏହି ମେଳାକୁ ସରକାରୀ ପ୍ରୋତ୍ସାହନ ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ରଖିବେ ବୋଲି ପ୍ରତିଶୃତି ଦେଇଥିଲେ । ସ୍ୱତନ୍ତ୍ର ଅଥିତି ଭାବେ ଯୋଗ ଦେଇ ଇଂ. ଅଶୋକ କୁମାର ବସା କଳା ସଂକୃତି କ୍ଷେତ୍ରରେ ମୟୁରଭଂଜ ଯେତିକି ଆଗୁଆ ଏକଦା ଯାନ୍ତ୍ରିକ ଜ୍ଞାନ କୌଶଳରେ ମଧ ଏହିମ ଜିଲ୍ଲା ସମଗ୍ର ଓଡିଶାରେ ଅଗ୍ରଣୀ ଜିଲ୍ଲା ଥିଲା ବୋଲି କହିଥିଲେ ଓ କାର୍ଯ୍ୟକାରୀ କମିଟି ଅଧକ୍ଷ ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ, ମାନ୍ୟବର ବାଙ୍ଗିରିପୋଷି ବିଧାୟକ ତଥା ପୂଜା କମିଟି ଅଧକ୍ଷ ସୁଦାମ ମାରାଣ୍ଡି, ପୂର୍ବତନ ଉପ ବାଚସ୍ପତି ଓ ମେଳା କମିଟିର ଅଧକ୍ଷ ସାନନ୍ଦ ମାରାଣ୍ଡି, ପୂଜା ଅଧକ୍ଷ ଜ୍ଞାନେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହ ମେଳାକୁ ସଫଳ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶ୍ରେଷ୍ଠ ନୃତ୍ୟ ଦଳ, ଷ୍ଟଲ, ସାଂସ୍କୃତିକ ଦଳକୁ ପୁରସ୍କୃତ କରାଯିବା ସହ ବିଭିନ୍ନ ବିଭାଗକୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ୧୨ ଦିନ ଧରି ଅନୁଷ୍ଠିତ ମେଳାରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୨୦ ଟି ଷ୍ଟଲ ଲାଗିଥିବା ବେଳେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଆଜିର ଅତିଥି, ଆପଣଙ୍କ ଚିଠି, ପ୍ରଶ୍ନ ଉତ୍ତର ଟା ଓ ଚର୍ଚ୍ଚା ବେଶ ଲୋକପ୍ରିୟତା ହାସଲ କରିପାରିଛି ଓ ଏହି ଅବସରରେ ପ୍ରବୀଣ ଇଂଜିନିୟର ଅଶୋକ କୁମାର ବସା ଏବଂ ଅନ୍ତର୍ଜାତୀୟ ରଗବି ଖେଳାଳି ଡୁମୁନୀ ମାରାଣ୍ଡିଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୋମନାଥ ସିଂହ ଓ ମୂର୍ଚ୍ଛନା ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୫୩ତମ ଆଇଏଫଏଫଆଇରେ 'ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏବଂ ଚଳଚ୍ଚିତ୍ର' ସମ୍ପର୍କିତ ମଲ୍ଟିମିଡିଆ ପ୍ରଦର୍ଶନୀକୁ ଉଦ୍ଘାଟନ କରିବେ ମନ୍ତ୍ରୀ ଅନୁରାଗ ସିଂ ଠାକୁର



ଭୁବନେଶ୍ୱର, ୨୦/୧୧ (ନି.ପ୍ର): ଆପଣ ଆଜାଦ୍ ହିନ୍ଦ ଫୌଜ ସହିତ ପଦଯାତ୍ରା କରିବାକୁ ଚାହୁଁଛନ୍ତି କି, ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସେହି ଗୌରବମୟ ଦିନକୁ ମନେ ପକାଇବାକୁ ଚାହୁଁଛନ୍ତି ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବାକୁ ଚାହୁଁଛନ୍ତି କି ? ତେବେ ପରିଦର୍ଶନ କରନ୍ତୁ 'ଇଣ୍ଡିଆନ୍ ଫ୍ରିଡମ୍ ମୁଭମେଣ୍ଟ ଆଣ୍ଡ ସିନେମା' ର ଅଲ୍ଟ୍ରା ଡିଜିଟାଲ୍ ପ୍ରଦର୍ଶନୀ ଯାହାକି ଉନ୍ନତ ବାସ୍ତବତା ପରି ଭର୍ଚୁଆଲ୍ ଅନୁଭବ ପ୍ରଦାନ କରିଥାଏ, ଯେଉଁଠାରେ ପରିଦର୍ଶକମାନେ ଆଜାଦ୍ ହିନ୍ଦ ଫୌଜ୍ ସହିତ ଭର୍ଚୁଆଲ୍ ଭାବରେ ପଦଯାତ୍ରା କରିପାରିବେ । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ଅନୁରାଗ ସିଂ ଠାକୁର ଏହି ପ୍ରଦର୍ଶନୀକୁ ଉଦ୍ଘାଟନ କରିବେ । ଆସନ୍ତାକାଲି ୫୩ତମ ଇଣ୍ଟରନାସନାଲ୍ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ଇଣ୍ଡିଆ (ଆଇଏଫଏଫଆଇ) ପରିସରରେ ଅନୁଷ୍ଠିତ ହେବ । 'ଆଜାଦୀ କା ଅମୃତ ମହୋତ୍ସବ' କୁ ସ୍ମରଣୀୟ କରିବା ପାଇଁ ଏହି ପ୍ରଦର୍ଶନୀ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ପକ୍ଷରୁ ଗୋଆର ପଞ୍ଜିମଠାରେ ୨୧-୨୫ ନଭେମ୍ବର ୨୦୨୨ ପର୍ଯ୍ୟନ୍ତ ଆୟୋଜିତ କରାଯାଇଛି । ଏହି ପ୍ରଦର୍ଶନୀରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିରଳ ଫୁଟେଜକୁ ପ୍ରଦର୍ଶିତ କରାଯିବ ଯଦ୍ୱାରା ସର୍ବସାଧାରଣ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଅବଦାନ ବିଷୟରେ ଜାଣିପାରିବେ ଓ ଯୁବପିଢ଼ିମାନେ ଏହା ଦ୍ୱାରା ଅନୁପ୍ରାଣିତ ହୋଇପାରିବେ । ଏହି ପ୍ରଦର୍ଶନୀରେ ଏକ ଫ୍ଲିପ୍ ବୁକ୍ ଓ ପ୍ୟାନେଲ୍ ମାଧମରେ ସ୍ୱାଧୀନତା ସଂଗ୍ରାମର ଯାତ୍ରାକୁ ବର୍ଣ୍ଣନା କରାଯାଇଛି । ଏହା ସହିତ ଏହି ଫିଲ୍ମରେ ସ୍ୱାଧୀନତା ସଂଗ୍ରାମର ନାୟକ ମାନଙ୍କୁ ପ୍ରଦର୍ଶିତ କରାଯାଇଛି । ସ୍ୱାଧୀନତା ସଂଗ୍ରାମୀମାନଙ୍କର ପ୍ରେରଣାଦାୟକ ଭାଷଣର ଅଡିଓ ତଥା ଗୀତ ଦର୍ଶାଯାଇଛି ଯାହାକି ଆନ୍ଦୋଳନର ସ୍ୱର ହୋଇଥିବା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସ୍ମରଣୀୟ ଆଲୋଚନାକୁ ମଧ ଏହି ପ୍ରଦର୍ଶନୀରେ ସାମିଲ୍ କରାଯାଇଛି । ସେହିପରି ଏକ ଥିଏଟର ରୁମକୁ ନିର୍ମାଣ କରାଯାଇଛି ଯେଉଁଠାରେ ଜଣେ ବ୍ୟକ୍ତି ୧୮୫୭ ର ପ୍ରଥମ ସ୍ୱାଧୀନତା ସଂଗ୍ରାମର ୩୬୦ ଡିଗ୍ରୀ ଅନୁଭବ ପାଇପାରିବେ । ସେହିପରି, ପରମ ବୀର ଚକ୍ର ପୁରସ୍କାର ବିଜେତାଙ୍କ ନିମନ୍ତେ ପ୍ରସ୍ତୁତ ଏକ ଫିଲ୍ମକୁ ପ୍ରଦର୍ଶନୀରେ ସାମିଲ୍ କରାଯାଇଥିଲା ଯଦ୍ୱାରା ଯୁବ ପିଢ଼ିମାନେ ଅନୁପ୍ରାଣିତ ହୋଇପାରିବେ । ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ଅନେକ ଭାରତୀୟ ସିନେମା ଏଥିରେ ପ୍ରଦର୍ଶିତ କରାଯାଇଛି । ଏହା ସହିତ ଜାଲିଆନାୱାଲା ବାଗ୍ ସମ୍ପର୍କିତ ଏକ ପୃଥକ କ୍ରିଏଟିଭ୍ ପ୍ରଦର୍ଶିତ କରାଯାଇଛି । 'ଆଜାଦି କ୍ୱେଷ୍ଟ' ଗେମର ଏକ ସେକ୍ସନ ରହିଛି ଯେଉଁଠାରେ ପରିଦର୍ଶକମାନେ ଗେମ ଖେଳିପାରିବେ ଓ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ସେମାନଙ୍କର ଜ୍ଞାନକୁ ବୃଦ୍ଧି କରିପାରିବେ । ଡିସକଭରି ଚ୍ୟାନେଲ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ମୁଭି ଜର୍ଣ୍ଣି ଅଫ୍ ଇଣ୍ଡିଆ ଓ ନେଟ୍ଫ୍ଲିକ୍ସର ଆନିମେସନ ସିରିଜ୍ ଓ ଡିଡି ଦ୍ୱାରା ନିକଟରେ ପ୍ରସ୍ତୁତ ହେଇଥିବା ସିରିଜ୍ କୁ ମଧ ଏଠାରେ ପ୍ରଦର୍ଶିତ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା କିଡ୍‌ନୀ....

ମତ ଦେଇଥିଲେ ଯେ ଉକ୍ତ ଔଷଧକୁ ମଧ ନେଫ୍ରୋଲୋଜି, ରେମାଟୋଲୋଜି ଏବଂ ଡର୍ମାଟୋଲୋଜି ଆଦି ବିଭାଗରେ ରୋଗୀମାନଙ୍କୁ ଦିଆଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ରୋଗୀଙ୍କଠାରେ କିଛି ପାଶ୍ୱର୍ପ୍ରତିକ୍ରିୟା ହୋଇନାହିଁ । ଔଷଧର ଗୁଣାତ୍ମକ ମାନ ବିଷୟରେ ଅଭିଯୋଗ କରୁଥିବା ରୋଗୀ ଓ ପରିବାରସ୍ୱଜନଙ୍କ ସହ ଏକାଧିକ ଥର ଆଲୋଚନା କରାଯାଇଛି । ବରିଷ୍ଠ ଡାକ୍ତର ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ମଧ ସେମାନଙ୍କୁ ନିରାମୟ ଔଷଧର ଗୁଣାତ୍ମକ ମାନ ବିଷୟରେ ଭରସା ଦେଇଛନ୍ତି । ଏସବୁ ସତ୍ତ୍ୱେ କତିପୟ ରୋଗୀ ଅଯଥାରେ ଭିତ୍ତିହୀନ ଅଭିଯୋଗମାନ କରୁଛନ୍ତି । ଏହା ପଛରେ କିଛି ମୁନାଫାଖୋର ଘରୋଇ ଔଷଧ ବ୍ରାଣ୍ଡ ବିତରକଙ୍କ ଗୁପ୍ତହାତ ରହିଥିବାର ସଙ୍କେତ ମିଳିଥିଲା । ଏହି ଉଚ୍ଚସ୍ତରୀୟ କମିଟି ସ୍ପଷ୍ଟ କରିଥିଲେ ଯେ ରୋଗୀଙ୍କର ବ୍ୟକ୍ତିଗତ ପସନ୍ଦ ଅନୁସାରେ ବିଭିନ୍ନ ବ୍ରାଣ୍ଡର ଔଷଧ ରାଜ୍ୟସାରା ଘରୋଇ ଦୋକାନରୁ କିଣି ଯୋଗାଇବା ବାସ୍ତବରେ ସମ୍ଭବ ନୁହେଁ । ଫାର୍ମାକୋ ଭିଜିଲାନ୍ସ କମିଟିର ସଦସ୍ୟ, ବରିଷ୍ଠ ଭେଷଜ ପ୍ରଫେସର, ସ୍ପେଶାଲିଷ୍ଟଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ଆଜି ହେବ ଜହ୍ଲାଦ ପ୍ରେମିକ....

ହତ୍ୟା ପରେ ମେ' ୨୩ରେ ମୁଁ ପୂରା ଫ୍ଲାଟ ଚେକ୍ କରିଥିଲି । ମୋ ପାଖରେ ଥିବା ତାଙ୍କର ସବୁ ଫଟୋ ମୁଁ ଜାଳିଦେଇଥିଲି । ଆମ ଶୋଇବା ଘରେ ୩ଟି ବଡ଼ ଫଟୋ ଲାଗିଥିଲା । ଦୁଇଟି ଫଟୋ ଶ୍ରଦ୍ଧାଙ୍କ ଉତ୍ତରାଖଣ୍ଡ ଯାଇଥିବା ବେଳର ହୋଇଥିବା ବେଳେ ତୃତୀୟଟି ମୋ ସହ ଥିଲା । ଆମେ ମୁମ୍ବାଇରେ ଉଠାଇଥିବା ଫଟୋକୁ ଶ୍ରଦ୍ଧା କାନ୍ଥରେ ଲଗାଇଥିଲେ । ମୁଁ ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ଏହି ୩ଟି ଫଟୋକୁ ଭାଙ୍ଗି ଜାଳି ଦେଇଥିଲି । ଅନ୍ୟପକ୍ଷରେ ଶ୍ରଦ୍ଧା ହତ୍ୟା ମାମଲାର ତଦନ୍ତ କରୁଥିବା ଦିଲ୍ଲୀ ପୁଲିସ ଟିମ୍‌କୁ ଏକ କଟା ମୁଣ୍ଡ ମିଳିଛି । ଅଫତାବ ପୁନାୱାଲା ଗୁରୁଗ୍ରାମର ଯେଉଁ ଘରୋଇ ଆଇଟି କମ୍ପାନିରେ କାମ କରୁଥିଲା, ସେହି ଅଞ୍ଚଳରୁ ପୁଲିସ କଟାମୁଣ୍ଡ ପାଇଛି । ଏହି ମୁଣ୍ଡ ଶ୍ରଦ୍ଧାଙ୍କର ବୋଲି ସନ୍ଦେହ କରାଯାଉଛି । ଏହା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବାରୁ ଏହାକୁ ଫରେନ୍ସିକ ଟେଷ୍ଟ୍ ପାଇଁ ପଠାଯାଇଛି । ତଦନ୍ତକାରୀ ଅଧିକାରୀଙ୍କୁ ଅଫ୍‌ତାବ କହିଥିଲା ଯେ ଅଫିସ ଯିବା ବାଟରେ ସେ ଶ୍ରଦ୍ଧାଙ୍କ ଶରୀରର କିଛି ଅଂଶ ଫୋପାଡ଼ି ଦେଇଥିଲା ।

### କିଏ ଲୁଚାଇଥିଲା ଅର୍ଚ୍ଚନାଙ୍କ ଏଣ୍ଡେଭର....

ଏକ ଏଣ୍ଡେଭର କାର ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଖବର ପ୍ରଥମେ ଦେଖାଇଥିଲା କନକ ନ୍ୟୁଜ ଟିମ୍ । ମଂଚେଶ୍ୱର ରୟାଲ କଲେଜ ନିକଟରେ ପରିତ୍ୟକ୍ତ ଅବସ୍ଥାରେ ଏଣ୍ଡେଭର କାର ଥିବା ଖବର ପାଇ କନକ ନ୍ୟୁଜ ଟିମ ଘଟଣାସ୍ଥଳରୁ ସିଧା ପ୍ରସାରଣ କରିଥିଲା । ସ୍ଥାନୀୟ ଲୋକଙ୍କ କହିବା କଥା ଶୁକ୍ରବାରଠାରୁ ଏଣ୍ଡେଭରଟି ସେଠାରେ ଛିଡ଼ା ହୋଇଥିଲା । କେହି ଜଣେ ବ୍ୟକ୍ତି ଅନ୍ଧାରରେ କାରକୁ ପାର୍କ କରି ପଳାଇଥିଲେ । ନିଛାଟିଆ ସ୍ଥାନରେ କାରଟି କାହିଁକି କିଏ ଛାଡି ଦେଇଛି, ଗାଡିର ନଂବର ନଥିବାରୁ ଲୋକଙ୍କ ସନ୍ଦେହ ବଢିଥିଲା । ଅନ୍ୟପଟେ ବ୍ଲାକମେଲିଂ କୁଇନ ଅର୍ଚ୍ଚନା ନାଗଙ୍କ ଏଣ୍ଡେଭର କାରକୁ ଇଡି ଖୋଜୁଥିବା ନେଇ ଦୁଇ ଦିନ ହେଲା ଗଣମାଧମରେ ଖବର ପ୍ରକାଶ ପାଉଛି । ତେଣୁ ଲୋକଙ୍କ ସନ୍ଦେହ ସ୍ୱାଭାବିକ ଭାବେ ଅର୍ଚ୍ଚନା କାର ଆଡକୁ ଯାଇଥିଲା ।

### ଜମୁଛି ପଦ୍ମପୁର ପ୍ରଚାର....

ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୫୭, ୪୭୪ ଥିବା ବେଳେ ଆଦିବାସୀଙ୍କ ସଂଖ୍ୟା ୬୬ ହଜାର ୯୪୩ । ଯେଉଁ ସଂଖ୍ୟା ଭୋଟ ରାଜନୀତିକୁ ଓଲଟପାଲଟ କରିବାରେ ହୁଏତ ସକ୍ଷମ । ଏସବୁ ଭିତରେ ବର୍ଷା ସିଂ ବରିହା ନିଜେ ବିଂଝାଲ ସଂପ୍ରଦାୟରୁ ଆସୁଥିବାରୁ ଆଦିବାସୀଙ୍କ ଭୋଟର କାହା ଆଡକୁ ଢ଼ଳିବେ ତାହା ଗୁରୁତ୍ୱପୂର୍ଣ୍ଣ । ଏପଟେ କିନ୍ତୁ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ କହିଛନ୍ତି- ଆଦିବାସୀ ଭୋଟର୍ ବିଜେପି ସହିତ ଅଛନ୍ତି । ତେଣୁ ଟ୍ରାଇବାଲ ଭୋଟ୍ ବିଜେପିକୁ ଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ବିଜେଡି କିନ୍ତୁ ଠିକ୍ ଓଲଟା କଥା କହିଛନ୍ତି । ଯଦି ଟ୍ରାଇବାଲ ଭୋଟ ତାଙ୍କର ଥିଲା ପଂଚାୟତ ନିର୍ବାଚନରେ ହାରିଲେ କେମିତି ? ବିଜେଡି ଓ ବିଜେପିର ଏହି ବୟାନବାଜି ଭିତରେ ଦେଖିବାର କଥା ଆଦିବାସୀ ଭୋଟର ବାଛୁଛନ୍ତି କାହାକୁ ? ଏବଂ ନିର୍ବାଚନ ଫଳାଫଳ କାହା ସପକ୍ଷରେ ଯାଉଛି ।

# ସ୍ପ୍ରିନିକ୍ସ୍ ଇଞ୍ଜିନିୟରିଙ୍ଗ୍ କଲେଜ ପରିସରରେ ରାଜ୍ୟ ସ୍ତରୀୟ ବଲ୍ ବେଡ୍‌ମିଣ୍ଟନ ଚମ୍ପିୟାନସିପ ଉଦ୍‌ଯାପିତ




ବାଲେଶ୍ୱର, ୨୦/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସ୍ପ୍ରିନିକ୍ସ୍ ଇଞ୍ଜିନିୟରିଙ୍ଗ୍ କଲେଜ ପରିସରରେ ରାଜ୍ୟ ସ୍ତରୀୟ ବଲ୍ ବେଡ୍‌ମିଣ୍ଟନ ଚମ୍ପିୟାନସିପ ସୁଚାରୁ ରୂପେ ସମ୍ପାଦନ ହୋଇଛି । ଏଥିରେ ମୁଖ୍ୟ ଅତିଥି ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ବିଶିଷ୍ଟ କବି ବକ୍ତା ପ୍ରଶାନ୍ତ ଦାସ ଏବଂ ବାଲେଶ୍ୱର ଜିଲ୍ଲାର ବଲ ବେଡବିଟନ ସଂଘର ସଭାପତି ରଞ୍ଜନ କୁମାର ମହାପାତ୍ର ଉପସ୍ଥିତି ରହି ପୁରସ୍କାର ବିତରଣ ଉତ୍ସବ ମହିମା ମଣ୍ଡିତ କରିଥିଲେ ଏହି ଚମ୍ପିୟାନସିପରେ ପୁରୁଷ ବିଭାଗ ବିଜେତା ଭୁବନେଶ୍ୱର ଏବଂ ରୋନର ରାୟଗଡ଼, ଦ୍ୱିତୀୟ ରୋନରସ କଟକ ସ୍ତ୍ରୀ ବିଭାଗର ରୋନର ଜଗତସିଂହ ପୁର କଟକ ଓ ଭୁବେଶ୍ୱର ରୋନର ଥିଲେ । ସ୍ତ୍ରୀ ବିଭାଗରେ ଦିତୀୟ ରୋନର ଝାରସୁଗୁଡା ଟିମକୁ ପୁରସ୍କାର ବିତରଣ କରାଯାଇଥିଲା ଏବଂ ବାଲେଶ୍ୱର ବଲ ବେଡ୍ ବିଟନ ସଂଘର ସଂପାଦକ ସତ୍ୟ ନାରାୟଣ ଦାସ ଏବଂ ଉପସଭାପତି ବିଶ୍ୱଜିତ୍ ମହାପାତ୍ର ଅଂଶ ଗ୍ରହଣ କରିଥିଲେ । ତାହାଛଡା ଜୟେଣ୍ଟ ସେକ୍ରେଟାରୀ ପ୍ରକାଶ କୁମାର ମହାନ୍ତି ଉପସ୍ଥିତ ଥିଲେ ଏପରିକି ହର୍ଷବର୍ଦ୍ଧନ ସିଂ, ସୁରେନ୍ଦ୍ର ସିଂ, ସତ୍ୟବ୍ରତ ପାତ୍ର, ହରପ୍ରିୟା ପତି ସୁଜିତ୍ କୁମାର ବଳ, ପ୍ରଦୀପ ସିଂ, ରଞ୍ଜନ ନାୟକ ପ୍ରମୁଖ ପରିଚାଳନାରେ ସୋହଯୋଗ କରିଥିଲେ ।

# 'ଚାଇଲ୍ଡ ଲାଇନ୍‌ସେ ଦୋସ୍ତି' ସପ୍ତାହ ପାଳିତ




ଭଦ୍ରକ, ୨୦/୧୧ (ନି.ପ୍ର): ସୋସାଇଟି ଫର ଉଇକର କମ୍ୟୁନିଟ୍ ଦ୍ୱାରା ପରିଚାଳିତ ଚାଇଲ୍ଡ ଲାଇନ୍ ଭଦ୍ରକ ତରଫରୁ ଚାଇଲ୍ଡ ଲାଇନ୍‌ସେ ଦୋସ୍ତି ସ୍ତପ୍ତାହ ପାଳିତ ହୋଇଛି । ଏହି ଅବସରରେ ଚାଇଲ୍ଡ ଲାଇନ୍‌ର ନିର୍ଦ୍ଦେଶିକା ସୋଫିଆ ସେକ୍‌ଙ୍କ ନିର୍ଦ୍ଦେଶ କ୍ରମେ ଆସିଆନାର ସଂଯୋଜକ ରିଆଜ ଅହମ୍ମଦଙ୍କ ନେତୃତ୍ୱରେ ଏକ ଟିମ୍ ଜିଲ୍ଲ ପୋଲିସ କାର୍ଯ୍ୟାଳୟ, ଟାଉନ ଥାନା, ପୁରୁଣାବଜାର ଥାନା, ଗ୍ରାମାଂଚଳ ଥାନା ଭ୍ରମଣ କରି ଜିଲ୍ଲା ଅତିରିକ୍ତ ଆରକ୍ଷ ଅଧିକ୍ଷକ ବିଜୟ ରଂଜନ କେରକେଟା, ଡିଏସପି ଏଚଆରପିସି ଶ୍ରୀନିବାସ ମହାନ୍ତି, ଏଚଆରପିସି ଆଇଆଇସି ମନ୍ଦାକୀନି ମହନ୍ତ, ଟାଉନ୍ ଥାନା ଅଧିକାରୀ ଉମାଶଙ୍କର ନାୟକ, ସବ୍‌ଇନ୍‌ସିପେକ୍ଟର ଦେବରାଜ ଜେନା, ଏଏସଆଇ ଆସେସ କୁମାର ଦାସ, ଏଏସଆଇ ରାଜକୁମାର ମୁର୍ମୁ, ପୁରୁଣାବଜାର ଥାନାର ସବ୍‌ଇନ୍‌ସିପେକ୍ଟର ବିରେନ୍ଦ୍ର ରାଉତ, ଏଏସଆଇ ମନୋରଂଜନ ବେହେରା, ଏଏସଆଇ ଅଞ୍ଜନ ବଳ, ଗ୍ରାମାଂଚଳ ଥାନାର ଓଆଇସି ସତିଶ କୁମାର ଗୋଛି, ଏଏସଆଇ ରଂଜନ ମହାନ୍ତି, ମହିଳା ଶିଶୁ ଡେକ୍ସ ଅଧିକାରୀଣୀ ଗୌରୀମଣି ସିଂ, ପ୍ରମୁଖ ଅଧିକାରୀଙ୍କୁ ସାକ୍ଷାତ କରି ଚାଇଲ୍ଡ ଲାଇନର ଦୋସ୍ତି ବେଣ୍ଡ ପିନ୍ଧାଇବା ସଂଗେ ସଂଗେ ଦସ୍ତଖତ ଅଭିଯାନ କରାଯାଇଥିଲା । ଏହି କାର୍ଯକ୍ରମକୁ ଚାଇଲ୍ଡ ଲାଇନ୍‌ର ଟିମ୍ ମେମ୍ବର ରମାକାନ୍ତ ଜେନା, ପ୍ରଦୀପ କୁମାର ପଣ୍ଡା, ସଂଯୁକ୍ତ ମଲ୍ଲିକ, ସାଇନ୍ ଖାଁ, ପ୍ରଶାନ୍ତ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): ରାଜ୍ୟରେ ନୂଆ ରେଳ ଲାଇନ୍ ନେଇ ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଆଜି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି । ଏହି ଚିଠିରେ ସେ ବରଗଡ଼ରୁ ପଦ୍ମପୁର ଦେଇ ନୂଆପଡ଼ାକୁ ରେଳ ଲାଇନ୍ ସହ ଯୋଡ଼ିବା ନେଇ ଉଲ୍ଲେଖ କରିଛନ୍ତି । ଶ୍ରୀମତୀ ସାହୁ କହିଛନ୍ତି ଯେ, ପଦ୍ମପୁରବାସୀଙ୍କ ଠାରୁ ଏକ ସ୍ମାରକପତ୍ର ପାଇଲା ପରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାଖଲ କରିଛି । ପ୍ରକଳ୍ପ ମଂଜୁରୀ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୧୮ ମସିହା ଡିସେମ୍ବର ୧୫ରେ ଏକ ସର୍ବସାଧାରଣ ବୈଠକରେ ଘୋଷଣା କହିଥିଲେ । ପ୍ରସ୍ତାବିତ ପ୍ରକଳ୍ପ ନେଇ ସେହିଦିନ ଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆମ ସରକାର ମଧ ରେଳବାଇକୁ ଅନୁରୋଧ କରିଆସୁଛନ୍ତି । ଶ୍ରୀମତୀ ସାହୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଜମି ଯୋଗାଇବା ପ୍ରତିଶ୍ରୁତି ସହିତ ୩୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ତେଣୁ ରେଳ ମନ୍ତ୍ରାଳୟ ଏହି ପ୍ରକଳ୍ପ ନେଇ ପୁନଃ ବିଚାର କରୁ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୨

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୦/୧୧ (ନି.ପ୍ର): ନୂଆଦିଲ୍ଲୀସ୍ଥିତ ପ୍ରଗତି ମୈଦାନରେ ଆୟୋଜିତ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଆଜି ସପ୍ତମ ଦିବସ । ନଭେମ୍ବର ୧୪ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ବାଣିଜ୍ୟ ମେଳାକୁ ଗତକାଲିଠାରୁ ଦର୍ଶକମାନଙ୍କ ସୁଅ ଛୁଟିଛି । ଗତକାଲିଠାରୁ ସର୍ବସାଧାରଣଙ୍କ ପାଇଁ ଏହି ମେଳା ଖୋଲାଯିବା ପରେ ଓଡ଼ିଶା ପାଭିଲିୟନ୍‌କୁ ହଜାର ହଜାର ଦର୍ଶକଙ୍କ ସୁଅ ଛୁଟିଛି । ପାଭିଲିୟନ୍‌ର ସୁନ୍ଦର ସାଜସଜ୍ଜାରେ ଆକୃଷ୍ଟ ହୋଇ ଦର୍ଶକମାନେ ବହୁସଂଖ୍ୟାରେ ସେଲ୍‌ଫି ନେବା ପରିଲକ୍ଷିତ ହୋଇଥିଲା । ଆଜି ପୂର୍ବାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ପ୍ରଥମେ ଓଡ଼ିଶା ମଣ୍ଡପକୁ ପରିଭ୍ରମଣ କରିବା ପରେ ନିକଟସ୍ଥ ଅନ୍ୟ କେତେକ ରାଜ୍ୟର ମଣ୍ଡପ ବୁଲି ଦେଖିଥିଲେ । ପରେ ପରେ ଉପସ୍ଥିତ ବିଭାଗୀୟ ପଦାଧିକାରୀମାନଙ୍କ ସହିତ ଆଲୋଚନା ସମୟରେ ଓଡ଼ିଶା ମଣ୍ଡପର ସାଜସଜ୍ଜାକୁ ନେଇ ସନ୍ତୋଷ ବ୍ୟକ୍ତ କରିବା ସହିତ ଚଳିତ ବର୍ଷର ଅଭିଜ୍ଞତାକୁ ପାଥେୟ କରି ଆଗାମୀ ବର୍ଷରେ ଏହାଠାରୁ ଉନ୍ନତ ଓ ଉତ୍କୃଷ୍ଟ ମାନର କରିବାକୁ ପରାମର୍ଶ ଦେଇଥିଲେ । ବିଗତ ଦିନମାନଙ୍କରେ ଦର୍ଶକମାନଙ୍କ ଉପସ୍ଥିତି, କ୍ରୟ-ବିକ୍ରୟର ସ୍ଥିତି, ବହୁଳ ପ୍ରଚାରପ୍ରସାର ପାଇଁ ଗଣମାଧ୍ୟମ ଜରିଆରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମେତ ଓଡ଼ିଶା ଦିବସ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ପଚାରି ବୁଝିଥିଲେ । ଅନୁରୂପ ଭାବେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏବଂ ବେସାମରିକ ବିମାନ ଉଡ଼ାଣ ପ୍ରାଧିକରଣର ମହାନିର୍ଦ୍ଦେଶିକା ଶ୍ରୀମତୀ ଉଷା ପାଢ଼ୀ ମଧ ଆଜି ଓଡ଼ିଶା ମଣ୍ଡପର ସମସ୍ତ ଷ୍ଟଲକୁ ବୁଲି ଦେଖିଥିଲେ । ଏହି ଅବସରରେ ସେ ସୂଚନା ଓ ଲୋକସଂପର୍କ ବିଭାଗ ତତ୍ତ୍ୱାବଧାନରେ ହୋଇଥିବା ମଣ୍ଡପ ଡିଜାଇନ ସମେତ ଅନ୍ୟ ସମସ୍ତ ଆନୁଷଙ୍ଗିକ ସାଜସଜ୍ଜା ଓ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ବିଶେଷ କରି, କୋରାପୁଟ କଫି, ହକି ଓ ମିଲେଟ୍‌ର ପ୍ରଚାର-ପ୍ରସାର ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ନେଇ ନିଜର ଖୁସି ବ୍ୟକ୍ତ କରିଥିଲେ । ଓଡ଼ିଶା ମିଲେଟ୍ ମିଶନର ମାସ୍କଟ 'ମିଲି' ସହ ସେଲ୍‌ଫି ନେବା ସହିତ ସମ୍ବଲପୁରୀ ବସ୍ତ୍ରର ପ୍ରଚାରପ୍ରସାର ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ ।

## ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ

ଭୁବନେଶ୍ୱର, ୨୦/୧୧ (ନି.ପ୍ର): କ୍ରାନ୍ତିବୀର ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ଜନନାୟକ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ଭଗବାନ ବିର୍ସା ମୁଣ୍ଡା ଜନଜାତୀୟ ଗୌରବ ଦିବସ ସମାରୋହ ସମିତି ଦ୍ୱାରା ଜନଜାତୀୟ ଗୌରବ ଦିବସ ମଂଚେଶ୍ୱର ସ୍ଥିତ ରେଲୱେ ଖେଳ ପଡିଆରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଭାରତ ସରକାରଙ୍କ ଆଦିବାସୀ ଏବଂ ଜଳଶକ୍ତି ମନ୍ତ୍ରୀ ଶ୍ରୀ ବିଶେଶ୍ୱର ଟୁଡୁ ଉଦବୋଧନ ଦେଇ ଭଗବାନ ବିର୍ସାମୁଣ୍ଡାଙ୍କ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ସାହସ ଏବଂ ବଳିଦାନ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ଏବଂ ଦେଶର ସ୍ୱାଧୀନତାର ସହ ଆଦିବାସୀଙ୍କ ଅଧିକାରର ସୁରକ୍ଷା ଦିଗରେ ତାଙ୍କ ଅବଦାନ ଚିରସ୍ମରଣୀୟ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଭାରତ ସରକାରଙ୍କ ଜନଜାତି କମିଶନର ଅଧ୍ୟକ୍ଷ ଶ୍ରୀ ଅନନ୍ତ ନାୟକ, ଇଷ୍ଟ କୋଷ୍ଟ ରେଲୱେ ମଜଦୁର ୟୁନିଅନର ସାଧାରଣ ସମ୍ପାଦକ ତଥା ରାଜ୍ୟ ହକି ଓଡିଶାର ସଦସ୍ୟ ଶ୍ରୀ ରଂଜନ କୁମାର ଦାସ ପ୍ରମୁଖ ବକ୍ତାମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ ଏବଂ ଆଗାମୀ ଯୁବପିଢି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ମଧ୍ୟ କରିଥିଲେ । ଏହି ପରିପ୍ରେକ୍ଷୀରେ ଜନଜାତି ଯୁବକ ଯୁବତୀମାନଙ୍କୁ ନେଇ ଏକ ଫୁଟବଲ ମ୍ୟାଚ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପ୍ରତିଯୋଗୀତା ଆୟୋଜନ ମଧ୍ୟ କରାଯାଇଥିଲା ।

## ରାଇରଙ୍ଗପୁର କଲେଜରେ ଇଂରାଜୀ ବିଭାଗର ସ୍ୱାଗତ ଉତ୍ସବ




ରାଇରଙ୍ଗପୁର,୨୦/୧୧ (ନି.ପ୍ର): ରାଇରଙ୍ଗପୁର କଲେଜ ଇଂରାଜୀ ବିଭାଗ ତରଫରୁ ଏକ ସ୍ୱାଗତ ଉତ୍ସବ ଲାଙ୍ଗୁଏଜ ଲ୍ୟାବୋରେଟୋରୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଇଂରାଜୀ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ସୁନୀଲ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କଲା ପରେ ସେମିନାର ସଂପାଦକ ଚନ୍ଦନ କୁମାର ମାରାଣ୍ଡି ସ୍ୱାଗତ ଭାଷଣ ଦେଇଥିବା ବେଳେ, ମାୟାମଣୀ ସୋରେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଇଂରାଜୀ ବିଭାଗରେ ନୂତନ ଭାବେ ଯୋଗଦେଇଥିବା ଅଧ୍ୟାପିକା ମାୟାମମତା ମାରାଣ୍ଡିଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ସେହିପରି ପ୍ରଥମ ବର୍ଷର ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରାଯାଇ ଥିବା ବେଳେ, ସେମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟ କ୍ରମରେ ବିଭାଗର ଛାତ୍ରଛାତ୍ରୀ ତଥା ନୂତନ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ । ସୀମା ସର୍ଦ୍ଦାର, ସାବିତ୍ରୀ ମହାନ୍ତ, ସମ୍ବରା ସର୍ଦ୍ଦାର, ଆଶିଷ ମୁର୍ମୁ, କେଦାର ହେମ୍ବ୍ରମ, ଚନ୍ଦ୍ର ଟୁଡୁ ଲଳିତା ମାରାଣ୍ଡି, ସିଙ୍ଗୋ ସୋରେନ, ଦିପ୍ତିମୟୀ ହାଁସଦା, ସୁକନ୍ୟା ଗିରି, ଆଦିତୀ ସିଂହ, ସଂଗୀତା ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ସହସଂପାଦକ ଜୀବନଜୀତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସଫଳତା



ଭଦ୍ରକ,୨୦/୧୧ (ନି.ପ୍ର): ଭଦ୍ରକ ବ୍ଲକ ଅର୍ନ୍ତଗତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର. ଅନ୍ନପାଳର ବ୍ଲକ ସ୍ତରୀୟ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରିକ୍ଷାରେ ଶ୍ରୀମାନ୍ ଶୁଭମ୍ ତ୍ରିପାଠୀ ଏବଂ ସୁବିଜ୍ଞ ଲେଙ୍କା ଦୁଇ ଜଣ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟର ଗୌରବ ଆଣିବା ସହିତ ନିଜର ପ୍ରତିଭାର ସଫଳତା ପ୍ରତିପାଦନ କରିଛନ୍ତି । ସେମାନଙ୍କ ସଫଳତା ପାଇଁ ତାଙ୍କୁ ବିଦ୍ୟାଳୟ ତଥା ଅଭିଭାବକ ତରଫରୁ ମାନପତ୍ର ଓ ଫୁଲତୋଡ଼ା ସହ ସମ୍ବର୍ଦ୍ଧିତ କରାଯାଇଛି । ଶିଶୁ ହସିଲେ ଦୁନିଆ ହସିବ, ପ୍ରତିଭାର ବିକାଶ ପାଇଁ ପ୍ରତ୍ସାହନର ଆବଶ୍ୟକତା ରହିଚି ବୋଲି ଅତିଥିମାନେ ନିଜର ମତବ୍ୟକ୍ତ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ସୁରେନ୍ଦ କୁମାର ପଣ୍ଡାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଶିକ୍ଷକ ଶଶୀକାନ୍ତ ନାୟକ, ପାର୍ବତୀ ଜେନା ପ୍ରଜ୍ଞାପରମିତା ଦାସ, ସୀମାରାଣୀ ମହାନ୍ତି, ରଶ୍ମିତା ପାକଳ, ପ୍ରଭାସିନି ଖୁଲାର, ପ୍ରଜ୍ଞାପରମିତା ପାଣ୍ଡବ, ସଂଗୀତା ନାୟକ, ରୁତୁପର୍ଣ୍ଣା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ମାଧମରେ ପିଲା ମାନଙ୍କୁ ପ୍ରସଂଶା କରିବା ସହିତ ତାଙ୍କର ପିତା ମାତାଙ୍କୁ ଭୂୟସି ପ୍ରସଂଶା କରିଥିଲେ ।

## ୧୫୦ଟି ଜନସେବା କେନ୍ଦ୍ରର ବନ୍ଧୁ ମିଳନ



ବସ୍ତା,୨୦/୧୧ (ନି.ପ୍ର): ସରକାର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଯୋଜନା ଜନସେବା କେନ୍ଦ୍ର ଜରିଆରେ ଲୋକମାନଙ୍କୁ ଡିଜିଟଲ ସେବା ଯୋଗାଇ ଅସୁଥିବା ବେଳେ, ପ୍ରତି ଜନସେବା କେନ୍ଦ୍ରରେ ଭିଏଲଇଙ୍କ ଜରିଆରେ ସେବା ଯୋଗାଇ ଅସୁଛନ୍ତି । ତେବେ ଆଜିର ବନ୍ଧୁ ମିଳନ ଉତ୍ସବରେ ସରୋଜ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇ ଡିଜିଟୋଲ ସେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅରୂପ ମହାପାତ୍ରଙ୍କ ସଭାପତିତରେ ମୁଖ୍ୟ ଅତିଥି ତଥା ରାଜ୍ୟ ଅତିରିକ୍ତ ପ୍ରବନ୍ଧକ ଦୀବାକର ନାୟକ, ଜିଲ୍ଲା ମୁଖ୍ୟ ପରିଚାଳକ ଦେବ ପ୍ରସାଦ ମହାନ୍ତି, ଅରୂପ କୁମାର ମହାପାତ୍ର, ଲକ୍ଷ୍ମୀକାନ୍ତ ପତି, ସାମ୍ବାଦିକ ଦିଲ୍ଲୀପ ଦାସ, ସ୍ଥାନୀୟ ସରପଞ୍ଚ ଅମିତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଜନସେବା କେନ୍ଦ୍ର ର ଉଦ୍ଦେଶ୍ୟ ସଂପର୍କ ରେ ଲୋକମାନଙ୍କୁ ବୁଝାଇ ଥିଲେ । ଏହି ଅବସରରେ କେନ୍ଦ୍ର ଗୁଡିକ ପକ୍ଷ ରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତ କାର୍ଯ୍ୟ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ସମ୍ମାନିତ କରା ଯାଇଥିଲା । ତେବେ ବସ୍ତା ବ୍ଲକ୍ ଜନସେବା କେନ୍ଦ୍ର ଗୁଡ଼ିକର ସୁପରିଚାଳନା ଦାୟିତ୍ୱ ନେଇ ଖୁବ ପ୍ରଶଂସାର ପାତ୍ର ହୋଇଥିଲେ, ମୁକୁଳସି ର ସରୋଜ କୁମାର ପ୍ରଧାନ, ତାଡଦାର ଚିତ୍ତରଞ୍ଜନ ପାତ୍ର, କୁଳିଦାର ଜନ୍ମଜୟ ପରିଡ଼ା, ଜାମଶୂଳୀର ଜଗନ୍ନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

## ଟ୍ରଲୋରକୁ ପଛଟୁ ଧକ୍କା ଦେଲା କଣ୍ଟେନର : ଜଣେ ଗୁରୁତ୍ୱର

ବସ୍ତା,୨୦/୧୧ (ନି.ପ୍ର): ଷାଠିଏ ନଂ ଜାତୀୟ ରାଜପଥ ର ବସ୍ତା ବାଇପାସ ନିକଟରେ ଏକଡାବା ପାର୍ଶ୍ୱ ରାସ୍ତା ରେ ଟ୍ରଲୋର ନଂ NL01k8817 ଠିଆ କରି ଡାବା କୁ ଯାଇଥିଲା ଏହି ସମୟ ରେ ପଛପଟୁ ବାଲେଶ୍ୱର ମୁହାଁ ଯାଉଥିବା କଣ୍ଟେନର ଯାହାର ନଂ TN30BQ4803 ଟ୍ରଲୋରକୁ ଧକ୍କା ଦେଇଥିଲା ଫଳରେ କଣ୍ଟେନର ଡାଇଭର ଗୁରୁତ୍ୱର ଆହତ ହୋଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ ଠିକ ସେହି ସମୟ ରେ ଷାଠିଏ ଜିତୀୟ ରାଜ ପଥର ବ୍ୟବହୃତ ପେଟ୍ରୁଲିଙ୍ଗଭେନ କୁ ଖବର ଦେଇଥିଲେ ।ଘଟଣାଟି ରାତି ବାଆଟା ସମୟ ହେବ । ସଂଗେ ସଂଗେ ଉକ୍ତ ଗାଡି କର୍ମଚାରୀ ଆସି ଆହତ ଡ୍ରାଇଭର କୁ ଉଦ୍ଧାର କରି ନିକଟସ୍ଥ ବସ୍ତା ଡାକ୍ତର ଖାନା କୁ ଆଣିଥିଲେ । ଏଠି ଦେଖନ୍ତିତ । ଡାକ୍ତର ବାବୁ ଶୋଇଛନ୍ତି ତାଙ୍କ ଘରେ କେହିଜଣେ କର୍ମଚିରୀ ଦେଖାନଥିଲେ । ପରେ ଡାକ୍ତର ବାବୁ ଜଣକ ଆସି ରୋଗିକୁ ଦେଖିବା ପଛ କଥା ପୋଲିସ ବାବୁ ଙ୍କ ସହିତ କଥାକଟି ଆରମ୍ଭ କରିଦେଇଥିଲେ । ଏଠି କିଛି ବ୍ୟବସ୍ଥା ନାହିଁ ।ତାଙ୍କୁ ବାଲେଶ୍ୱର ନେଇଯାଓ । ଅତି ପରିତାପର ବିଷୟ ମୃତ୍ୟୁ ସହ ସଂଗ୍ରାମ ବ୍ୟକ୍ତି କୁ ଏକ ସାହାଯ୍ୟ ମନବୃତି ଭାବି ପୋଲିସ କର୍ମଚାରୀ ମାନେ ପ୍ରୟାସ କରୁଥିବା ବେଳେ ବସ୍ତା ଡାକ୍ତର ଖାନାର କର୍ମଚାରୀଙ୍କ ମନବୃତି ସାହାଯ୍ୟ କାରୀଙ୍କ ମନରେ ଆଘାତ ଦେଇଛି ।ଏପରି ଘଟଣା ବହୁବାର କରୁଥିବା ନଜିର ରହିଛି । ସରକାର ବସ୍ତା ଡାକ୍ତର ଖାନାକୁ ରେଫରାଲ ଡାକ୍ତର ଖାନା ରେ ପରିଗଣିତ କରିଥିବା ବେଳେ ଏଠି କିନ୍ତୁ କଥାଟା ଓଲଟା । ରୋଗିମାନଙ୍କୁ ଚିକିତ୍ସା ପାଇଁ ହଜାର ହଜାର ଟଙ୍କା କର୍ମଚାରୀଙ୍କ ପାଇ ଦେଉଥିବା ବେଳେ । ସରକାରୀ ମାଲ ଦରିଆ ମେ ଡାଲ ଦୃଶ୍ୟ ଦେଖିବାକୁ ମିଳୁଛି । ଦେଖାଯାଉ ସରକାରଙ୍କ ଦୃଷ୍ଟି ଏହି ଡାକ୍ତର ଖାନାକେବେ ପଡୁଛି ଦେଖିବାକୁ ବାକିରହିଲା ।

## ଝୋଟି ଚିତା ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ନେଇ ନିଷ୍ପତ୍ତି



ବାଲେଶ୍ୱର, ୨୦/୧୧ (ନି.ପ୍ର): ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ବାଲେଶ୍ୱରର ଆଗାମୀ ତା ୧୫. ୧୨.୨୨ରିଖ ପ୍ରତି ବର୍ଷ ପରି ଏବର୍ଷ ମଧ ଝୋଟି ଚିତା ପ୍ରତିଯୋଗିତା ନୋସୀ ବିଜନେସ ପାର୍କ , ବାମ୍ ପଦା ଠାରେ ଅନୁଷ୍ଠିତ ହେବାର ନିଷ୍ପତ୍ତି ଗ୍ରହଣ କରି ଏକ ପ୍ରସ୍ତୁତି ବୈଠକ୍ ପୂର୍ତ୍ତ ବିଭାଗର ଡାକବଙ୍ଗଳା ଠାରେ ଅପରାହ୍ନ ୪ଘଟିକା ସମୟରେ ଶ୍ରୀମତୀ ଅଞ୍ଜଳି ପଣ୍ଡା ଙ୍କ ସଭାପତିତ୍ୟ ରେ ଅନୁଷ୍ଠିତ ହେଇଥିଲା । ସର୍ବ ପ୍ରଥମେ ସାଧାରଣ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଗତ ବର୍ଷ ର ହିସାବ ଓ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇ ଥିଲେ । କିପରି ଏ ବର୍ଷ ଏହା ଭଲ ଭାବରେ ହୋଇ ପାରିବ ସେଥି ପାଇଁ ସମସ୍ତଙ୍କର ମତାମତ ଦେବାକୁ ଅନୁରୋଧ କରିଥିଲେ । ବାମ ପଦା ପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ମହିଳା ମାନେ କିପରି ଆସି ଏହି କାର୍ଯ୍ୟ କ୍ରମରେ ଅଂଶଗ୍ରଣକରୀ ପାରିବେ ସେଥିପାଇଁ ସଦସ୍ୟା ଓ ସଦସ୍ୟ ମାନେ ଯତ୍ନବାନ ହେବା ପାଇଁ ଅନୁରୋଧ କରିଥିଲେ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ । ପରବର୍ତ୍ତୀ ବୈଠକ ଆସନ୍ତା ଶନିବାର ଦିନ ବସିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଗଲା । ଏହି ବୈଠକରେ ଉପଦେଷ୍ଟା ଶ୍ରୀ କେଶୁ ଦାସ ତାଙ୍କର ସୁଚିନ୍ତିତ ମତାମତ ରଖି ଥିଲେ, ଏହାକୁ ପ୍ରସାର ପ୍ରଚାର କରିବା ପାଇଁ ପ୍ରସ୍ତାବ ରଖିଲେ ।ଉପସ୍ଥିତି ସଦସ୍ୟା ଓ ସଦସ୍ୟ ମାନେ ହେଲେ ଶ୍ରୀମତୀ ଶୈଳବାଳା ବେହେରା , ଜୟଶ୍ରୀ ସାହୁ, ରାଜଲକ୍ଷ୍ମୀ ଚାଟାର୍ଜୀ, ଅପର୍ଣ୍ଣା ପରିଡ଼ା, ସୁନମଣି ଜେନା, ସୁଧାକର ସେଠୀ, ସୁଦର୍ଶନ ଜେନା, ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରି ମତାମତ ରଖି ଥିଲେ । ଶେଷରେ ବିନତି ବାରିକ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ଥିଲେ ।

## ଓଡ଼ିଆ ଭାଷା ଲୋପ ପାଇଯାଉଛି 'ନୂଆପଡ଼ା'ରୁ : ରାମଚନ୍ଦ୍ର ସିଂ



ଉଦଳା,୨୦/୧୧ (ନି.ପ୍ର): ଆମେ ଓଡ଼ିଶା ବାସୀ ଓଡ଼ିଆ ଭାଷାକୁ ନେଇ ଗର୍ବ ଅନୁଭବ କରୁ । ଭାଷା ଭିତିକ ରାଜ୍ୟ ଗଠନରେ ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ । ଏଥିପାଇଁ ଓଡ଼ିଶାର ରହିଛି ଏକ ସ୍ୱତନ୍ତ୍ର ପରିଚୟ । କିନ୍ତୁ ଆଷ୍ଟର୍ଯ୍ୟର କଥା ଓଡ଼ିଶାର ଏକ ଜିଲ୍ଲା "ନୂଆପଡ଼ା" ରୁ ଧିରେ ଧିରେ ଓଡ଼ିଆ ଭାଷା ଲୋପ ପାଇବାକୁ ବସୁଛି ବୋଲି ମୟୂରଭଞ୍ଜର "ଜନଜାଗୃତି ମଂଚ"ର ସଦସ୍ୟ ରାମଚନ୍ଦ୍ର ସିଂ ଗଣମାଧମକୁ ଜଣାଇଛନ୍ତି । ସେ ଆହୁରି ମଧ କହିଛନ୍ତି ନୂଆପଡ଼ା ଜିଲ୍ଲାର ଦୋକାନ ବଜାର ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଲଗାଯାଇଥିବା ନାମ ଓ ସୂଚନା ଫଳକ ଗୁଡ଼ିକୁ ଲକ୍ଷ୍ୟ କଲେ ଦେଖାଯାଏ ଅଧିକାଂଶ ଫଳକ ହିନ୍ଦୀ ଅକ୍ଷରରେ ଲେଖାଯାଇଛି । ସେହିପରି ବିଭିନ୍ନ ଗାଁ ଗହଳକୁ ଗଲେ ଏଠାରେ ଲୋକେ ପରସ୍ପର ଭିତରେ ହିନ୍ଦି ଭାଷାରେ କଥା ବାର୍ତ୍ତା କରୁଥିବାର ପରିଲକ୍ଷିତ ହୁଏ । ମୋଟା ମୋଟି ଭାବରେ ଓଡ଼ିଆ ଭାଷାଭାଷି ଲୋକ ଏଠାକୁ କେହି ଜଣେ ବି ଆସିଲେ ତାକୁ ଲାଗିବ ଏହା ଓଡ଼ିଶା ବାହାରର କୌଣସି ଏକ ଅଂଚଳ ଅଟେ । ଏପରିକି ଏଠାରେ ଅନେକ ଲୋକ ଅଛନ୍ତି ଯେଉଁମାନେ ଆଦୌ ଓଡ଼ିଆ ବୁଝନ୍ତି ନାହିଁ । ଏହାର କାରଣ ସମ୍ପର୍କରେ ପଚାରି ବୁଝିବାରୁ ସ୍ଥାନୀୟ ଲୋକଙ୍କର ମତ ପାଖରେ ଛତିଶଗଡ଼ ରାଜ୍ୟ ଲାଗି କରି ଅଛି । ତେଣୁ ତାର ପ୍ରଭାବ ଏଠାରେ ପରିଲକ୍ଷିତ ହେଉଛି । ମୁଁ କିନ୍ତୁ ଏଥିରେ ସନ୍ତୁଷ୍ଟ ନୁହେଁ ବୋଲି ରାମଚନ୍ଦ୍ର କହିବା ସହିତ ମୟୂରଭଞ୍ଜ ଜିଲ୍ଲାକୁ ଝାଡ଼ଖଣ୍ଡ ଓ ପଶ୍ଚିମ ବଙ୍ଗ ରାଜ୍ୟ ଲାଗି କରି ରହିଛି । ତଥାପି ମୟୂରଭଞ୍ଜରେ ଓଡ଼ିଆ ଭାଷାର ପ୍ରଭାବ ପରିଲକ୍ଷିତ ହେଉଛି କିପରି ? ନୂଆ ପଡ଼ା ଜିଲ୍ଲାରେ କାର୍ଯ୍ୟରତ ଜିଲ୍ଲାପାଳ ଏବଂ ସ୍ଥାନୀୟ ଲୋକପ୍ରତିନିଧି ମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ରାମଚନ୍ଦ୍ର ଅନୁରୋଧ ଜଣାଇଛନ୍ତି ।

## ସୀମା ସୁରକ୍ଷା ଓ ଭୌଗୋଳିକସ୍ଥିତି ଲାଗି ଜଳେଶ୍ୱରକୁ ଘୋଷଣା ହେଉ ଜିଲ୍ଲା



ଜଳେଶ୍ୱର,୨୦/୧୧ (ନି.ପ୍ର): ଏଣିକି ଜଳେଶ୍ୱରକୁ ଏକ ସବ୍‌ଡିଭିଜନ୍ ନୁହେଁ, ଜିଲା ଘୋଷଣା ଲାଗି ଆବାଜ ଉଠିଛି । ଭୌଗୋଳିକସ୍ଥିତି ଲାଗି ରାଜ୍ୟର ଉତ୍ତର ସୀମାର ସୁରକ୍ଷା, ପର୍ଯ୍ୟଟନ ବଳୟ ସୃଷ୍ଟି, ସୁବର୍ଣ୍ଣ ନଦୀବାଲିର ସ୍ଥାୟୀ ସମାଧାନ, ଉଦ୍‌ବୃତ୍ତ ବର୍ଷପାଣିର ପରିଚାଳନା ସହିତ ସୁବର୍ଣ୍ଣରେଖା ସଂସ୍କାର ଓ ବେଳଭୂମୀର ସୁରକ୍ଷା ଏବଂ ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା ଓ ବିମାନଘାଟିରର ନବୀକରଣ ଲାଗି ଜଳେଶ୍ୱରକୁ ଏକ ଜିଲା ଘୋଷଣା ଲାଗି ବହୁ ବୁଦ୍ଧିଜିବି ଦାବି କରିଛନ୍ତି । ୧୯୭୬ ମସିହାରେ ବିଧାନସଭା ଓ ବିଧାନସଭା ବାହାରେ ଜଳେଶ୍ୱରକୁ ସବ୍‌ଡିଭିଜନ୍ ଲାଗି ଦାବି ହୋଇଥିଲା । ପରେ ଜଳେଶ୍ୱର ଓକିଲ ସଂଘ, ବଣିକ ସଂଘ, ବିଭିନ୍ନ ସମୟରେ ବିଧାୟକ ଓ ସାଂସଦ ମାନେ ଜଳେଶ୍ୱରକୁ ସବ୍‌ଡିଭିଜନ୍ ଲାଗି ଦାବି ଉତ୍‌ଥାପନ କରିଆସିଥିଲେ । ସମାଜକଲ୍ୟା ବିକାଶ ପରିଷଦ ଗତ ୩୦-୩-୨୦୧୬ରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ବିଜଶ୍ରୀ ରାଉତରାୟଙ୍କ ଠାରେ ବଳିଷ୍ଠ ଯୁକ୍ତି ଉତ୍‌ଥପନ କରିବାପରେ ଡିଏଲ୍ ନଂ ୧୩୨ (ଆର୍), ଏମ୍.ଆର୍.ଡି. ତା ୩୦-୩-୨୦୧୬ରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ସଚିବଙ୍କୁ ଲେଖିଥିଲେ । ଫଳରେ ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ ଏକ ଷ୍ଟାଣ୍ଡିଂ କମିଟି ଗଠନ ହୋଇ ୧୯-୫-୨୦୧୮ରେ ରାଜ୍ୟରେ ୧୪ଟି ସବ୍‌ଡିଭିଜନ୍ ଘୋଷାଣା ଲାଗି ଉପଯୁକ୍ତ ସ୍ଥାନ ବୋଲି ମତ ଦେଇଥିଲା । ବାରମ୍ବାର ଦାବି ଓ ବଳିଷ୍ଠ ଯୁକ୍ତି ଦର୍ଶାଯାଇ ଆସୁଥିଲେ ମଧ୍ୟ ଅଦ୍ୟାବଧି ସବ୍‌ଡିଭିଜନ୍ ଘୋଷଣା ହୋଇ ପାରିନାହିଁ । ଗତ ୨ଦିନ ତଳେ ପଦ୍ମପୁର ଉପନିର୍ବାଚନ ବେଳେ ଆସନ୍ତା ଡିସେମ୍ବର ମାସରେ ନୂଆ ଜିଲା ଘୋଷଣା ସଂପର୍କରେ କୁହାଯାଇଛି । ବିଭିନ୍ନ ସମସ୍ୟା ଓ ପରିସ୍ଥିତିକୁ ଲକ୍ଷ୍ୟକରି ନୂତନ ଜିଲା ଘୋଷଣା କରାଯିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ବିଭିନ୍ନ ସମସ୍ୟା ବହୁଳ ଜଳେଶ୍ୱରକୁ ଜିଲ୍ଲା ଘୋଷଣା ଲାଗି ଜଳେଶ୍ୱରର ବହୁ ବୁଦ୍ଧିଜିବୀ ଦାବି ଉଠାଇଛନ୍ତି । ଏବେ ରାଜ୍ୟର ଦେବଗଡ, ନୂଆପଡା, ବୌଦ ଭଳି କେତେକ ଜିଲାର ଲୋକ ସଂଖ୍ୟା ୫ଲକ୍ଷ ମଧ୍ୟରେ ଥିବା ବେଳେ ଜଳେଶ୍ୱରକୁ କେନ୍ଦ୍ର କରି ପ୍ରତିଷ୍ଠା ହେବାକୁ ଥିବା ଜଳେଶ୍ୱର ଜିଲା ଲୋକ ସଂଖ୍ୟା ପ୍ରାୟ ୧୨ଲକ୍ଷ ହେବ । ପୂର୍ବରୁ ସବ୍ ଡିଭିଜନ୍‌ଲାଗି ଦାବି ହୋଇ ଆସୁଥିବା ବେଳେ ଏବେ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଅଂଚଳକୁ ନେଇ ଏହା ଘୋଷଣା ଲାଗି ଦାବି ହେଉଥିବା ବେଳେ ଏସବୁ ସହିତ ରାସଗୋବିନ୍ଦପୁର ଅଂଚଳକୁ ଏଥିରେ ଯୋଡିବାକୁ ବୁଦ୍ଧିଜିବିମାନେ ଦାବି କରିଛନ୍ତି । ଜଳେଶ୍ୱର ହଜରେ ବର୍ଷ ତଳର ଏକ ଐତିହାସିକ ସ୍ଥାନ । ମୋଗଲ ସମ୍ରାଟଙ୍କ ରାଜତ୍ୱ କାଳରେ ଜଳେଶ୍ୱର ଏକ ଜିଲା (ସରକାର)ଭାବେ ପରିଗଣିତ ହେଉଥିଲା । ଚୈତନ୍ୟଦେବ ପୁରୀ ଗଲାବେଳେ ଜଳେଶ୍ୱରରେ ଅବସ୍ଥାନ କରିଥିଲେ । ଏକଦା ସମଗ୍ର ପୂର୍ବ ଭାରତରେ ରାଇବଣିଆ ଦୁର୍ଗ ଶ୍ରେଷ୍ଠଭାବେ ପରିଗଣିତ ହେଉଥିଲା । ଏସିଆର ସର୍ବବୃହତ ଶିବ ଲିଙ୍ଗ ଭୁଷଣ୍ଡେଶ୍ୱର, ନିସ୍ତବ୍ଧ ବେଳାଭୂମୀ ଉଦୟପୁର-ତାଳସାରୀ, ସର୍ବବୃହତ ଚଡକମେଳ ଚନ୍ଦନେଶ୍ୱର, ସୁବୃତହ କାଷ୍ଠ ନିର୍ମିତ ଦେବୀପୀଠ ବିଜୟ ବାସୁଳୀ, ଲକ୍ଷ୍ମଣନାଥ ମହାଶୟ ଗଡ, ଡଗର ବେଳାଭୂମୀ, ବାଲିଆପାଳ ଜଗନ୍ନାଥ ମନ୍ଦିର, ରାସଗୋବିନ୍ଦ ପୁରର ବିମାନଘାଟ ଇତ୍ୟାଦି ରହିଥିବାରୁ ଏହାର ବିକାଶ ଓ ସୁପରିଚଳାନା ଲାଗି ପ୍ରଶାସନୀକ ତତ୍ପରତା ଆବଶ୍ୟକ । ସୁବର୍ଣ୍ଣରେଖା ନଦୀଦ୍ୱାରା ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲିଆପାଳ ଓ ରାସଗୋବିନ୍ଦପୁର ବ୍ଲକ ସୁଜଳା ସୁଫଳା ହେଉଥିବା ବେଳେ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥାଏ । ସ୍ଥାୟୀ ସମାଧାନ ଲାଗି ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ହେବା ସହିତ ସୁବର୍ଣ୍ଣରେଖା ବନ୍ଦର ପ୍ରତିଷ୍ଠା ଲାଗି ପ୍ରଶାସନୀକ କ୍ଷମତାର ଆବଶ୍ୟକତା ରହିଛି ।

## ଶାନ୍ତିକାନନରେ କବିବର ରାଧାନାଥ ରାୟଙ୍କ ଉପରେ ଆଲୋଚନା

## ରାଧାନାଥ ଥିଲେ ସୃଜନଶୀଳ ଓ ପରମ୍ପରା ଅନୁଗାମୀ : କୃଷ୍ଣ ବଳ



ବାଲେଶ୍ୱର,୨୦/୧୧ (ନି.ପ୍ର): କବିବର ରାଧାନାଥ ରାୟ ଓଡ଼ିଆ କାବ୍ୟରେ ନୂତନ ସ୍ୱାଦ ଭରି ଓଡ଼ିଆ ପାଠକଙ୍କୁ ସମର୍ପଣ କରିଛନ୍ତି । ନୂତନ ଶୈଳୀ, ନୂତନ ଚିନ୍ତାଧାରା ଓ ନୂତନ ଭାବଧାରା ସାହିତ୍ୟରେ ପ୍ରୟୋଗ କରି ସେ ଆମ ସାହିତ୍ୟକୁ ବିଶ୍ୱ ସାହିତ୍ୟର ସମକକ୍ଷ କରିପାରିଛନ୍ତି ବୋଲି ଆମେ ତାଙ୍କୁ ଯୁଗସ୍ରଷ୍ଟାର ଆସନରେ ବସାଇ ଦେଇଛୁ । ଜଣେ ସାହିତ୍ୟିକ, ବିଦଗ୍ଧ ବକ୍ତା ଓ ବାଗ୍ମୀ ପୁରୁଷ ଡ.କୃଷ୍ଣ ଚରଣ ବଳ ଶାନ୍ତିକାନନଠାରେ ରାଧାନାଥଙ୍କ ସାହିତ୍ୟ ଆଲୋଚନା କରିବା ଅବସରରେ ପ୍ରତ୍ୟେକ ସମୀକ୍ଷାରେ ସୃଜନୀୟ ବୈଭବ ଅଛି ପ୍ରକାଶ କରିଥିଲେ । ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଏହି ରାଧାନାଥଙ୍କ ସମ୍ପର୍କୀୟ ଆଲୋଚନା ପରିଷଦର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଡ. ସୁବାସଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରାଧାନାଥଙ୍କର କାବ୍ୟ କବିତାମାନ ଗଡ୍ଡାଳିକା ପ୍ରବାହରୁ ମୁକ୍ତ ହୋଇ ଆମ ସାହିତ୍ୟକୁ ବିଶ୍ୱସାହିତ୍ୟର ଧାରା ଆଡ଼କୁ ଅଗ୍ରସର କରାଇଥିଲା ବୋଲି ମତ ଦେଇଥିଲେ । ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ ରାଧାନାଥଙ୍କ କାବ୍ୟକବିତାର ବିଷୟବସ୍ତୁର ସ୍ୱରୂପକୁ ଶ୍ରୋତାମାନଙ୍କୁ ଅବଗତ କରାଇଥିଲେ । ଆଲୋଚନା ଚକ୍ରର ଆରମ୍ଭରେ ଓଡ଼ିଆ ସାହିତ୍ୟର ଦିଗ୍‌ଗଜ ସମାଲୋଚକ, ଫକୀରମୋହନ ସାହିତ୍ୟର ଜଣେ ତତ୍ତ୍ୱଦର୍ଶୀ ଆଲୋଚକ, ଓଡ଼ିଆ ଭାଷାଚର୍ଚ୍ଚାର ପୁରୋଧା ତଥା ଜର୍ମାନର ଗବେଷକଙ୍କ ସହ ମିଳିତଭାବରେ ଓଡ଼ିଶା ସମ୍ପର୍କରେ ଗ୍ରନ୍ଥ ରଚନାକାରୀ ଗଗନେନ୍ଦ୍ର ନାଥ ଦାଶଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାର୍ପଣ କରାଯାଇଥିଲା । ତପନ ରାୟ ଅତିଥିମାନଙ୍କର ମଞ୍ଚାବାହନ କରିଥିବା ବେଳେ ଡ.ସାରଙ୍ଗଧର ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ନିବାରଣ ଜେନା, ଡ.ହରିଶ୍ଚନ୍ଦ୍ର ବେହେରା, ଡ.ଅରବିନ୍ଦ ଗିରି, ଡ.ମାନସରଞ୍ଜନ ସାମଲ ଆଦି ଆସରରେ ଯୋଗ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo